## ତୀରନ୍ଦାଜ ବିଶ୍ୱକପ୍-୨୦୨୪
### ସ୍ୱର୍ଣ୍ଣ ପଦକ ଜିତିଲା ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
TM
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00
• ବର୍ଷ-୩୧ • ସଂଖ୍ୟା-୧୧୮ • ୨୬ ମଇ ୨୦୨୪, ରବିବାର • ଭୁବନେଶ୍ୱର • Vol -31 • Issue-118 • 26th May 2024, Sunday • Bhubaneswar
Licensed to post without pre-payment of postage No- BN-60/22-24

# ତୃତୀୟ ପର୍ଯ୍ୟାୟ ଭୋଟ : ମତଦାନ ହାର ୬୦.୭%




**ଭୁବନେଶ୍ୱର,୨୫/୦୫**
**ନ୍ୟୁଜ ବ୍ୟୁରୋ**

ଶନିବାର ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ୬ଟି ଲୋକସଭା ଓ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହୋଇଛି। ଅପରାହ୍ନ ୬ଟା ସୁଦ୍ଧା ମତଦାନ ହାର ଆପାତତଃ ୬୦.୦୭ ପ୍ରତିଶତ ରହିଛି ଓ ଭୋଟିଂ ସମାପ୍ତ ହେବା ପରେ ଏହି ଭୋଟ୍ ପ୍ରତିଶତ ହାର ବଢ଼ିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଏହି ପର୍ଯ୍ୟାୟରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରରେ ୫୩.୫୪%, କଟକରେ ୫୪.୩୬%, ଢେଙ୍କାନାଳରେ ୬୦.୮୮%, କେନ୍ଦୁଝରରେ ୬୨.୪୩%, ପୁରୀରେ ୬୧.୧୭% ଏବଂ ସମ୍ବଲପୁରରେ ସର୍ବାଧିକ ୬୮.୮୭ ପ୍ରତିଶତ ମତଦାନ ହୋଇଛି। ସେହିପରି ନିର୍ବାଚନ ଅନୁଷ୍ଠିତ ହୋଇଥିବା ବିଧାନସଭା କ୍ଷେତ୍ରର ଭୋଟ ପ୍ରତିଶତ ହିସାବ ଅନୁସାରେ ବେଗୁନିଆରେ ୬୫.୭୦% ମତଦାନ ହୋଇଥିବା ବେଳେ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୪୪.୧୨%, ଭୁବନେଶ୍ୱର ଉତ୍ତର -୪୫%, ଏକାମ୍ର ଭୁବନେଶ୍ୱର ୪୯.୫୦%, ଜଟଣୀ ୫୨.୪୦%, ଜୟଦେବ ୬୪.୮୦%, ଖୋର୍ଦ୍ଧା ୫୮.୧୨% ମତଦାନ ହୋଇଛି। ମୁଖ୍ୟନିର୍ବାଚନ ଅଧିକାରୀ ଏହି ପର୍ଯ୍ୟାୟରେ ଭୋଟର ମାନେ ଅପୂର୍ବ ଆନନ୍ଦ ଉତ୍ସାହର ସହ ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ମତଦାନ କରି ଜାତୀୟ କର୍ତ୍ତବ୍ୟ ନିଭାଇଥିବାରୁ ଏବଂ ସମସ୍ତ ବର୍ଗର ଭୋଟର ଯଥା ନୂଆ ଭୋଟର, ଯୁବ ଭୋଟର, ମହିଳା, ଭିନ୍ନକ୍ଷମ, ତୃତୀୟ ଲିଙ୍ଗୀ, ଆଦିମ ଜନଜାତି ସାମିଲ ହୋଇ ନିଜର ମତାଧିକାରୀ ସାବ୍ୟସ୍ତ କରିବା ସହ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥିବାରୁ ସାଧୁବାଦ ଜଣାଇଛନ୍ତି। ଏହା ଛଡା ଶାନ୍ତି ଶୃଙ୍ଖଳାର ସହ ମତଦାନ (ପୃଷ୍ଠା ୭ରେ)

## ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୁସଲମାନ ମାନଙ୍କୁ ସଂରକ୍ଷଣ ନାହିଁ: ମୋଦି



**ପାଟନା, ୨୫/୦୫**

ବିହାରର ଆଠଟି ଲୋକସଭା ଆସନ ପାଇଁ ଷଷ୍ଠ ପର୍ଯ୍ୟାୟ ଭୋଟ୍ ଶେଷ ହୋଇଛି। ସେପଟେ ସପ୍ତମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚାର କରିବା ଲାଗି ପାଟନାରେ ପହଞ୍ଚିଛନ୍ତି। ବିକ୍ରମସ୍ଥିତ ନିର୍ବାଚନ ସଭାକୁ ସମ୍ବୋଧିତ କରି ପାଟଳିପୁତ୍ର ଲୋକସଭା ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ରାମକ୍ରିପାଲ ଯାଦବଙ୍କ ପାଇଁ ପ୍ରଚାର କରିଛନ୍ତି। ବିହାରର ସାମାଜିକ ନ୍ୟାୟ ସମ୍ବନ୍ଧରେ ସମଗ୍ର ଦେଶକୁ ସଚେତନ କରିଛି। ବିହାର ଏସସି-ଏସଟି ଏବଂ ଓବିସି ସଂରକ୍ଷଣ ପାଇଁ ଏକ ଦୀର୍ଘ ଯୁଦ୍ଧ କରିଛି। ଆରଜେଡି, କଂଗ୍ରେସ ଏବଂ ଇଣ୍ଡିଆର ସହଯୋଗୀ ଦଳ ଏହି ଲୋକଙ୍କ ପ୍ରତି ବିଶ୍ୱାସଘାତକତା କରୁଛନ୍ତି। ଆମର ସମ୍ବିଧାନ କହିଛି ଯେ ଭାରତରେ ଧର୍ମ ଆଧାରରେ କୌଣସି ସଂରକ୍ଷଣ ରହିବ ନାହିଁ। ବାବା ସାହେବ ଆମ୍ବେଦକର କହୁଥିଲେ ଧର୍ମ ଆଧାରରେ କୌଣସି ସଂରକ୍ଷଣ ରହିବ ନାହିଁ। କିନ୍ତୁ, ଆରଜେଡି ଏବଂ କଂଗ୍ରେସ ଭୋଟ୍ ବ୍ୟାଙ୍କ୍ କରିଛନ୍ତି। ଧର୍ମ ଆଧାରରେ ସେମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ଭୋଟ୍ ବ୍ୟାଙ୍କକୁ ସଂରକ୍ଷଣ ଦେବାକୁ ଚାହୁଁଛନ୍ତି। ଯେତେବେଳେ ମୁଁ ସେମାନଙ୍କ ଷଡଯନ୍ତ୍ରର (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଆଜି ପଶ୍ଚିମବଙ୍ଗ ଉପକୂଳ ଛୁଇଁବ ଭୟଙ୍କର ସାମୁଦ୍ରିକ ଝଡ଼ 'ରେମାଲ'

**ନୂଆଦିଲ୍ଲୀ, ୨୫/୦୫**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ସନ୍ଧ୍ୟା ସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ରବିବାର ରାତିରେ ପଶ୍ଚିମବଙ୍ଗ ଓ ବାଂଲାଦେଶର ସଂଲଗ୍ନ ଉପକୂଳରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଏହାର ପ୍ରଭାବରେ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବା ସହ ୧୩୫ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ରବିବାର-ସୋମବାରରେ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଦେଇଛି। ୨୭-୨୮ ତାରିଖରେ ଉତ୍ତର-ପୂର୍ବ ଭାରତର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଲ୍ୟାଣ୍ଡଫଲ୍ ସମୟରେ ଉପକୂଳ ପଶ୍ଚିମବଙ୍ଗ ଓ ବାଂଲାଦେଶର ତଳିଆ ଅଞ୍ଚଳରେ ୧.୫ ମିଟର ପର୍ଯ୍ୟନ୍ତ ସାମୁଦ୍ରିକ ଜୁଆର ସହ ଝଡ଼ ତୋଫାନ ସଂପୃକ୍ତ ଅଞ୍ଚଳକୁ ଜଳମଗ୍ନ କରିବାର ସମ୍ଭାବନା ରହିଛି। ଆସନ୍ତା ୨୭ ତାରିଖ ସକାଳ ପର୍ଯ୍ୟନ୍ତ ଉତ୍ତର ବଙ୍ଗୋପସାଗରରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପାଣିପାଗ ବିଭାଗ ସତର୍କ କରାଇଦେଇଛି। ପାଣିପାଗ ବିଭାଗ ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ଜିଲ୍ଲା ଦକ୍ଷିଣ ଓ ଉତ୍ତର ୨୪ ପ୍ରଗଣା ପାଇଁ ମେ ୨୬ ଓ ୨୭ରେ ରେଡ୍ ଆଲର୍ଟ ଜାରି କରିଛି, ଯେଉଁଠାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଜାରି ବୁଲେଟିନରେ କୁହାଯାଇଛି ଯେ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସାଗର ଦ୍ୱୀପଠାରୁ ପ୍ରାୟ ୩୮୦ କିଲୋମିଟର ଦକ୍ଷିଣରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଲଘୁଚାପ ଶନିବାର ସନ୍ଧ୍ୟା ସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ଉତ୍ତର ଦିଗକୁ ଗତି କରିବ। ରବିବାର ସକାଳ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ସାଗର ଦ୍ୱୀପ ଓ ଖେପୁପଡ଼ା ମଧ୍ୟରେ ପଶ୍ଚିମବଙ୍ଗ ଓ ସଂଲଗ୍ନ ବାଂଲାଦେଶ ଉପକୂଳ ଅତିକ୍ରମ କରିବ। ରବିବାର ମଧ୍ୟରାତ୍ରିରେ ଘଣ୍ଟା ପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଉତ୍ତର ଭାରତ ମହାସାଗର ଅଞ୍ଚଳରେ (ପୃଷ୍ଠା ୭ରେ)



# ଭୋଟ ଦେଲେ ମୁଖ୍ୟମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି



**ଭୁବନେଶ୍ୱର, ୨୫/୦୫**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟ ଦେଇଛନ୍ତି। ଶନିବାର ସକାଳେ ଭୁବନେଶ୍ୱର ଏରୋଡ୍ରମ୍ ପ୍ରାଇମେରୀ ସ୍କୁଲର ୧୧୪ନଂ ବୁଥରେ ମୁଖ୍ୟମନ୍ତ୍ରୀ ଭୋଟ ଦେଇଛନ୍ତି। ଗଣତନ୍ତ୍ରର ଏହି ମହାପର୍ବରେ ସମସ୍ତ ଭୋଟର ନିଜ ମତଦାନ ଅଧିକାର ସାବସ୍ତ୍ୟ କରିବାକୁ ସେ ଅପିଲ କରିଛନ୍ତି। ଖାସ କରି ଯୁବ ଭୋଟରମାନେ ଭୋଟ ଦେବାକୁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜେଡି ଉଭୟ ବିଧାନସଭା ଓ ଲୋକସଭା ଆସନରେ ବିପୁଳ ବିଜୟ ଲାଭ କରିବ ବୋଲି ଆଶା କରୁଛୁ । ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ପୁଣିଥରେ ବିଜୁ ଜନତା ଦଳ ଏକ ସ୍ଥିର ସରକାର ଗଢିବ । ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଉପସ୍ଥିତ ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସେମାନେ ତାଙ୍କ ସହ ସେଲଫି ବି' ନେଇଥିଲେ। ସେହିପରି ଶନିବାର ବିଭିନ୍ନ ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମଧ୍ୟ ନିଜ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ସମସ୍ତ ଭୋଟର ନିଜ ନିଜର ମତସାବ୍ୟସ୍ତ କରିବାକୁ ସେମାନେ ନିବେଦନ କରିଛନ୍ତି ।

କଟକ ବିଜେଡି ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର କହିଛନ୍ତି, ଯାହାର ମତଦାନର ଅଧିକାର ଅଛି ସମସ୍ତେ ଭୋଟ ଦିଅନ୍ତୁ। ଶନିବାର ସକାଳୁ ସକାଳୁ ମତଦାନ କେନ୍ଦ୍ରରେ ଭିଡ଼ ଜମିଛି। ଏହା ବେଶ୍ ଉତ୍ସାହଜନକ ଓ ଗଣତନ୍ତ୍ର ପାଇଁ ବେଶ୍ ଶୁଭ । ରାଜ୍ୟର ବରିଷ୍ଠ ଓ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ବି ଶନିବାର ଭୋଟ୍ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ, ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ପ୍ରମୁଖ ଧାଡ଼ିରେ ଛିଡ଼ା ହୋଇ ଭୋଟ୍ ଦେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି, ପୂର୍ବ ଥର ଅପେକ୍ଷା ଏଥର ମତଦାନ ହାର ଅଧିକ ରହିଛି। ନାଗରିକମାନେ କିପରି ସୁରୁଖୁରୁରେ (ପୃଷ୍ଠା ୭ରେ)

# ଭାରତୀୟ ଜ୍ୟୋତିଷ କଲେ ପୂର୍ବାନୁମାନ, କେବେ ହେବ ତୃତୀୟ ବିଶ୍ୱଯୁଦ୍ଧ !



**ନୂଆଦିଲ୍ଲୀ, ୨୫।୫**

ତୃତୀୟ ବିଶ୍ୱଯୁଦ୍ଧର ଚର୍ଚ୍ଚା ଅନେକ ଦଶନ୍ଧି ଧରି କଳ୍ପନା ଏବଂ ବିତର୍କର ବିଷୟ ହୋଇଆସୁଛି। ପ୍ରଥମ ଦୁଇଟି ବିଶ୍ୱଯୁଦ୍ଧର ଘାତକ ପ୍ରଭାବ ବିଶ୍ୱର ସ୍ମୃତିରେ ରହିଆସିଛି, ଅନ୍ୟ ଏକ ବଡ଼ ଧରଣର ବିବାଦର ଫଳାଫଳ ଉଭୟ ଭୟାନକ ଏବଂ ବହୁ ପ୍ରଭାବଶାଳୀ ହୋଇପାରେ। ନୋଷ୍ଟ୍ରାଡାମସ ଏବଂ ବାବା ଭଙ୍ଗାଙ୍କ ସମେତ ଅନେକ ଜ୍ୟୋତିଷମାନେ ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ ପୂର୍ବାନୁମାନ କରିଛନ୍ତି କିନ୍ତୁ ଏହାର ସମ୍ଭାବନା ଅନିଶ୍ଚିତ ରହିଛି। ତଥାପି, ସମୟ ସମୟରେ, ଏହିପରି ଭବିଷ୍ୟବାଣୀ ବିଷୟରେ ଖବର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖାଯାଏ ଏବଂ ବହୁ ଧ୍ୟାନ ଆକର୍ଷଣ କରେ। ଏହି କ୍ରମରେ ସବିଶେଷ ଖବର ହେଉଛି ଭାରତୀୟ ଜ୍ୟୋତିଷ କୁଶଲ କୁମାରଙ୍କ ଦ୍ୱାରା ପ୍ରସ୍ତୁତ ଏକ ଭବିଷ୍ୟବାଣୀ। ଏକ ଲିଙ୍କଡିନ୍ ପୋଷ୍ଟରେ, ସେ ସେୟାର କରି କୁମାର ଦାବି କରିଛନ୍ତି ଯେ ବିଶ୍ୱଯୁଦ୍ଧ ୩ ସପ୍ତାହ ବାକି ଅଛି। ତାଙ୍କର ଲିଙ୍କଡିନ୍ ପ୍ରୋଫାଇଲ ଅନୁଯାୟୀ, କୁମାର ଜଣେ ବୈଦିକ (ପୃଷ୍ଠା ୭ରେ)



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ମଇ ୨୦୨୪ ରବିବାର







କେନ୍ଦୁଝର: ଅସହ୍ୟ ଗରମ ଯୋଗୁ ହାତୀଙ୍କ ଜଳକ୍ରୀଡ଼ା



ଓଃ କି ଶାନ୍ତି (ଫଟୋ: ସୁରଜିତ ନାୟକ)

## ରମ୍ଭା ଚନ୍ଦନ ଯାତ୍ରା ପାଇଁ ପଦାଧିକାରୀ ମାନଙ୍କ ବୈଠକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଦିନ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହ ପରିସରରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଲାଙ୍କ ଅଧ୍ୟକ୍ଷତାରେ ଚନ୍ଦନ ଯାତ୍ରା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ଟି.ପି.ଏସ.ଓ.ଡି.ଏଲ, ପି.ଏଚ.ଡି, ଫାୟାର, ପୋଲିସ ସମେତ ଆନୁସାଙ୍ଗିକ ଯାତ୍ରା ପ୍ରଯୁଜ୍ୟ ବିଭିନ୍ନ ବିଭାଗର ପଦାଧିକାରୀ ମାନଙ୍କୁ ନେଇ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ନିରବିଚ୍ଛିନ୍ନ ସେବାରେ ଯେପରି ତ୍ରୁଟି ନ ଘଟେ ସେପରି ଦୃଷ୍ଟି ଦେବା ପାଇଁ ମତପ୍ରକାଶ ପାଇଥିଲା । ସହରର ମୁଖ୍ୟ ରାସ୍ତା ପାର୍ଶ୍ୱ, ସାହି ବସ୍ତି ଛକ, ସ୍ୱର୍ଣ୍ଣ କାତର ଜାଗା ମାନଙ୍କରେ ଅତିରିକ୍ତ ପାଣି ଟାଙ୍କିର ବ୍ୟବସ୍ଥା, ସନ୍ଧ୍ୟା ୪ ଘଣ୍ଟିଆ ପରେ ମଦ ଦୋକାନ ବନ୍ଦ ପାଇଁ ଏକ୍ସ ସାଇଜ୍ ବିଭାଗକୁ ଜଣାଇ ଦିଆଯାଇଥିବା ସୂତ୍ରରୁ ଜଣାପଡିଛି । ତତ୍ ସଙ୍ଗେ ସଙ୍ଗେ ସ୍ଥାନୀୟ ପୋଲିସ ପକ୍ଷରୁ ଚନ୍ଦନ ଯାତ୍ରା ପାଇଁ ଟୁ ହ୍ୱିଲର ପାର୍କିଂ ବ୍ୟବସ୍ଥା, ନାକା ବନ୍ଦି, ମଦ୍ୟପ ଉପରେ କଡ଼ା ନଜର, ଆଣ୍ଟି ସୋସିଆଲ ଉପରେ ତୀକ୍ଷ୍ଣ ଦୃଷ୍ଟି, ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ସମେତ ବିଶୃଙ୍ଖଳା କାରୀଙ୍କୁ ତୁରନ୍ତ ମୋକଦ୍ଦମା ରୁଜୁ କରାଯାଇ କୋର୍ଟ ଫରୱାର୍ଡ ହେବାର ବ୍ୟବସ୍ଥା ସମେତ ଅନେକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରମ୍ଭା ଥାନା ଆଇ.ଆଇ.ସି ସତ୍ୟବ୍ରତ ଭୁତିୟାଙ୍କ ଠାରୁ ପ୍ରକାଶ ବିଶେଷ କରି ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଶାନ୍ତି ବୈଠକରେ ଗଣମାଧ୍ୟମକୁ ଅଣଦେଖା କରାଯାଇଥିବା ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି ।



## ବୌଦ୍ଧରେ ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟରେ ଯୋଗଦାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଦିଲ୍ଲିପ କୁମାର ମହାପାତ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଶ୍ରୀ ମହାପାତ୍ର ପ୍ରଥମେ ଜିଲ୍ଲାପାଳ ଜେ. ସୋନାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ପରେ କାର୍ଯ୍ୟରେ ଯୋଗଦାନ କରି ବୌଦ୍ଧର ଅତିରିକ୍ତ ଜିଲ୍ଲାପାଳ ଥିବା ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ଅପରାହ୍ନରେ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ଜିଲ୍ଲାପାଳ ଥିବା ଶ୍ରୀ ପାତ୍ରଙ୍କ ସ୍ଥାନରେ ତୁରନ୍ତ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କ ଲଘୁ ଖଣିଜ ବିଭାଗର ଉପ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ବର୍ତ୍ତମାନ କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି ।

# ମିଠା ଜହର (କାର୍ବାଇଡ୍) ମାଡ଼ରେ ପାଚିଲା ଆମ୍ବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏବେ ବଜାରରେ ପାଚିଲା ଆମ୍ବ । ସହରର ଛକ ଗୁଡ଼ିକରେ ବିଭିନ୍ନ କିସମର ଆମ୍ବ ଠାରୁ ଆରମ୍ଭ କରି କଦଳୀ, ଲିଚୁ ସମେତ ଅନେକ ଫଳ ବିକ୍ରି ହେଉଛି । ଆମ୍ବର ଚାହିଦା ଅଧିକ ରହିଥିବାରୁ ଚାରିଆଡ଼େ ଆମ୍ବ ବେପାର । ବିଭିନ୍ନ କିସମର ଆମ୍ବ ବିକ୍ରି ହେଉଥିବା ବେଳେ ଚାହିଦା ଅଧିକ । ରାସ୍ତାକଡ଼ରେ ପାଚିଲା ଆମ୍ବକୁ ଦେଖି ଭିଡ଼ ଜମାଇବା ସହ ଲୋକେ ନିଜ ପସନ୍ଦର ଆମ୍ବ କିଣି ନେଉଛନ୍ତି । ଆମ୍ବକୁ ଛାଡ଼ିଦେଲେ ଏବେ ବଜାରରେ ଲିଚୁ ବିକ୍ର ଆରମ୍ଭ ହୋଇଯାଇଛି । ସେହିଭଳି ସହରର କିଛି ପ୍ରମୁଖ ଛକରେ ପଣସ ଓ ତାଳ ବିକ୍ରି ହେଉଛି । ଯେଉଁଭଳି ଭାବେ ପାଚିଲା ଆମ୍ବ ଗୁଡ଼ିକୁ ସଜାଇ ବିକ୍ରି ହେଉଛି ଯେକୌଣସି ଲୋକେ ମିଠା ଆମ୍ବ ଲୋଭରୁ ମୁହଁ ଫେରାଇପାରୁନାହିଁ । ତେବେ ଏହି ସୁଆଦିଆ ଆମ୍ବକୁ ପଚାଇବାକୁ



ଅଧିକାଂଶ ସ୍ଥାନରେ ବ୍ୟବହାର ହେଉଛି ମାରାତ୍ମକ ରାସାୟନିକ ସାମଗ୍ରୀ । କମ୍ ଦିନରେ ଆମ୍ବ, କଦଳୀ ସମେତ ଅନ୍ୟାନ୍ୟ ଫଳକୁ ପଚାଇବା ପାଇଁ ବ୍ୟବହାର କରାଯାଉଛି କାର୍ବାଇଡ୍ ନାମକ ଏକ ରାସାୟନିକ ଦ୍ରବ୍ୟ । ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି । ଫଳ ପଚାଇବା ପାଇଁ କୌଣସି ପ୍ରକାର ରାସାୟନିକ ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସରକାରଙ୍କ ସ୍ୱଷ୍ଟ ନିର୍ଦ୍ଦେଶନାମା ରହିଥିଲେ ବି ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ଖାଦ୍ୟ ସୁରକ୍ଷା ଆଇନ୍‌କୁ ଉଲ୍ଲଂଘନ କରାଯାଉଥିବା ବେଳେ ବିଭାଗ ବି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ । ବଜାରକୁ ସାଧାରଣତଃ ଆନ୍ଧ୍ରପ୍ରଦେଶରୁ ଆମ୍ବ ଓ କଦଳୀ ଆସିଥାଏ । ଏହି ଫଳ ପ୍ରାୟତଃ କଞ୍ଚା ଅବସ୍ଥାରେ ଆସୁଥିବା ବେଳେ ତାକୁ କମ୍ ଦିନରେ ପଚାଇବା ପାଇଁ ବ୍ୟବହାର କରାଯାଉଛି ଏହି ରାସାୟନିକ ଦ୍ରବ୍ୟ । ଏହି ପ୍ରକ୍ରିୟା ଆଜି ନୁହଁ ବର୍ଷ ବର୍ଷ ଧରି ଲାଗି ରହିଛି । କେବଳ ଆମ୍ବ ଓ କଦଳୀ ନୁହଁ ଅଧିକାଂଶ ଫଳକୁ ପଚାଇବା ପାଇଁ କ୍ୟାଲସିୟମ୍ କାର୍ବାଇଡ୍ ବ୍ୟବହାର କରାଯାଉଛି । କେତେକାଂଶରେ ଏଥିଲିନ୍ ଗ୍ୟାସ୍‌କୁ ବି ଫଳ ପଚାଇବା ପାଇଁ ବ୍ୟବହାର କରାଯାଉଛି । ସାଧାରଣ ପ୍ରକ୍ରିୟାରେ ଆମ୍ବ ପାଚିବା ପାଇଁ ଅଧିକ ଦିନ ଲାଗିଥାଉଥିବା ଯୋଗୁଁ ବ୍ୟବସାୟୀମାନେ ରାସାୟନିକ ଦ୍ରବ୍ୟକୁ ବ୍ୟବହାର କରି କମ୍ ଦିନରେ ଫଳ ପଚାଇବାକୁ ଚାହୁଁଛନ୍ତି । ଏଭଳି ରାସାୟନିକ ସାମଗ୍ରୀ ବୋଳା ପାଚିଲା ଫଳ ଖାଇଲେ କ୍ୟାନ୍‌ସର ଠାରୁ ଆରମ୍ଭ କରି ଅନ୍ୟାନ୍ୟ ରୋଗ ହେବାର ସମ୍ଭାବନା ରହିଛି । କାର୍ବାଇଡ୍ ବ୍ୟବହାର ଉପରେ ସରକାରୀ କଟକଣା ରହିବା ସତ୍ତ୍ୱେ ଏହାକୁ କେହି ମାନିବା ଅବସ୍ଥାରେ ନାହାନ୍ତି । ଲୋକେ ବି ଏଥିପ୍ରତି ଧ୍ୟାନ ନଦେଇ ପାଚିଲା ଫଳ ଦେଖିଲେ ଏହାକୁ କିଣି ନେଉଛନ୍ତି । ଏ ସମ୍ପର୍କରେ ବ୍ରହ୍ମପୁର ମହାନଗର ନିଗମର ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ମିତା ଖାଡ଼ଙ୍ଗାଙ୍କ ସହ ଯୋଗାଯୋଗ କରାଯିବାରେ ଏ ଦିଗରେ ବିଭାଗ ଦୃଷ୍ଟି ରଖିଛି । କୌଣସି ଫଳକୁ ପଚାଇବା ପାଇଁ କ୍ୟାମିକେଲ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ସାଧାରଣ ପ୍ରକ୍ରିୟାରେ ଫଳ ପଚିବା ଦରକାର । ଗତ ଦୁଇ ସପ୍ତାହ ତଳେ ସହରର କିଛି ଫଳ ଡ଼ିଷ୍ଟ୍ରିବ୍ୟୁଟରଙ୍କ ଗୋଦାମକୁ ଯାଇ ଯାଞ୍ଚ କରାଯିବା ସହ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯାଇଥିଲା । ଏହି ଫଳ ଗୁଡ଼ିକ ଲ୍ୟାବ୍‌ରେ ପହଞ୍ଚିବା ବେଳକୁ ସମ୍ପୂର୍ଣ୍ଣ ପଚିଯାଇଥିବା ଯୋଗୁଁ ଏହା ପରୀକ୍ଷା ଉପଯୋଗୀ ହୋଇପାରିନଥିଲା । ବ୍ୟବସାୟୀମାନେ କମ୍ ଦିନରେ ଫଳ ପଚାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି । ଏହାପରେ ବିଭାଗ ଗୁରୁତ୍ୱ ଦେଉଛି ଏବଂ ପୁଣି ନମୁନା ସଂଗ୍ରହ କରି ପଠାଯିବ ବୋଲି କହିଛନ୍ତି । ରାସାୟନିକ ସାମଗ୍ରୀ ଲଗାଇ ପଚାଯିବା ଫଳରେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି କହିଛନ୍ତି ।

## ଗାଡ଼ି ଧକ୍କାରେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଏକ ଅଜଣା ଗାଡ଼ି ଧକ୍କାରେ ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମର ଜଣେ ସରକାରୀ କର୍ମଚାରୀଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ତାଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ବାଲିଆପଦା ଗ୍ରାମର ମଧୁସୂଦନ ମଲିକ (ମୁନା) ୫୮ ବର୍ଷ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାକିରୀ କରନ୍ତି । ଗତ ଶୁକ୍ରବାର ଦିନ ଅପରାହ୍ନରେ ସେ ନିଜ ଘରକୁ ଫେରୁଥିବା ବେଳେ ଘରର ଅନତି ଦୂରରେ ଥିବା ନଡକାଇ-ଖଣ୍ଡସାହି ଗ୍ରାମ୍ୟ ଉନ୍ନୟନ ରାସ୍ତାର ବୋଧଙ୍ଗ ନିକଟରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ଉଦ୍‌ବେଗ ଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ମର ଶରୀରକୁ ପୈତୃକ ଗ୍ରାମ ବାଲିଆପଦାକୁ ଅଣାଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା । ତାଙ୍କର ପୁତ୍ର ମାନସ ମୁଖାଗ୍ନି ଦେଇଥିଲା ।

## ଟିଟିଲାଗଡ଼ ବିଦ୍ୟୁତ୍ ଡିଭିଜନ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ବିଦ୍ୟୁତ ଡିଭିଜନ୍ କାର୍ଯ୍ୟାଳୟ ତରଫରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । କମ୍ପାନୀର ଡାକ୍ତର ହିମାଂଶୁ ଶେଖର ସିଂହ, କମ୍ପାନୀର ଡେପୁଟି ମ୍ୟାନେଜର (ଏଚ ଆର) କିରଣ୍ମୟ ପରିଡା, ଓଏଜି ସବ୍ୟସାଚୀ ମିଶ୍ର ଏବଂ ଅଭିନାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଟିଟିଲାଗଡ଼ ବିଦ୍ୟୁତ ଡିଭିଜନ ଅଫିସ ଷ୍ଟାଫ୍, ଟିଟିଲାଗଡ଼ ବିଦ୍ୟୁତ ଏସଡ଼ିଓ ଅଫିସ ଷ୍ଟାଫ୍, ଟିଟିଲାଗଡ଼ ବିଦ୍ୟୁତ ସେକ୍ସନ ଅଫିସ (ୱାନ ଏବଂ ଟୁ)ର ଷ୍ଟାଫ୍ ଏବଂ ସଇଁତଲା ବିଦ୍ୟୁତ୍ ଏସଡ଼ିଓ ଷ୍ଟାଫ୍, ବେଲଗାଁ ବିଦ୍ୟୁତ ସେକ୍ସନ୍ ଅଫିସ ଷ୍ଟାଫ୍, ସିନ୍ଧେକେଲା ସେକ୍ସନ୍ ବିଦ୍ୟୁତ ଷ୍ଟାଫ୍ ଏବଂ ଟିଟିଲାଗଡ଼ ଗ୍ରୀଡ଼ର କର୍ମଚାରୀ ମାନଙ୍କ ଶରୀରର ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଜ୍ୱର, କାଶ, ବ୍ଲଡ଼ପ୍ରେସର, ଦରଜ ବଟିକା ଡାକ୍ତରଙ୍କ ପରାମର୍ଶ ଦ୍ୱାରା ବଣ୍ଟନ କରାଯାଇଥିଲା । ସର୍ବ ପ୍ରଥମେ ବିଭାଗର ଡିଭିଜନ୍ ନିର୍ବାହୀ ଯନ୍ତ୍ରୀ ବିନାୟକ ରାଉତଙ୍କ ବଡ଼ି ଚେକ୍‌ଅପ୍ କରାଯାଇଥିଲା ।

## ନବ ଦମ୍ପତିଙ୍କ ରକ୍ତ ଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କନ୍ଦିଆ ଗ୍ରାମର ନବ ଦମ୍ପତି ରାଜେଶ ବାରିକ ଓ ଭଦ୍ରବୀ ବାରିକଙ୍କ ବିବାହର ପ୍ରଥମ ବାର୍ଷିକ ଉତ୍ସବରେ ଗ୍ରୀଷ୍ମ ସମୟରେ ରକ୍ତର ଘୋର ଅଭାବ ଥିବା ଜାଣିବା ପରେ ଉଭୟ ଦମ୍ପତି ସ୍ୱଇଚ୍ଛାରେ ରକ୍ତଦାନ କରିବା ପରେ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିଥିଲେ । ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର ସଦସ୍ୟମାନେ ନବ ଦମ୍ପତିଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ନଳିନୀକାନ୍ତ ବେହେରା, କାଳନ୍ଦୀ ମଲିକ, ମନୋଜ ରାଉତ, ବାସନ୍ତୀ ମହାପାତ୍ର, ମମତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ଜୈବ ବିବିଧତା ଦିବସ ପାଳିତ




**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଏକ ସନ୍ତୁଳିତ ପରିବେଶର ସ୍ଥାୟିତ୍ୱକୁ ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପାଳନ କରାଯାଉଥିବା ବିଶ୍ୱ ଜୈବ ବିବିଧତା ଦିବସ, ବୁଧବାର ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ଯୋଡା ଇଷ୍ଟ ଲୌହ ଖଣି ଏବଂ ଖଣ୍ଡବନ୍ଧ ଖଣିରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ କର୍ମଚାରୀମାନଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ସହିତ ଦୁଇଟି ଯାକ ଖଣି କ୍ଷେତ୍ରରେ ଚାରା ରୋପଣ ମଧ୍ୟ କରାଯାଇଥିଲା । ଟାଟା ଷ୍ଟିଲ୍‌ର ଅଧିକାରୀ ଏବଂ କର୍ମଚାରୀମାନେ ବିଭିନ୍ନ କିସମର ଚାରା ରୋପଣ କରି ସନ୍ତୁଳିତ ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ଜଙ୍ଗଲ କ୍ଷୟ, ପ୍ରାକୃତିକ ସମ୍ପଦର ଅତ୍ୟୁତପାଦନ, ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ବନ୍ୟ ଜୀବଜନ୍ତୁଙ୍କର ବାସସ୍ଥାନ ପ୍ରତି ବିପଦ ସୃଷ୍ଟି ଭଳି ସମସ୍ୟା ଯୋଗୁଁ ପରିବେଶ ଅସନ୍ତୁଳିତ ହେଉଥିବାରୁ, ଏହାର ନିରାକରଣ ପାଇଁ ଆମକୁ ଯତ୍ନବାନ ହେବାକୁ ପଡିବ ବୋଲି ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା । ଏ ବର୍ଷର ବିଷୟବସ୍ତୁ- 'ବି ପାର୍ଟ ଅଫ ଦ ପ୍ଲାନ୍' ଉପରେ ମଧ୍ୟ ଆଲୋଚନା କରାଯାଇ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ଗୁରତ୍ୱାରୋପ କରାଯାଇଥିଲା । ଶେଷରେ ଏକ ସନ୍ତୁଳିତ ପରିବେଶର ସ୍ଥାୟିତ୍ୱ ପାଇଁ, ବ୍ୟକ୍ତିଗତ, ସରକାରୀ ତଥା ବେସରକାରୀ ସ୍ତରରେ ପ୍ରଚେଷ୍ଟା ବ୍ୟତିତ, ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଜନ ସମୁଦାୟକୁ ମଧ୍ୟ ଏଥିରେ ସାମିଲ କରିବାର ଆବଶ୍ୟକତା ରହିଛି ବୋଲି ସମସ୍ତେ ହୃଦ୍‌ବୋଧ କରିଥିଲେ ।

## ୨୦ ବର୍ଷ ହେଲା ମରାମତି ହେଉନି ଗ୍ରାମ୍ୟ ରାସ୍ତା:ଯାତାୟାତରେ ଅସୁବିଧା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ହେଉଛି ପଞ୍ଚାୟତର ଏକ ବଡ଼ଗାଁ । ଦୁଇ ୱାର୍ଡ ବିଶିଷ୍ଟ ଏହାର ଲୋକସଂଖ୍ୟା ୧୩୦୦ ଅଟେ । ତେବେ ପଞ୍ଚାୟତ ପକ୍ଷରୁ ପ୍ରତିଗାଁରେ ଲକ୍ଷ ଲକ୍ଷ ଟଙ୍କାର କାମ ହେଉଥିବା ବେଳେ ଏହି ଗାଁ ପଞ୍ଚାୟତର ସାବତ ପୁଅ ପରି ଅଛି । ୨୦୦୪ ମସିହାରେ ପୂର୍ବତନ ସରପଞ୍ଚ ଚ଼ାପଧାରୀ ମହାଲିକଙ୍କ ସମୟରେ ସାଢେ ସାତ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗାଁ ରାସ୍ତା କଂକ୍ରିଟ ହୋଇଛି । ବର୍ତ୍ତମାନ ଏହା ନଷ୍ଟ ହୋଇ ମେଟାଲଗୁଡିକ ବାହାରିଥିବାରୁ ଯାତାୟାତରେ ବାଧାପ୍ରାପ୍ତ ହେଉଛି । ବିଶେଷକରି ଜହ୍ନାପଙ୍କ - ଚ଼ାରିଶମ୍ଭୁ



ଗ୍ରାମ ଉନ୍ନୟନ ରାସ୍ତା ଠାରୁ ଜେନାସାହି ଦେଇ ନାରାୟଣୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତାରୁ କଂକ୍ରିଟ ଉଠିଯାଇଥିବାରୁ ରାସ୍ତା ଅବସ୍ଥା ଶୋଚ଼ନୀୟ ହୋଇପଡିଛି । ରାସ୍ତା ଅବସ୍ଥା ଏପରି ଯେ ଚାଲିକି ଯିବା ମଧ୍ୟ କଷ୍ଟସାଧ ହୋଇପଡିଛି । ସନ୍ଧ୍ୟାରେ ଯିବାଆସିବା ବେଳେ ଝୁଣ୍ଟି ପଡି ଖଣ୍ଡିଆ ଖାବରା ହେଉଛନ୍ତି । ପଞ୍ଚାୟତ ପକ୍ଷରୁ ୨୦୨୦ ମସିହାରେ କଂକ୍ରିଟ ପାଇଁ ଦୁଇ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । କିଛି ବ୍ୟକ୍ତି ପ୍ରଥମେ ଗାର୍ଡୱାଲ କରାଯାଉ ପରେ କଂକ୍ରିଟ କରାଯିବ ବୋଲି ଅଡ଼ିବସିବାରୁ ଏହା ଅନ୍ୟ ଗାଁକୁ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟ ପଞ୍ଚାୟତର ଗାଁ ରାସ୍ତା କଂକ୍ରିଟ ପାଇଁ ବିଧାୟକ ପାଣ୍ଠିରୁ ଅନୁଦାନ ପାଇଁ ଦେଉଥିବାବେଳେ ୨୦ ବର୍ଷ ମଧ୍ୟରେ ଏହି ଗାଁକୁ କେବଳ ନାମ ମଣ୍ଡପ ପାଇଁ ୨ ଲକ୍ଷ ଟଙ୍କା ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିକଟରେ ପ୍ରତ୍ୟେକ ମଠ, ମନ୍ଦିର ଓ ବିଭିନ୍ନ ଅନୁଷ୍ଠାନକୁ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଉନ୍ନତିକରଣ ପାଇଁ ଅନୁଦାନ ଦେଉଥିବାବେଳେ ଜହ୍ନାପଙ୍କରେ ୨ଟି ମନ୍ଦିର ଥାଇବି ଟଙ୍କାଟିଏ ଦେଇନାହିଁ । ପଞ୍ଚାୟତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି ହେଉଛି ।

## ଗୋଚର ଜମିରେ ଇଟାଭାଟିକୁ ବିରୋଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରୀ ପଞ୍ଚାୟତର ନୂଆଗାଁ ଗ୍ରାମରେ ଜଣେ ବ୍ୟକ୍ତି ଗୋଚର ଜମିକୁ ଜବର ଦଖଲରେ ରଖି ଜୋର ଜବରଦସ୍ତ ସେଠାରେ ଇଟାଭାଟି ନିର୍ମାଣ କରି ବ୍ୟବସାୟ କରୁଥିବା ଏବଂ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଫାଙ୍କୁଥିବା କେତେକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଏହି ଗ୍ରାମରେ ପ୍ରାୟ ୧୫୦୦ ଲୋକ ବସବାସ କରୁଥିବା ବେଳେ ସ୍ଥାନୀୟ ଜଣେ ବ୍ୟକ୍ତି ଗ୍ରାମ ଭିତରେ ଇଟାଭାଟି କରୁଥିବାରୁ ବିଷାକ୍ତ ପ୍ରଦୂଷଣ ଯୋଗୁଁ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେବା ସହ ଶ୍ୱାସରୋଗରେ ପୀଡିତ ହେଉଥିବା ଅଭିଯୋଗ ହୋଇଛି । ଦୀର୍ଘ ୭ ବର୍ଷ ହେଲା ଗୋଚର ଜମିକୁ ଅବରୋଧ କରି ଏଠାରେ ଇଟାଭାଟି ନିର୍ମାଣ କରି ବ୍ୟବସାୟ କରୁଥିବା ବେଳେ ଉକ୍ତ ଗୋଚର ଜମି ଦେଇ ଧାନ ବିଲ ଓ ପଶୁ ଚରାଇବାକୁ ଯାଉଥିବା ଲୋକଙ୍କୁ ମଧ୍ୟ ଛାଡୁ ନଥିବା ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ବେଆଇନ୍ ଇଟାଭାଟିକୁ ବନ୍ଦ କରିବା ସହିତ ଗୋଚର ଜମିକୁ ତାଙ୍କ କବଳରୁ ଉଦ୍ଧାର କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଗ୍ରାମର ସର୍ବେଶ୍ୱର ନାୟକ, ମନୋଜ କୁମାର ବେହେରା, ଅଜୟ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୁଣା ଭଙ୍ଗା ଦଦରା ଇଟାରେ ଚାଲିଛି ସ୍କୁଲ୍ ଗୃହ ନିର୍ମାଣ:ସ୍ଥାୟୀତ୍ୱ ନେଇ ସନ୍ଦେହ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷାର ସାମଗ୍ରୀକ ବିକାଶ ନିମନ୍ତେ ସରକାର ବିଦ୍ୟାଳୟର ଭିତିଭୂମିକୁ ସୁଦୃଢ କରିବା ନେଇ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି । ଏପରିସ୍ଥଳେ ଅସାଧୁ ମେଣ୍ଟ ଯୋଗୁ ସରକାରଙ୍କ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନଥିବାର ଅଭିଯୋଗ ହୋଇଛି । ଏହାର ଏକ ନଗ୍ନ ନମୁନା ନିଶ୍ଚିନ୍ତକୋଇଲି କଟରପଡା କ୍ଷେତ୍ରମୋହନ ବିଦ୍ୟାପୀଠରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟର ନୂତନ ଗୃହ ଭଙ୍ଗାଦଦରା ମିଶ୍ରିତ ଇଟାରେ ତିଆରି କରାଯାଉଥିବାର ଅଭିଯୋଗ ହୋଇଛି । ଫଳରେ ଏହି ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । କଟରପଡା କ୍ଷେତ୍ରମୋହନ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ ନିମନ୍ତେ ସରକାର ୨୪ ଲକ୍ଷ ୭୫ ହଜାର ଟଙ୍କା ମଞ୍ଜୁର କରିଛନ୍ତି । ବ୍ଲକ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଛି । ବାସ୍ତବ ପକ୍ଷେ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ସରକାରୀ କାଗଜପତ୍ରରେ ଥିଲା ବେଳେ ଜନୈକ ଠିକାଦାର ଏହି କାର୍ଯ୍ୟ କରୁଥିବାର ସାଧାରଣରେ କୁହାଯାଉଛି । ଏପରିକି ଏହି ନିର୍ମାଣ କାର୍ଯ୍ୟ ନିମନ୍ତେ କୌଣସି ସୂଚନା ଫଳକ ଦିଆଯାଇ ନଥିବାର ଅଭିଯୋଗ ହୋଇଛି । ଏପରିକି ବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ଗୃହକୁ ଭଙ୍ଗା ଯାଇଛି । ଏହି ଗୃହର ଭଙ୍ଗା ଦଦରା ଇଟା ମିଶାଯାଇ ନୂତନ ଗୃହ ନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି । ଅଟକଳ ଅନୁଯାଇ ଗୃହ ନିର୍ମାଣ କରାଯାଉନଥିଲା ବେଳେ କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟ ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି । ସେହିପରିଭାବେ ଗୃହ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି । ବିଦ୍ୟାଳୟର ଏକ ପୁରୁଣା ଘରର ଛାତ ଉପରେ ମଧ୍ୟ ନୂତନ ଗୃହ ନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି । ଏପରିସ୍ଥଳେ ଗୃହ ଭୁଶୁଡି ପଡିବା ସହ କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦର ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣ ମତ ପ୍ରକାଶ ପାଇଛି । ଏହି ଗୃହ ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଶିକ୍ଷାବିତ ଫକୀର ଚରଣ ନାୟକଙ୍କ ସମେତ ସ୍ଥାନୀୟ ଲୋକେ ଦୃଢ ଦାବି କରିଛନ୍ତି । ଏ ସମ୍ପର୍କରେ ଆମ ପ୍ରତିନିଧି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏନବି ଦଳବେହେରାଙ୍କୁ ପଚାରିବାରୁ ଗୃହ ନିର୍ମାଣରେ କୌଣସି ଅନିୟମିତତା ହୋଇନାହିଁ ବୋଲି ମତବ୍ୟକ୍ତ କରିଥିଲେ ।

# ପଲିଥିନ୍ ପାହାଡ଼ରେ ପରିଣତ ହୋଇଛି ରେଶମ ନଗରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରେ ପଲିଥିନ୍ ଗଦାଗଦା । କହିବାକୁ ଗଲେ ବ୍ରହ୍ମପୁର ସହର ଏବେ ପଲିଥିନ୍ ପାହାଡ଼ ଉପରେ ଠିଆ ହୋଇଛି । କେହି କାହାକୁ ମାନୁନାହାନ୍ତି । ପରିବା ଦୋକାନ ଠାରୁ ଆରମ୍ଭ କରି ବଡ଼ ବଡ଼ ମଲ୍ ପର୍ଯ୍ୟନ୍ତ ସବୁଠି ପଲିଥିନ୍ । କେବଳ ଦଶହରା ଆସିବା ପୂର୍ବରୁ ସହରରେ ପଲିଥିନ୍ ଅଭିଯାନ ଆରମ୍ଭ ହେଉଛି ଏବଂ କିଛି ଖୁଚୁରା ବ୍ୟବସାୟୀଙ୍କ ଠାରୁ ଜରିମାନା ଆଦାୟ କରି ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଚୁପ୍ ହୋଇଯାଉଛି । ଫଳରେ ଏବେ ସହର ପ୍ରଦୂଷିତ ହେବାରେ ଲାଗିଛି । ପଲିଥିନ୍ ପ୍ରଦୂଷଣର ଶିକାର ପ୍ରଥମେ ଗାଇମାନେ । ପଲିଥିନ୍ ଖାଇ ଅସୁସ୍ଥ ହେଉଛନ୍ତି । ବାର୍ଷିକ ପ୍ରାୟ ଶତାଧିକ ଗାଇ ଅସୁସ୍ଥ ହେଉଥିବା ବେଳେ ଅନେକ ଗାଇକୁ ଅସ୍ତ୍ରୋପଚାର କରି ପେଟରୁ ପଲିଥିନ୍ ବାହାର କରାଯାଉଛି । ବ୍ରହ୍ମପୁର ମହାନଗର ନିଗମ ଏଥିପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ ନକଲେ ଆଗାମୀ ଦିନରେ ପଲିଥିନ୍ ଆବର୍ଜନାରେ ସହର ପୋତି ହୋଇଯିବା ଏକ ପ୍ରକାର ନିଶ୍ଚିତ ହେଉଛି । ୨୦୧୯ ଅକ୍ଟୋବର ୨ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ପଲିଥିନ୍ ପ୍ରସ୍ତୁତି ଓ ବ୍ୟବହାର ଉପରେ ବ୍ରହ୍ମପୁର ମହାନଗର ନିଗମରେ ରୋକ୍ ଲାଗିଥିଲା । କଡ଼ାକଡ଼ି ଭାବେ ଏହାକୁ ପାଳନ କରାଯାଇଥିଲା । ସହରରେ କାଗଜ ବ୍ୟାଗ୍ ବଣ୍ଟନ ସହ ପ୍ଲାଷ୍ଟିକ୍ ବଦଳରେ ଗୋଲାପ ଫୁଲ ଦେବା ଏବଂ ସଚେତନତା କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ମଧ୍ୟ କରିଥିଲା ବିଏମ୍‌ସି । କିଛି ଦିନ ସହରରେ ପଲିଥିନ୍ ବ୍ୟବହାର କମିଥିଲା । ଲୋକଙ୍କ ହାତରେ ବ୍ୟାଗ ଦେଖିବାକୁ ମିଳୁଥିଲା ଏବଂ ହୋଟେଲ୍‌ରୁ ପାର୍ସଲ ନେବାକୁ ହେଲେ ସାଙ୍ଗରେ ଟିଫିନ୍ ନେଇ ଯାଉଥିଲେ । କିଛି ଦିନ ଏଭଳି ଚାଲିବା ପରେ ପଲିଥିନ୍ ଉପରେ ଆଉ ଦୃଷ୍ଟି ଦିଆଯାଇନଥିଲା। ଯାହାଫଳରେ ସହରରେ ପୂର୍ବ ଅବସ୍ଥା ଫେରି ଆସିଥିଲା ।



ଏବେ ପୁଣି ସହରରେ ଗଦା ଗଦା ପଲିଥିନ୍ ବ୍ୟବହାର ହେଉଛି । ହୋଟେଲ୍ ମାନଙ୍କରେ ଖାଦ୍ୟ ପାର୍ସଲ୍ ଏବଂ ଖାଇବାକୁ ଦେବା ବେଳେ ବି ପଲିଥିନ୍ ବ୍ୟବହାର ହେଉଛି । ବ୍ୟବହାର ପରେ ଏହି ପଲିଥିନ୍ ବାହାରେ ଫୋପାଡ଼ି ଦିଆଯାଉଛି । ସେଥିରେ ଖାଦ୍ୟ ଲାଗିଥିବାରୁ ଗାଇ ଖାଇ ଅସୁସ୍ଥ ହେଉଛନ୍ତି । ୨୦୨୩ ଅଗଷ୍ଟ ୨ ତାରିଖରେ ଗିରିରୋଡ୍ ମୁଖ୍ୟ ରାସ୍ତାରେ ଗୁରୁତର ଅବସ୍ଥାରେ ଉଦ୍ଧାର ଗାଇ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ଅସ୍ତ୍ରୋପଚାର କରାଯାଇ ୩୦ କିଲୋ ପଲିଥିନ୍ ବାହାର କରାଯାଇଥିଲା । ଯାହା ଦେଖି ସବୁ ଆଶ୍ଚର୍ଯ୍ୟ ହୋଇଥିଲେ । ତେବେ ଏହା ପ୍ରଥମ ନୁହେଁ, ସହରରେ ଏହା ନିୟମିତ ହୋଇଗଲାଣି । ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ କହିଛନ୍ତି ପଲିଥିନ୍ ଯୋଗୁଁ ପରିବେଶ ଦୂଷିତ ହେବା ସହ ସହରର ଗାଇ ଏହାକୁ ଖାଇ ରୋଗାଗ୍ରସ୍ତ ହେଉଛନ୍ତି । ତୁରନ୍ତ ପଲିଥିନ୍ ବ୍ୟବହାର ଉପରେ ରୋକ୍ ଲଗାଯାଉ । ୨୦୧୯ରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀରେ ପ୍ଲାଷ୍ଟିକ୍ ବୋତଲ ବଦଳରେ ଲୋକଙ୍କୁ ଚକୋଲେଟ ଦେବାକୁ ଯୋଜନା ହୋଇଥିଲା । ୩୦୦ ଗ୍ରାମ ଓଜନର ପ୍ଲାଷ୍ଟିକ୍ ବୋତଲ ପାଇଁ ଗୋଟିଏ ଡ଼େରି ମିଲ୍‌କ ଚକୋଲେଟ୍, ୬୦୦ ଗ୍ରାମ ପାଇଁ ଦୁଇଟି, ୯୦୦ ଗ୍ରାମ ପାଇଁ ୩ଟି ଏବଂ ୧ କେ.ଜି. ଓଜନର ବୋତଲ ପାଇଁ ୪ଟି ଚକୋଲେଟ୍ ଦେବାକୁ ଯୋଜନା କରାଯାଇଥିଲା । ୧୮୬ ଜଣ ଜରି ଗୋଟାଳି ଓ କବାଡ଼ିବାଲାଙ୍କୁ ତାଲିମ୍ ମଧ୍ୟ ଦିଆଯାଇଥିଲା । କିନ୍ତୁ ବେଶି ଦିନ ଏହା କାର୍ଯ୍ୟକାରୀ ହୋଇପାରିନଥିଲା । ଏଭଳି ଅନେକ ଯୋଜନା କାର୍ଯ୍ୟକାରୀ ହୋଇନଥିବା ବେଳେ ପଲିଥିନ୍ ବ୍ୟବହାର ଉପରେ ବିଶେଷ କଟକଣା ନଥିବାରୁ ପୁଣି ସହରରେ ବହୁଳ ପଲିଥିନ୍ ବ୍ୟବହାର ଦେଖିବାକୁ ମିଳୁଛି ।




## ଧାମନଗରରେ ବିଜେପି-ବିଜେଡ଼ି ଲଢ଼େଇ ଜୋର୍‌ଦାର୍

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଶେଷ ପର୍ଯ୍ୟାୟରେ ବିଧାନସଭା ଆସନରେ ଭୋଟ୍ ଗ୍ରହଣକୁ ଆଉ ମାତ୍ର କିଛିଦିନ ବାକି ଥିବା ବେଳେ ସମଗ୍ର ନିର୍ବାଚନ ମଣ୍ଡଳୀର ବିଜେପି ଏବଂ ବିଜେଡି ଓ କଂଗ୍ରେସ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ଏହା ମଧ୍ୟରେ ବିଜେଡି ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାମନଗର ଛକରେ ଆୟୋଜିତ ଏକ ନିର୍ବାଚନ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିବା ବେଳେ ପୁଣି ବିଜେଡି ପକ୍ଷରୁ ଭିକେ ପାଣ୍ଡିଆନ ୨୬ ତାରିଖ ନିର୍ବାଚନ ମଣ୍ଡଳୀର ରାଜନୈତିକ ପେଣ୍ଠସ୍ଥଳ ଧୁଷୁରୀରେ ଆୟୋଜିତ ନିର୍ବାଚନ ସଭାରେ ଯୋଗ ଦେବାପାଇଁ ଚୂଡ଼ାନ୍ତ ହୋଇ ବିଜେଡ଼ି ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ଗୁରୁବାର ବିଜେପିର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ଧାମନଗର ନିର୍ବାଚନ ମଣ୍ଡଳୀର ଅସୁରାଳି ସହିଦ ଷ୍ଟାଡ଼ିୟମ୍‌ରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଦିନ ୨.୫ରେ ସଭାସ୍ଥଳରେ ଶ୍ରୀ ନଡ୍ଡା ପହଞ୍ଚିଥିଲେ । ଓଡ଼ିଶାରେ ଏଥର ଭାଜପା ସରକାର କରିବାକୁ ହେଲେ ଭୋଟର ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଦ୍ୟୁତ୍ ବିଲ୍ ଛାଡ ନାମରେ ଲୋକଙ୍କୁ ଭୁତାଉଛନ୍ତି ବୋଲି ଶ୍ରୀ ନଡ୍ଡା ତାଙ୍କ ବକ୍ତବ୍ୟରେ କହିଥିଲେ । ଦଳର ଜିଲ୍ଲା ସଭାପତି ହେମନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ, ସୁଧାଂଶୁ ନାୟକ, ସାଂସଦ ଭୋଲାଲ ସିଂ, ନାରାୟଣ ଚନ୍ଦ୍ର ସାହୁ, ବିଦ୍ୟାଧର ରାଉତ, ହରେକୃଷ୍ଣ ପାଢ଼ୀ, ଶରତ ମହାନ୍ତି, ଅଶୋକ ପୁହାଣ, ଅଜୟ ନୟକ, ରଘୁନାଥ ଲେଙ୍କା, ଶରତ ଦାସ, ଚତୁର୍ଭୁଜ ନାୟକ, ରଂଜିତା ସ୍ୱାଇଁ, ବଦ୍ରୀ ନାରାୟଣ ଧଳ, ଦେବେନ୍ଦ୍ର ପୁହାଣ ସମେତ ଦଳୀୟ ନେତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଜେଡ଼ି ଦଳ ଛାଡି ଶରତ ଦାସ ବିଜେପିରେ ମିଶିଥିଲେ ।

## ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କ ଦ୍ୱାରା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଲୋକସଭା ଓ ଓଡ଼ିଶା ବିଧାନ ସଭା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ନେଇ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାଧିକାରୀ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୋଲିସ୍ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ରଜନୀକାନ୍ତ ମିଶ୍ର ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବାଧିକାରୀ ହିମାଳିନୀ କାଶ୍ୟପ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତିର ପୂର୍ଣ୍ଣାଙ୍ଗ ସମୀକ୍ଷା କରିଥିଲେ। ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ଭଗବତୀ ପ୍ରସାଦ କାଲାଲ ଓ ଅଭିଚଲ ଚତୁର୍ବେଦୀ, ପୋଲିସ୍ ଅବଜରଭର ଅଶୋକ କୁମାର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆର୍.ଭି. ଅରୁଣ ପ୍ରସାଦ, ରଣବୀର ଭୌମିକ, ଜିତେସ୍ କୁମାର ଜୈନ, ଏସ୍.ପି. ବରୁଣ ଗୁଣ୍ଟୁପାଲି ପ୍ରମୁଖ ଏହି ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କ ଅବଗତି ନିମନ୍ତେ ନିଜ ନିଜର ଅଭିଜ୍ଞତା ଓ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ବନ୍ଧରେ ସେମାନଙ୍କର ଧାରଣା ସମ୍ବନ୍ଧରେ ଉପସ୍ଥାପନା ରଖିଥିଲେ। ନିର୍ବାଚନ କାର୍ଯ୍ୟ ଓ ପରିଚାଳନା ନେଇ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଉପସ୍ଥାପନ ଆଧାରରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ସମୀକ୍ଷା ଓ ଆଲୋଚନା କରି ଆବଶ୍ୟକମତେ ପରାମର୍ଶ ପ୍ରଦାନ କରିଥିଲେ। ବିଶେଷ କରି ତ୍ରୁଟିଶୂନ୍ୟ, ଅବାଧ, ସ୍ୱଚ୍ଛ ନିର୍ବାଚନ ପରିଚାଳନା ପ୍ରତି ସଦା ସର୍ବଦା ଯତ୍ନବାନ ରହିବାକୁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ତ୍ରିପାଠୀ ବୈଠକରେ ଉପସ୍ଥିତ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ନିର୍ବାଚନ କାର୍ଯ୍ୟରେ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କ ଅଭିଜ୍ଞତା ପଚାରି ବୁଝିଥିଲେ। ୧୪.୦୫.୨୦୨୪ ତାରିଖରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ଥିବା ଜିଲ୍ଲାର ସମୁଦାୟ ଭୋଟର ସଂଖ୍ୟା ୧୨,୮୭,୩୭୭ ମତଦାନ ପାଇଁ ଜିଲ୍ଲାର ସମୁଦାୟ ୧୦୨୫ ସ୍ଥାନରେ ସମୁଦାୟ ୧୩୧୨ଟି ବୁଥ୍ ଏବଂ ସେଥିମଧ୍ୟରେ ସହରାଞ୍ଚଳରେ ସମୁଦାୟ ୫୫ଟି ସ୍ଥାନରେ ୧୦୪ଟି ବୁଥ୍, ଗ୍ରାମାଞ୍ଚଳରେ ୯୭୦ଟି ସ୍ଥାନରେ ୧୨୦୮ଟି ବୁଥରେ ଅବସ୍ଥିତି, ସେସବୁରେ ସର୍ବନିମ୍ନ ସୁବିଧା ଉପଲବ୍ଧ ନିଶ୍ଚିତତା କରାଯାଇଥିବା, କେବଳ ମହିଳା ପୋଲିଂ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୧୩୦ଟି ମୁଖ୍ୟ ବୁଥ୍, ପୁରୁଷ ଓ ମହିଳା ଉଭୟ ପୋଲିଂ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୪୦ଟି ମିଶ୍ରିତ ବୁଥ୍, ୩୦ ବର୍ଷ ବୟସରୁ କମ୍ କେବଳ ଯୁବ ପୋଲିଂ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୫ଟି ବୁଥ୍, ଦିବ୍ୟାଙ୍ଗ ପୋଲିଂ ଅଧିକାରୀଙ୍କ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁଥିବା ୧ଟି ବୁଥ୍, ସମସ୍ତ ବୁଥ୍ ପାଇଁ ନିୟୋଜିତ ପୋଲିଂ ଅଧିକାରୀ ମାନଙ୍କୁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ, ଇଭିଏମ୍ ଷ୍ଟ୍ରଙ୍ଗରୁମ୍, ବିତରଣ କେନ୍ଦ୍ର ଓ ଗଣତି କେନ୍ଦ୍ରର ଅବସ୍ଥିତି ଓ ପ୍ରସ୍ତୁତି ଆଦି ସମ୍ବନ୍ଧରେ ଜିଲ୍ଲାପାଳ ପୂର୍ଣ୍ଣାଙ୍ଗ ବିବରଣୀ ଦୃଶ୍ୟ ଫଳକ ଜରିଆରେ ଉପସ୍ଥାପନ କରିଥିଲେ। ନିର୍ବାଚନ ପରିଚାଳନାରେ ଶାନ୍ତିଶୃଙ୍ଖଳା ରକ୍ଷା ସୁଚନାରୁ ଗ୍ରୁପେ ମତଦାନ କାର୍ଯ୍ୟକ୍ରମ ଆଦି ପାଇଁ ପୋଲିସ୍ ମତଦାନ ବ୍ୟବସ୍ଥା ସମ୍ବନ୍ଧରେ ଏସ୍.ପି. ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କୁ ଅବଗତ କରାଇଥିଲେ। ରିଟର୍ଣ୍ଣିଂ ଅଧିକାରୀ ଭାବେ ୨ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସନ୍ତୋଷ କୁମାର ଗଡ଼ନାୟକ, ସି.ଡ଼ି.ଓ ସରୋଜ କୁମାର ଦଣ୍ଡ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟଙ୍କ ସହ ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଡେପୁଟି କଲ୍ଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ସଂପୃକ୍ତ ନୋଡ଼ାଲ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

## ଷୋଳମପୁର ବୌଦ୍ଧ ବିହାରରେ ବୁଦ୍ଧ ଜୟନ୍ତୀ ପାଳିତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଷୋଳମପୁର ବୌଦ୍ଧ ମହାବିହାରରେ ୨,୫୬୮ତମ ବୁଦ୍ଧ ଜୟନ୍ତୀ ଗୁରୁବାର ଜନତାକ ସଦସ୍ୟ ବିଶ୍ୱରଞ୍ଜନ ରାଉତଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ବୁଦ୍ଧଜୟନ୍ତୀ ପାଳନ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ କ୍ଷୀରୋଦ କୁମାର ସାମଲ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ ମୁଖ୍ୟବକ୍ତା, ଅଧ୍ୟାପକ ଅନାଦି ଚରଣ ସାହୁ, ସଂସ୍କୃତ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ହିମାଂଶୁସାରମନା ସାହିତ୍ୟ ପରିଷଦ ସମ୍ପାଦକ ଦାମୋଦର ନାୟକ, ଶିକ୍ଷକ ଶରତ କୁମାର ବେହୁରିଆ, ପୁଲିସ ଅଧିକାରୀ ସରୋଜ କୁମାର ମିଶ୍ର, ରମାକାନ୍ତ ସାହୁ, ପୂଜକ ଉମାକାନ୍ତ ପଣ୍ଡା, ନରହରି ରାୟ, ଚନ୍ଦ୍ରକାନ୍ତ ନାୟକ, ବିଶ୍ୱରଞ୍ଜନ ଜେନା, ଶ୍ରୀଧର ନାୟକ, ବୌଦ୍ଧବିହାର ଟ୍ରଷ୍ଟି କମଳାକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୌଦ୍ଧ ଧର୍ମର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି ବୁଦ୍ଧ ଦେବଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ବୌଦ୍ଧ ମହାସଂଘ ପରିଦର୍ଶନ ମଣ୍ଡଳୀ ବୌଦ୍ଧ ରଥ ପରିକ୍ରମା ସହ କଟକ ମାଣିଆବନ୍ଧରୁ ଷୋଳମପୁର ବୌଦ୍ଧ ବିହାର ପରିଦର୍ଶନ କରି ତ୍ରିଶରଣ ପାଠ, ପଞ୍ଚଶୀଳ ପାଠ, ପଞ୍ଚଶୀଳ ପତାକା ଉତ୍ତୋଳନ କରିବା ସହ ଧର୍ମବାଣୀ ପ୍ରଦାନ କରିଥିଲେ। ବୌଦ୍ଧ ଶ୍ରମଣ ଭନ୍ତେ ଧର୍ମରତ୍ନ, ରାଷ୍ଟ୍ରୀୟ ବୌଦ୍ଧ ମହାସଂଘ ଭଦ୍ରକ ଶାଖା ସମ୍ପାଦକ ସୌଭାଗ୍ୟ କୁମାର ଜେନା, ବୁଦ୍ଧିଷ୍ଟ ଡଃ ଶୋଭନା ସେଠ, ସହସମ୍ପାଦକ ଅବିନାଶ କୁମାର, ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା ଷୋଳମପୁର ବୌଦ୍ଧ ବିହାରକୁ ବିଶ୍ୱ ବୌଦ୍ଧ ଧର୍ମର ପ୍ରାଣକେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ। ଗ୍ରାମବାସୀମାନେ ଏହି ଉତ୍ସବକୁ ପରିଚାଳନା କରିଥିଲେ।

## ସମସ୍ୟା ସମାଧାନ ପାଇଁ ସୀମାନ୍ତ ବୁରୁଡ଼ି ଗ୍ରାମବାସୀଙ୍କ ଚେତାବନୀ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସୀମାନ୍ତ ଗାଁର ଦୁଃଖ ଦିନକୁ ଦିନ ବଢ଼ିବାରେ ଲାଗିଛି। ନିର୍ବାଚନରେ ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହେଉଛି। ବିକାଶର ନା ଗନ୍ଧ ନାହିଁ। ଲୋକେ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ଏଭଳି ଏକ ଗାଁ ମାଲକାନଗିରି ସଦର ବ୍ଲକର ତଣ୍ଡିକି ପଞ୍ଚାୟତରେ ଛତିଶଗଡ଼ର ସୀମାକୁ ଲାଗି ରହିଥିବା ବୁରୁଡ଼ି ଗ୍ରାମର ଦୁଃଖ କହିଲେ ନସରେ। ଓଡ଼ିଶାରେ ରହିଥିବା ବୁରୁଡ଼ି ଏବଂ ଛତିଶଗଡ଼ରେ ରହିଥିବା ବୁରୁଡ଼ି ଗ୍ରାମ ମଧ୍ୟରେ ଅନେକ ତଫାତ ରହିଛି। ଓଡ଼ିଶାର ବୁରୁଡ଼ି ଗ୍ରାମରେ ବିକାଶର ଛାଇ ପଡିନଥିବା ବେଳେ ଛତିଶଗଡ଼ର ବୁରୁଡି ଗ୍ରାମରେ ବିକାଶ ଆକାଶ ଛୁଇଁଛି। ଓଡ଼ିଶାର ବୁରୁଡି ଗ୍ରାମରେ ପାନୀୟ ଜଳର ଏବେ ଉତ୍କଟ ସମସ୍ୟା ଦେଖାଦେଇଛି। ଏହି ଗ୍ରାମରେ ପ୍ରାୟ ୮୦ ପରିବାର ବସବାସ କରୁଥିବା ବେଳେ ଗ୍ରାମରେ ତିନୋଟି ନଳକୂପ ରହିଛି। କିନ୍ତୁ, ଦୁଇଟି କେବେ ଠାରୁ ଅଚଳ ହୋଇପଡ଼ିଛି। ଗ୍ରାମବାସୀ ତାହାର ହିସାବ ରଖୁନାହାନ୍ତି। ମାତ୍ର ଗୋଟିଏ ନଳକୂପରୁ ରହି ରହି ପାଣି ବାହାରୁଛି। ମନ ହେଲେ ଘଣ୍ଟାକରେ ପାଣି ବାହାରୁଛି ନଚେତ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ୁଛି। ସେହି ପାଣି ମଧ୍ୟ ପିଇବା ଯୋଗ୍ୟ ନୁହେଁ। ବାରମ୍ବାର ଏନେଇ ପଞ୍ଚାୟତ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କେହି ଶୁଣୁନଥିବା ଗ୍ରାମବାସୀ କହିଛନ୍ତି। ଏପରିକି ନିକଟରେ ନିର୍ବାଚନରେ ଆସୁଥିବା ନେତାଙ୍କୁ ମଧ୍ୟ ପାନୀୟ ଜଳ ସମସ୍ୟା ନେଇ ଗୁହାରି କରିଥିବା ବେଳେ ସେମାନେ ଏହାର ଖୁବ୍‌ଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇ ଚାଲିଗଲେ। ପାନୀୟ ଜଳର ସଂକଟକୁ ନେଇ ଭୋଟ୍ ବର୍ଜନ କରିବା ନେଇ ଗ୍ରାମବାସୀ ଚିନ୍ତା କରିଥିଲେ ମଧ୍ୟ ପରମୁହୂର୍ତ୍ତରେ ଏହାକୁ ଟାଳି ଦେଇଥିଲେ। ଅନ୍ୟପଟେ ଛତିଶଗଡ଼ରେ ବୁରୁଡ଼ି ଗ୍ରାମରେ ଘରେ ଘରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା ସହ ପ୍ରତ୍ୟେକ ସାହିରେ ଗଳିରେ ନଳକୂପ ରହିଛି। ସେଠାରେ ପାଣି ଭାସୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶା ବୁରୁଡ଼ି ଗ୍ରାମରେ ପାନୀୟ ଜଳ ସଂକଟ ହିଁ ନୁହେଁ ବରଂ ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ମଧ୍ୟ ପଛରେ ରହିଛି ଏହି ଗାଁ। ଛତିଶଗଡ ବୁରୁଡ଼ି ଗ୍ରାମରେ ଗାଁ ଚକାଚକ୍ ଥିବା ବେଳେ ବିଜୁଳି, ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ତ ସୁବିଧା ହାତପାଆନ୍ତାରେ ମିଳୁଛି। ଓଡ଼ିଶା ସରକାରଙ୍କ ନିକଟରେ ନିଜର ମୌଳିକ ସୁବିଧା ନେଇ ବାରମ୍ବାର ଦାବିପତ୍ର ଦେଉଥିଲେ ମଧ୍ୟ କୌଣସି ଫଳ ମିଳୁନଥିବାରୁ ଏବେ ସେମାନେ ଛତିଶଗଡ଼ ବୁରୁଡ଼ି ଗ୍ରାମରେ ମିଶିଯିବାକୁ ଧମକ ଦେଉଛନ୍ତି। ଲାଗି ରହିଥିବା ଦୁଇଟି ବୁରୁଡ଼ି ଗ୍ରାମରେ ବିକାଶ ଓ ଉନ୍ନୟନ କାମରେ ଏତେ ତଫାତ ଲୋକେ କିପରି ସହ୍ୟ କରିବେ। ଦୁଇଟି ବୁରୁଡ଼ି ଗ୍ରାମ ଲାଗି ରହିଥିବାରୁ ଲୋକେ ଓଡ଼ିଶାରେ ଖାଦ୍ୟ ଖାଇ ଛତିଶଗଡ଼ରେ ପାଣି ପିଉଛନ୍ତି। ସରକାର ଗଠନ ପରେ ଯଦି ନୂଆ ସରକାର ଏମାନଙ୍କ ମୌଳିକ ସୁବିଧାଗୁଡ଼ିକ ପୂରଣ ନକରନ୍ତି ତେବେ ଆଗକୁ ଆନ୍ଦୋଳନ ସହ ଛତିଶଗଡରେ ମିଶିବେ ବୋଲି ଗ୍ରାମବାସୀ କହିଛନ୍ତି।

## ଚେକ୍ ବାଉନ୍ସ ମାମଲା:ଅର୍ଥ ଫେରସ୍ତ ନକଲେ ଗିରଫ ପାଇଁ ନିର୍ଦ୍ଦେଶ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ଦିନ ଧରି ବିବାଦରେ ରହିଥିବା ଏକ ଚେକ୍ ବାଉନ୍ସ ମାମଲାରେ ମାନନୀୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଶେଷରେ କାଳିଆ ପାଣିଗ୍ରାହୀଙ୍କୁ ଦଣ୍ଡିତ କରି ମାମଲାର ଅନ୍ତ ଘଟାଇଛନ୍ତି ଗଜପତି ଜିଲ୍ଲା କାଶୀନଗର ବାସିନ୍ଦା କାଳିଆ ପାଣିଗ୍ରାହୀ ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲ ବ୍ରହ୍ମପୁରର ନିର୍ଦ୍ଦେଶକ ଇଂ.ଅଶୋକ କୁମାର ପାଳଙ୍କ ଠାରୁ କିଛି ଟଙ୍କା ନେଇ ପରିଶୋଧ କରିନଥିଲେ । ପରେ ସେ ବିଭିନ୍ନ ଚେକ୍ ମାଧ୍ୟମରେ ସେହି ଟଙ୍କା ପରିଶୋଧ କରିବା ନିମନ୍ତେ ଚେକ୍ ପ୍ରଦାନ କରିଥିଲେ କିନ୍ତୁ ଜମା ଖାତାରେ ଅଭାବ ଦର୍ଶାଇ ବ୍ୟାଙ୍କ ସମସ୍ତ ଚେକ୍‌କୁ ନାକଚ କରିଦେଇଥିଲେ । ଅନାଦେୟ ଅର୍ଥ ଆଦାୟ ନିମନ୍ତେ ଶ୍ରୀ ପାଳ ପ୍ରଥମେ ବ୍ରହ୍ମପୁର ଜିଲ୍ଲା ଦୌରଜଜ୍ ଅଦାଲତରେ ଏକ ମକଦ୍ଦମା ଦାୟର କରି ବିଜୟ ପାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପ୍ରତିପକ୍ଷ ଉଚ୍ଚ ନ୍ୟାୟାଳୟରେ ଅପିଲ୍ କରିଥିଲେ ତେବେ ଉଚ୍ଚ ନ୍ୟାୟାଳୟ ଗୋଟାଏ ମାମଲାର ଶୁଣାଣି କରି ୧୫ ଦିନ ମଧ୍ୟରେ ତେର ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଅନାଦେୟ କାଳିଆ ପାଣିଗ୍ରାହୀଙ୍କୁ ତୁରନ୍ତ ଗିରଫ କରିବା ନିମନ୍ତେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସୂଚନା ଯୋଗ୍ୟ ଏହିପରି ଆଉ ଚାରୋଟି ମାମଲା କାଳିଆ ପାଣିଗ୍ରାହୀ ବିରୋଧରେ ବିଭିନ୍ନ ଅଦାଲତରେ ଇଂ. ଅଶୋକ କୁମାର ପାଳଙ୍କ ତରଫରୁ ବିଚାରାଧୀନ ରହିଛି । ବିଚାର ପତି ସଞ୍ଜୀବ କୁମାର ପାଣିଗ୍ରାହୀ ଏହି ନିଷ୍ପତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି, ଏବଂ କାଳିଆ ପାଣିଗ୍ରାହୀଙ୍କ ଦ୍ୱାରା ଶିକାର ହୋଇଥିବା ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କ ମାମଲା ବିଭିନ୍ନ ନିମ୍ନ ଅଦାଲତ ତଥା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଥିବାରୁ ସେମାନଙ୍କ ମନରେ ଆଶା ସଞ୍ଚାରିତ ହୋଇଛି । ମାମଲାକୁ ସର୍ବୋଚ୍ଚ ନ୍ୟାୟାଳୟ ଅଭିଜ୍ଞ ତଥା ବରିଷ୍ଠ ଅଧିବକ୍ତା ଡ଼ାଃ . କେଦାରନାଥ ତ୍ରିପାଠୀ ଓ ଜିଲ୍ଲା ଦୌରଜଜ୍ ଅଦାଲତରେ ମାମଲା ଗୋଲକ ସୁନ୍ଦର ସାବତ ପରିଚାଳନା କରିଥିଲେ ।

## ବିଦ୍ୟୁତ୍ ଆଘାତରେ ଦମ୍ପତିଙ୍କ ମୃତ୍ୟୁ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟୁତ ଆଘାତରେ ଚାଲିଗଲା ଦୁଇ ନିରୀହ ଜୀବନ । ଫସଲରେ ପାଣି ମଡ଼ାଇବାକୁ ଯାଇ ବିଦ୍ୟୁତ ଆଘାତରେ ଦମ୍ପତିଙ୍କ ମୃତ୍ୟୁ ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗାଁରେ । ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ମଧୁବନ ଗାଁର ରାଜକିଶୋର ଖଟୁଆ ଏବଂ ତାଙ୍କ ସ୍ତ୍ରୀ ସଂଯୁକ୍ତା ଖଟୁଆ ଘର ପାଖରେ ଥିବା ଚାଷ ଜମିକୁ ପାଣି ମଡ଼ାଇବାକୁ ଯାଇଥିଲେ । ପାଣି ମଡ଼ାଉଥିବା ସମୟରେ ଦମ୍ପତି କୌଣସି କାରଣବଶତଃ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ । ଚାଷ ଜମିରୁ ଫେରିବାରେ ବିଳମ୍ବ ଯୋଗୁ ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲା । ଉଭୟେ ଚାଷ ଜମିରେ ପଡ଼ିଥିବା ଦେଖି ତୁରନ୍ତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା । ଡାକ୍ତର ସେଠାରେ ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ । କିଛିଦିନ ପୂର୍ବରୁ ରାଜକିଶୋର ଖଟୁଆଙ୍କ ଝିଅ ତୃପ୍ତିମୟୀ ଖଟୁଆ ଓଡ଼ିଶା ପ୍ରଶାସନିକ ସେବାରେ ୧୮୩ ନଂ ରାଙ୍କରେ ଉତ୍ତୀର୍ଣ୍ଣ ହୋଇ ବାରଙ୍ଗ ଅଞ୍ଚଳ ପାଇଁ ଗୌରବ ଆଣିଦେଇଥିଲେ । ପରିବାରରେ ଖୁସିର ମାହୋଲ ରହିଥିଲା ହେଲେ ଏହି ଅଘଟଣ ପରିବାରକୁ ଶୋକରେ ବୁଡ଼ାଇ ଦେଇଛି ।

## ଭାରତରେ ପ୍ରତିବର୍ଷ ୧ଲକ୍ଷ ଲୋକ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ରକ୍ତ କର୍କଟ ଏକ ଗୁରୁତର ସମସ୍ୟା ତେବେ ସଠିକ୍ ସମୟରେ ରୋଗ ନିରୂପଣ, ପରୀକ୍ଷା ନିରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ମଣିଷ ଏହି ଜଟିଳ ବ୍ୟାଧିରୁ ସୁସ୍ଥ ହୋଇପାରିବ। ସେହିପରି ବର୍ତ୍ତମାନ ଅତ୍ୟାଧୁନିକ ଷ୍ଟେମ୍ ସେଲ ପ୍ରତ୍ୟାରୋପଣ ପ୍ରକ୍ରିୟା ଦ୍ୱାରା ରକ୍ତ କର୍କଟ ବ୍ୟାଧିକୁ ମଣିଷ ପରାସ୍ତ କରିପାରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ହେମାଟୋଲୋଜି, ହେମାଟୋ ଅଙ୍କୋଲୋଜି ଏବଂ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ବିଭାଗ ପକ୍ଷରୁ ବିଶ୍ୱ ରକ୍ତ କର୍କଟ ଦିବସ ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରିୟଙ୍କା ସାମଲ କହିଛନ୍ତି ଯେ ସମ୍ ହସ୍ପିଟାଲ୍‌ରେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଶରୀରରେ ରକ୍ତ କର୍କଟ ଚିହ୍ନଟ, ପରୀକ୍ଷା ଓ ଚିକିତ୍ସା କରାଯାଇଛି। ସେହିପରି ୨୦୧୯ରୁ ହସ୍ପିଟାଲ୍‌ରେ ବୋନ୍‌ମ୍ୟାରୋ ପ୍ରତ୍ୟାରୋପଣ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ବେଳେ ବର୍ତ୍ତମାନ ୫୦ ଜଣ ରୋଗୀଙ୍କର ଷ୍ଟେମ୍ ସେଲ ପ୍ରତ୍ୟାରୋପଣ (ଉଭୟ ଅଟୋଲୋଗସ୍ ଓ ଆଲୋଜେନିକ୍ ପ୍ରତ୍ୟାରୋପଣ) ସମ୍ପନ୍ନ କରାଯାଇଛି। ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ତଥା ବିଶିଷ୍ଟ ନ୍ୟୁରୋସର୍ଜନ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର କହିଥିଲେ ଯେ ରକ୍ତ କର୍କଟ ସମସ୍ୟା ପ୍ରାୟ ୨୫ ପ୍ରତିଶତ ପିଲାଙ୍କ ମଧ୍ୟରେ ଦେଖା ଦେଉଛି। ସେହିପରି ବିଶ୍ୱରେ ବର୍ଷକୁ ପ୍ରାୟ ୧୫ ଲକ୍ଷ ଓ ଭାରତରେ ଏକ ଲକ୍ଷ ଲୋକଙ୍କ ଶରୀରରେ ରକ୍ତ କର୍କଟ ଚିହ୍ନଟ ହେଉଛି। କିନ୍ତୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ସମସ୍ୟାରୁ ସୁସ୍ଥ ହେବା ସମ୍ଭବ ତେଣୁ ଭୟଭୀତ ନ ହୋଇ ରୋଗୀ ନିଜର ଚିକିତ୍ସା କରାଇବା ଆବଶ୍ୟକ ବୋଲି ସେ କହିଥିଲେ। ରକ୍ତ କର୍କଟ କ୍ଷେତ୍ରରେ ଭାରତର ସ୍ଥାନ ଆମେରିକା ଓ ଚୀନ ପରେ ତୃତୀୟ ସ୍ଥାନରେ ରହିଛି। ପ୍ରତି ୫ ମିନିଟ୍‌ରେ ଜଣେ ଲୋକ ଶରୀରରେ ରକ୍ତ କର୍କଟ ଚିହ୍ନଟ ହେଉଥିବା ବେଳେ ପ୍ରତ୍ୟେକ ବର୍ଷ ୭୦ ହଜାର ଲୋକ ଏହି କାରଣରୁ ମୃତ୍ୟୁ ବରଣ କରୁଛନ୍ତି। ସେହିପରି ଭାରତରେ ସବୁ ପ୍ରକାରର କର୍କଟ ରୋଗୀଙ୍କ ମଧ୍ୟରୁ ୮ ପ୍ରତିଶତ କେବଳ ରକ୍ତ କର୍କଟ ରୋଗରେ ପୀଡ଼ିତ ବୋଲି ଡାକ୍ତର ସାମଲ କହିଥିଲେ। ଏହି ଅବସରରେ ସମ୍ ହସ୍ପିଟାଲ୍‌ର ମେଡିସିନ୍ ବିଭାଗର ସିନିୟର ପ୍ରଫେସର ଡାକ୍ତର ଲଳିତ୍ କୁମାର ମେହେର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରୋଗର ଲକ୍ଷଣ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ପ୍ରାରମ୍ଭିକ ସ୍ତରରେ ରୋଗ ଚିହ୍ନଟ ଓ ଚିକିତ୍ସା ହେଲେ ରୋଗୀ ସୁସ୍ଥ ହୋଇପାରିବେ ବୋଲି କହିଥିଲେ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଆଡିସ୍‌ନାଲ୍ ଡିନ୍ (ଏଗ୍‌ଜାମିନେସନ୍ ସେଲ୍) ପ୍ରଫେସର ରଚିତା ଷଡ଼ଙ୍ଗୀ ସମ୍ ହସ୍ପିଟାଲରେ ଏହି ରୋଗର ସମସ୍ତ ଚିକିତ୍ସା ଉତ୍ତମ ରୂପେ କରାଯାଉଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ରଙ୍କର ରକ୍ତ କର୍କଟରୁ ଚିକିତ୍ସା ପରେ ସୁସ୍ଥ ହୋଇଥିବା ରୋଗୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତାକୁ ପ୍ରଫେସର ପ୍ରିୟଙ୍କା ସାମଲ ପଢ଼ି ଶୁଣାଇଥିଲେ। ଆମେ ଏକତ୍ରୀତ ହୋଇ ଏହି ରୋଗ ସହ ଯୁଦ୍ଧ କରି ତାକୁ ପରାସ୍ତ କରିପାରିବା। ଏଥି ନିମନ୍ତେ ସଚେତନତା, ସହଯୋଗ ଏବଂ ଉତ୍ତମ ଚିକିତ୍ସାର ଆବଶ୍ୟକତା ରହିଛିନ୍ତ ବୋଲି ପ୍ରଫେସର ମିଶ୍ର ତାଙ୍କ ବାର୍ତ୍ତାରେ କହିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର ) ପ୍ରୀତିଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୂଅ ସଫା କରୁଥିବା ବେଳେ ଅଘଟଣ:ଶ୍ୱାସରୁଦ୍ଧ ହୋଇ ଜଣେ ମୃତ, ୨ ଶ୍ରମିକ ଉଦ୍ଧାର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଗଣିଆନାଳ ନିକଟରେ ଦୁଇ ଜଣ ଶ୍ରମିକ ଏକ କୂଅ ସଫା କରୁଥିବା ବେଳେ ଏହା ଭିତରେ ଶ୍ୱାସରୁଦ୍ଧ ହୋଇପଡିଥିଲେ । ୨ ଜଣଙ୍କ ଉଦ୍ଧାର କରିବାକୁ ଯାଇ ଅନ୍ୟ ଜଣେ ଶ୍ରମିକ କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି । ଖବରପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଛି ।

## କଂଗ୍ରେସ ନେତାଙ୍କୁ ନୂତନ ନିଯୁକ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ନେତାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦେଇଛନ୍ତି। କୋଣାର୍କ ଏନ୍.ଏସ୍.ସି.ର ପୂର୍ବତନ କାଉନ୍‌ସିଲର ସୁବାଷ ନାୟକଙ୍କୁ ପିସିସି ସାମାଜିକ ଗଣମାଧ୍ୟମ ବିଭାଗର ସାଧାରଣ ସମ୍ପାଦକ ଭାବରେ ଓ ଗୋପ ବ୍ଲକ ନିର୍ବାଚନ ଇନ୍‌ଚାର୍ଜ ଭାବରେ ନିଯୁକ୍ତି ଦିଆଯାଇଛି। ସେହିପରି ନିମାପଡ଼ା ବ୍ଲକର ଜୟନ୍ତ କୁମାର ବେହେରାଙ୍କୁ ପ୍ରଦେଶ କଂଗ୍ରେସ ମତ୍ସ୍ୟଜୀବୀ ବିଭାଗର ଉପସଭାପତି ଭାବରେ ଏବଂ ଗୋପ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ବେହେରାଙ୍କୁ ଗୋପ ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଭାବରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି ବୋଲି ପ୍ରଦେଶ କଂଗ୍ରେସ ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଯୋଗ, ପ୍ରାଣାୟାମ, ମାନବବାଦ ଅପରିହାର୍ଯ୍ୟ:ସାରସ୍ୱତ ପ୍ରତିଭାଙ୍କୁ ଶାନ୍ତିପଥ ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାମାଜିକ ଓ ବୌଦ୍ଧିକ ଅନୁଷ୍ଠାନ ଶାନ୍ତିପଥର ଷଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ ୟୁନିଟ୍-୯ ସ୍ଥିତ ବୁଦ୍ଧ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସାପତିତ୍ୱ ଓ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସ୍ତମ୍ଭକାର ସ୍ୱାଧୀନତା ସଂଗ୍ରାମୀ ବିଜୟ କୁମାର ତ୍ରିପାଠୀ, ଯୋଗ ପ୍ରଶିକ୍ଷକ ବୀରକିଶୋର ସ୍ୱାଇଁ, ବରିଷ୍ଠ ସମାଜସେବୀ ବିକ୍ରମାଦିତ୍ୟ ନାୟକ ଯୋଗଦେଇ ପ୍ରାଣାୟାମ, ଯୋଗ, ସମାଜସେବା ପ୍ରମୁଖକୁ ଗୁରୁତ୍ୱ ଦେଇ ନିଜସ୍ତରରେ ସମାଜର ମଙ୍ଗଳ ସାଧନ ନିମନ୍ତେ ଆଗେଇ ଆସିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶାନ୍ତିପଥର ୧୦ ଗୋଟି ନିୟମ ପାଳନ ଉପରେ ଗୁରୁତ୍ୱାରୋପ କରିବା ସହିତ ସାରା ବିଶ୍ୱରେ ଯେପରି ଶାନ୍ତି, ପ୍ରଗତି ଓ ମୈତ୍ରୀର ବାତାବରଣ ସୃଷ୍ଟି ହୋଇପାରିବ, ସେ ଦିଗରେ ସଭାପତି ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜାତିର ପିତା ମହାତ୍ମା ଗାନ୍ଧି ଓ ଶାନ୍ତିର ଦୂତ ଗୌତମ ବୁଦ୍ଧଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ସାରସ୍ୱତ ପ୍ରତିଭାଧାରୀ ପଶୁପ୍ରେମୀ ପ୍ରଦୀପ ଦାସ, ପ୍ରକୃତିପ୍ରେମୀ ବିଶ୍ୱନାଥ ମାର୍ଥା, କଳା ନିର୍ଦ୍ଦେଶକ ପ୍ରିୟାଂଶୁ ପ୍ରିୟଦେବ, ମେଧାବୀ ଛାତ୍ରୀ ରଶ୍ମୀତା ଦାସ, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସୁରେନ୍ଦ୍ର ପଟ୍ଟନାୟକ, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତପନ କୁମାର ରାହାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଶିବ ନାରାୟଣ ମିଶ୍ରଙ୍କୁ ଶାନ୍ତିପଥ ଗୌରବ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ଶେଷରେ ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରମେଶ କୁମାର ମହାପାତ୍ର, ସୁରେନ୍ଦ୍ର ପଟ୍ଟନାୟକ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୬।୫।୨୦୨୪, ଜ୍ୟେଷ୍ଠ ଦି୧୩ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୮।୨୪** **ଚନ୍ଦ୍ରୋଦୟ- ରାଘ ୯।୧୩।୧୦**

ତୃତୀୟା - ସଂଘ ୬।୦୭ ପର୍ଯ୍ୟନ୍ତ । ମୂଳା ନକ୍ଷତ୍ର - ଦିଘ ୧୦।୩୫ ପର୍ଯ୍ୟନ୍ତ। ଧନୁ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ସଂଘ ୬।୦୭ ପରେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୫୬ ଗତେ ଘ ୯।୩୩ ମଧ୍ୟେ, ଦିଘ ୧।୨୧ ଗତେ ଘ ୨।୪୭ ମଧ୍ୟେ।

**ମେଷ:** କୌଣସି କାମରେ ମନ ଲାଗିବ ନାହିଁ । କର୍ମ କ୍ଲାନ୍ତି ଅନୁଭବ କରିବେ । ଅଳସୁଆମୀ ପ୍ରକାଶ ପାଇବ । ରୋଜଗାରରେ ବାଧା ସୃଷ୍ଟି ହେବ । ତଥାପି ପାରିବାରିକ ସହଯୋଗ ଯୋଗୁ ଆନନ୍ଦ ।

**ବୃଷ:** ସର୍ବସାଧାରଣ କାର୍ଯ୍ୟରେ ଯୋଗଦାନ କରିବେ । ମନରେ ଭକ୍ତିଭାବ ଜାଗ୍ରତ ହେବ । ସେବା ପୂଜାରେ ମନ ନିବେଶ କରିବେ । ବନ୍ଧୁ ସହଯୋଗ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ।

**ମିଥୁନ:** ଦୂରଯାତ୍ରା କରି କର୍ମ ପ୍ରାପ୍ତି ହେବ । ବନ୍ଧୁ ସହଯୋଗ ସହିତ ମିତ୍ରଲାଭ ଯୋଗ । ଆୟରେ ସାମାନ୍ୟ ଉନ୍ନତି ହେବ । କୌଣସି ନୂତନ କାର୍ଯ୍ୟର ଯୋଗଦାନ କରିବେ । ଘର ପାଇଁ ବ୍ୟସ୍ତତା ବୃଦ୍ଧି।

**କର୍କଟ:** ଅନ୍ୟମାନଙ୍କ ପ୍ରତି ମନରେ ଘୃଣା ଆସିବ । ଅହଂକାର ପାଇଁ ନିନ୍ଦିତ ହେବେ । କୂଟନୀତି ପ୍ରୟୋଗ କରି କାର୍ଯ୍ୟ ହାସଲ କରିପାରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶ୍ରଦ୍ଧା ଲାଭ କରିବେ ।

**ସିଂହ:** ଅସୁବିଧା ନଥିଲେ ମଧ୍ୟ ଆଶଙ୍କାରୁ ମନ ଅଶାନ୍ତି କରିବେ । ସାଥୀ ସହକର୍ମୀମାନଙ୍କ ସହିତ ସୁପରାମର୍ଶ କଲେ ସହଜସାଧ୍ୟ ହେବ । ଆୟ ଠାରୁ ବ୍ୟୟ ବୃଦ୍ଧି ହେବ । ପରିବାରରେ ଦ୍ୱନ୍ଦ୍ୱ ଲାଗି ରହିବ ।

**କନ୍ୟା:** ଅସାବଧାନତା ପାଇଁ କୌଣସି ଦ୍ରବ୍ୟ ନଷ୍ଟ କରି ପଶ୍ଚାତାପ କରିବେ । ପରିଶ୍ରମ ବୃଦ୍ଧି କିନ୍ତୁ କାର୍ଯ୍ୟହାନୀର ସମ୍ଭାବନା । ଆୟ ଓ ବ୍ୟୟ ସ୍ଥିର ରହିବ । ପରିବାରରେ ବିରକ୍ତି ଭାବ ଆସିବାର ସୂଚନା ।

**ତୁଳା:** ସନ୍ଦେହ ଓ ଭୁଲ୍ ବୁଝାମଣା ପାଇଁ ମନ ଅସ୍ଥିର ରହିବ । ପରିଶ୍ରମର ପରିମାଣ ବଢ଼ିବ । ସାହାଯ୍ୟ ସହଯୋଗ ପାଇବେ ନାହିଁ । ସନ୍ଧ୍ୟା ପରେ ଦେହ ଅସୁସ୍ଥ ହୋଇପାରେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେବ ।

**ବିଛା:** ଏଣେ ତେଣେ ଧାଁ ଦୌଡ଼ ସହିତ ପରିଶ୍ରମ ବୃଦ୍ଧି ପାଇବ । ଆୟରେ ଉନ୍ନତି ନ ହେବାରୁ ଆକୁଳିତ ହେବେ । ବନ୍ଧୁ ମତାନ୍ତର ଯୋଗୁ ମନରେ ଉଦାସ ରହିବ । ପରିବାରରେ ସୁଖ ଶାନ୍ତି ରହିବ ।

**ଧନୁ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବାକିଥିବା କାମଟି ସୁରୁଖୁରୁରେ ସମ୍ପାଦନ ହେବ । ଋଣ ସୂତ୍ରେ ଅର୍ଥ ଲାଭର ଆଶା । ଦୂରଯାତ୍ରାରେ ଉନ୍ନତି । ପରିବାରରେ ସୁଖ ଶାନ୍ତି ଲାଭ। ଶରୀର ସୁସ୍ଥ ରହିବ ।

**ମକର:** ପୁରୁଣା କଥାକୁ ଭାବି ମନରେ ବିରକ୍ତି ଆସିବ । ବନ୍ଧୁ ବା ସହକର୍ମୀଙ୍କ ଅସହଯୋଗରୁ ଅପବ୍ୟୟ ବୃଦ୍ଧି ପାଇବ । ଦୂରଯାତ୍ରା କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ଲାଭ ।

**କୁମ୍ଭ:** ଅଳ୍ପ ଆୟ ହେତୁ ମନରେ ଅଶାନ୍ତି ବଢ଼ିବ । କର୍ମ କ୍ଲାନ୍ତି ଅନୁଭବ କରିବେ । ହଠାତ୍ ଶରୀର ପୀଡ଼ା ଭୋଗ କରିପାରନ୍ତି । ପରିବାରରେ ସହଯୋଗ ପାଇ ଖୁସି ହେବେ । ଗୃହେ ଶାନ୍ତି ଲାଭ ହେବ ।

**ମୀନ:** କର୍ମ ଚଞ୍ଚଳ ରହିବେ । ଅଯାଚିତ ଭାବରେ ବନ୍ଧୁ ସାହାଯ୍ୟ ସହଯୋଗ ପାଇ ପୁରୁଣା କାମକୁ ସୁରୁଖୁରୁରେ ନିର୍ବାହ କରିବେ । ଆୟର ପରିମାଣ ବଢ଼ିବ । ପରିବାରରେ ଖର୍ଚ୍ଚାନ୍ତ ହେବେ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୭।୫।୨୦୨୪, ଜ୍ୟେଷ୍ଠ ଦି୧୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୮।୧୩** **ଚନ୍ଦ୍ରୋଦୟ- ରାଘ ୧୦।୦୭।୦୮**

ଚତୁର୍ଥୀ - ଦିଘ ୪।୫୪ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର - ଦିଘ ୧୦।୧୩ ପର୍ଯ୍ୟନ୍ତ। ଧନୁ ଚନ୍ଦ୍ର- ଦିଘ ୪।୦୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । ଦିଘ ୪।୦୪ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ଦିଘ ୪।୦୪ ଗତେ ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୪।୫୪ ପରେ ବେଲ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୨୫ ମଧ୍ୟେ, ଦିଘ ୧୧।୪୪ ଗତେ ଘ ୧୨।୦୫ ମଧ୍ୟେ। **ପର୍ବୋତ୍ସବ -** ଶରଣ ପଞ୍ଚକ ଆରମ୍ଭ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ଭାରତ

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଥିବା ରିପୋର୍ଟ ଆସିଥିଲା । ଏହାକୁ ନେଇ ଦେଶବାସୀଙ୍କ ମଧ୍ୟରେ ଖୁସି ଦେଖାଦେଇଥିବାବେଳେ ପୁଣି ଆଉ ଏକ ଆଶାଜନକ ଖବର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଗବେଷଣା ରିପୋର୍ଟରୁ ଜଣାଯାଇଛି । ରିପୋର୍ଟ ଅନୁସାରେ ୨୦୨୭ ମସିହା ସୁଦ୍ଧା ଭାରତ ବିଶ୍ୱର ଚତୁର୍ଥ ବୃହତ ଏବଂ ୨୦୨୯ ସୁଦ୍ଧା ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ । ଅର୍ଥାତ ୩ ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ଏବଂ ୫ ବର୍ଷ ମଧ୍ୟରେ ଜାପାନକୁ ପଛକୁ ଠେଲି ଭାରତ ଏହି ସ୍ଥାନ ଦଖଲ କରିବ । ବର୍ତ୍ତମାନର ଅଭିବୃଦ୍ଧି ହାରରେ ଭାରତ ଏହି ସଫଳତା ପାଇବ ।

୨୦୧୪ ମସିହାରୁ ଭାରତ ଯେଉଁ ପଥ ଅନୁସରଣ କରିଛି ତାହାଦ୍ୱାରା ୨୦୨୯ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ଅର୍ଥାତ ୨୦୧୪ରୁ ୨୦୧୯ ମଧ୍ୟରେ ଭାରତ ୭ଟି ସ୍ଥାନ ଉପରକୁ ଉଠିବ । ୨୦୧୪ରେ ଭାରତ ବିଶ୍ୱର ଦଶମ ବୃହତ ଅର୍ଥନୀତି ଥିବାବେଳେ ବର୍ତ୍ତମାନ ସୁଦ୍ଧା ପଞ୍ଚମ ବୃହତ ଅର୍ଥନୀତିରେ ପରିଣତ ହୋଇଛି । ୨୦୨୯ ସୁଦ୍ଧା ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ ହେବା ଏକ ଉଲ୍ଲେଖନୀୟ ସଫଳତା ବୋଲି ଏସ୍‌ବିଆଇ ଗ୍ରୁପ୍‌ର ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟ କାନ୍ତି ଘୋଷ କହିଛନ୍ତି ।

ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ଭାରତର ଜିଡିପି ଅଭିବୃଦ୍ଧି ୧୩.୫ ପ୍ରତିଶତ ରହିଛି । ଏହି ହାରରେ ଭାରତ ଚଳିତ ଆର୍ଥିକ ବର୍ଷରେ ବିଶ୍ୱର ସର୍ବାଧିକ ଅଭିବୃଦ୍ଧି ହାସଲକାରୀ ଦେଶରେ ପରିଣତ ହେବ । ଯଦିଓ ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ହାର ୭.୭ ପ୍ରତିଶତରୁ ୬.୭ ପ୍ରତିଶତକୁ କମିଯିବ ବୋଲି ଆକଳନ କରାଯାଇଛି । ତାହାର କିଛି ପ୍ରଭାବ ପଡିବନି ବୋଲି ରିପୋର୍ଟରେ କୁହାଯାଇଛି । ସମଗ୍ର ବିଶ୍ୱ ଏବେ ବିଭିନ୍ନ ପ୍ରକାର ଅନିଶ୍ଚିତତା ଦେଇ ଗତି କରୁଛି । ତେଣୁ ୬ରୁ ୬.୫ ପ୍ରତିଶତ ଅଭିବୃଦ୍ଧି ନୂଆ ସ୍ୱାଭାବିକ ବୋଲି ରିପୋର୍ଟରେ କୁହାଯାଇଛି । ବିଶ୍ୱ ଜିଡିପିରେ ଭାରତର ଅଂଶ ୨୦୧୪ରେ ୨.୬ ପ୍ରତିଶତ ଥିଲା । ବର୍ତ୍ତମାନ ଏହା ୩.୫ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ୨୦୨୭ରେ ଏହା ୪ ପ୍ରତିଶତ ଅତିକ୍ରମ କରିବା ସମ୍ଭାବନା ରହିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବେସି
କଳିଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି ପଢି
ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

(କ୍ରମଶଃ)

# ଦଶପଲ୍ଲା ଗଡ଼ରେ ଐତିହାସିକ ଲଙ୍କାପୋଡ଼ି ଯାତ୍ରା (୨)



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ–୮୮୯୫୧୯୦୪୭୫

୨୦୧୬ ମସିହାରେ ଭାରତ ସରକାରଙ୍କର ସଂସ୍କୃତି ବିଭାଗ ପକ୍ଷରୁ ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରାକୁ ଓଡ଼ିଶାର ସବୁ ପୁରାତନ ପ୍ରଥମ ଯାତ୍ରା ଓ ଭାରତ ପରିପ୍ରେକ୍ଷୀରେ ଦ୍ୱିତୀୟ ପ୍ରାଚୀନ ଯାତ୍ରାର ମାନ୍ୟତା ପ୍ରଦାନ କରିଛନ୍ତି । ବାରଣାସୀର ଶ୍ରୀରାମ ଲୀଳା ନାଟକ ପ୍ରଥମ ପ୍ରାଚୀନ ଯାତ୍ରାର ସ୍ୱୀକୃତି ମିଳିଛି । କେବଳ ସୋନପୁରକୁ ବାଦ୍‌ଦେଲେ ଓଡ଼ିଶାରେ ଅନ୍ୟତ୍ର କୌଣସି ସ୍ଥାନରେ ଲଙ୍କାପୋଡ଼ି ଯାତ୍ରା ଆୟୋଜିତ ହୁଏ ନାହିଁ । ଓଡ଼ିଶାର ଜୀବନ ରେଖା ମହାନଦୀ ଓ ତା'ର ଉପନଦୀ ତେଲ ନଦୀର ସଙ୍ଗମ ସ୍ଥଳରେ ମନ୍ଦିର ମାଳିନୀ ଐତିହାସିକ ସହର ସୋନପୁର ଅବସ୍ଥିତ । ଉଦ୍ଧାର ହୋଇଥିବା ବିଭିନ୍ନ ତାମ୍ର ଫଳକରେ ଏହା ପଶ୍ଚିମ ଲଙ୍କା ନାମରେ ଖ୍ୟାତ ରାମାୟଣ ବର୍ଣ୍ଣିତ ବିଭିନ୍ନ ସ୍ଥାନ ସୋନପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏଭଳି ନାମ କରଣ ଦେଖିବାକୁ ମିଳେ । ସୀତାଙ୍କ ସ୍ୱୟଂମ୍ବର ସଭାରେ ଉଭୟ ଲଙ୍କାଧିପତି ଓ ସିଂହଳାଧିପତି ଉପସ୍ଥିତ ଥିଲେ । ସିଂହଳ ଓ ଲଙ୍କା ଏକା ନୁହେଁ । ସୋନପୁର ହିଁ ଲଙ୍କା ଏକଥା ଏକଥା ପ୍ରମାଣ କରିବା ନିମନ୍ତେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଖ୍ୟାତ ଐତିହାସିକଙ୍କୁ ନବୀନ କୁମାର ସାହୁ ଓ ପୁନେ ବିଶ୍ୱ ବିଦ୍ୟାଳୟର ଡଃ ସଂଖାଳିଆଙ୍କ ନେତୃତ୍ୱରେ ସୋନପୁରରେ ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଭାଦ୍ରବ ମାସ ସପ୍ତପୁରୀ ଅମାବାସ୍ୟା ରାତ୍ରରେ ସୋନପୁରର ବାଳକ – ବାଳିକାମାନେ ମାଟି ନିର୍ମିତ ହନୁମାନଙ୍କର ଲାଙ୍ଗୁଡରେ ଅଗ୍ନି ସଂଯୋଗ କରି ଏକ ଶୋଭା ଯାତ୍ରାରେ ସହର ପରିକ୍ରମା କରିଥାଆନ୍ତି । ଦଶପଲ୍ଲା ଗଡ଼ର ଲୋକପ୍ରିୟ ଲଙ୍କା ପୋଡ଼ି ଯାତ୍ରାର ପରିଚୟ ଅନନ୍ୟ ଓ ଅନୁପମ । ଏହି ଯାତ୍ରାର ଉତ୍ପତ୍ତି ଓ ଇତିହାସ ସମ୍ବନ୍ଧରେ ଅନେକ ରୋମାଞ୍ଚକର ହୃଦୟ ସ୍ପର୍ଶୀ ତଥା ଲୋକ ଲୋଚନକୁ ଆସିଥାଏ । ବିଭିନ୍ନ ଗଡଜାତ ରାଜ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଦଶପଲ୍ଲା ଗଡ଼ଜାତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳେ । ଏଠାରେ ପାଳିତ ହୁଏ ଲଙ୍କାପୋଡ଼ି ଯାତ୍ରା । କିମ୍ବଦନ୍ତି ରାଜାଙ୍କ ସ୍ୱପ୍ନାଦେଶ ଅନୁଯାୟୀ ବରଦାୟିନି ପାହାଡର ଏକ ଗୁମ୍ଫାରୁ ମହାବୀର ହନୁମାନଙ୍କର ଏକ ମୂର୍ତ୍ତିକୁ ଆଣି ନିଜ ରାଜ୍ୟରେ ସ୍ଥାପନ କଲେ ଏବଂ ପୂର୍ଜାର୍ଚ୍ଚନାର ବ୍ୟବସ୍ଥା ମଧ୍ୟ କଲେ । ପରବର୍ତ୍ତୀ ସମୟରେ ରାଜାଙ୍କୁ ପୁନଃର୍ବାର ସ୍ୱପ୍ନାଦେଶ ହେବାରୁ କଟକ ମାତାମଠ ନିକଟସ୍ଥ ଏକ ନିମ୍ବଗଛ ମୂଳରୁ ଶାଳଗ୍ରାମ ଆଣି ପ୍ରତିଷ୍ଠା କରିଥିଲେ । ବିଭିନ୍ନ ପୋଥି, ରାଜକୀୟ ଦସ୍ତାବିଜ୍ ଓ ଦଶପଲ୍ଲା ଇତିହାସର ତଥ୍ୟ ଅନୁଯାୟୀ ଦଶପଲ୍ଲା ନବମ ରାଜା ତ୍ରିଲୋଚନ ଭଞ୍ଜ (୧୭୫୩–୧୭୭୫) ରାଜ ନଅର ନିକଟରେ ଏକ ବଖୁରିଆ ଛାତ ଘରେ ଶ୍ରୀ ରଘୁନାଥ ଜୀଉଙ୍କର ପ୍ରତିଷ୍ଠା କରିଥିଲେ । ଦଶପଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ମହାବୀର । ଏହାକୁ ମହାବୀର କ୍ଷେତ୍ର ରୂପେ ମାନ୍ୟତା ମିଳିଛି । ଦଶପଲ୍ଲାର ମହାବୀର ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଓ ବ୍ୟତିକ୍ରମ । ପ୍ରଥମେ ଏଠାରେ ମହାବୀର ସ୍ଥାପିତ ହୋଇଥିଲେ ଏବଂ ପରେ ପ୍ରଭୁ ରଘୁନାଥ ମାତା ସୀତାଙ୍କୁ ପ୍ରତିଷ୍ଠା କରାଯାଇଥିଲା । ମହାବୀର ଏଠାରେ ପାର୍ଶ୍ୱ ଦେବତା ହେଲେ ହିଁ ଉନ୍ନତ ଓ ସମୃଦ୍ଧ ମନ୍ଦିରରେ ବିରାଜମାନ । ସାଧାରଣତଃ ହନୁମାନ ମହାପ୍ରଭୁ ବାମମୁଖା ହୋଇଥିବା ବେଳେ ଏଠାରେ ପ୍ରଭୁ ଗଦାହସ୍ତା ଦକ୍ଷିଣମୁଖା ଅଟନ୍ତି । ଶ୍ରୀ ରଘୁନାଥଜୀ ଓ ପରମ ଭକ୍ତ ଶ୍ରୀ ହନୁମାନ ମହାବୀରଙ୍କ ପ୍ରୀତି ଉଦ୍ଦେଶ୍ୟରେ ସେଦିନରୁ ରାଜାଙ୍କ ଦ୍ୱାରା ରାମାୟଣ ପଠନ କାର୍ଯ୍ୟ ଆରମ୍ଭ ହେଲା । ଏହି ପ୍ରଥା କିଛି ବର୍ଷ ଚାଲିଲା । ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ଏକ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଆଣିଲା । ଦଶପଲ୍ଲାର ଏକାଦଶ ରାଜା ଗୌରଚନ୍ଦ୍ରଭଞ୍ଜ (୧୭୯୫–୧୮୦୫)ଙ୍କ ରାଜତ୍ୱ ସମୟରେ ଦଶପଲ୍ଲା ଠାରେ ଇଂରେଜ ଓ ମରହଟ୍ଟାଙ୍କ ମଧ୍ୟରେ ଏକ ନିର୍ଣ୍ଣାୟକ ଯୁଦ୍ଧ ସଂଗଠିତ ହୋଇଥିଲା । ରାଜା ଗୌରଚନ୍ଦ୍ର ଭଞ୍ଜ ଇଂରେଜ ମାନଙ୍କ ପକ୍ଷ ସମର୍ଥନ କରି ମରହଟ୍ଟା ମାନଙ୍କୁ ଶୋଚନୀୟ ପରାସ୍ତ କରି ବିଜୟର ସ୍ୱାଦ ଚାଖିଥିଲେ । ଏହି ବିଜୟକୁ ସ୍ମରଣ କରିବା ନିମନ୍ତେ ରାଜା ଆରମ୍ଭ କରିଥିଲେ ଶ୍ରୀ ରାମ ଲୀଳାଭିନୟ ବା ଲଙ୍କା ପୋଡ଼ି ଯାତ୍ରା ୧୮୦୨ ମସିହାରେ । ଦଶପଲ୍ଲା ଗଡଜାତର ଦ୍ୱାଦଶ ରାଜା କୃଷ୍ଣ ଚନ୍ଦ୍ର ଭଞ୍ଜ (୧୮୦୫–୧୮୪୫) ଯାତ୍ରାକୁ ଏକ ନୂତନ ଶୈଳି ଓ ରୂପରେଖ ପ୍ରଦାନ କରି ଇତିହାସ ସୃଷ୍ଟି କଲେ । ବିକ୍ରମ ନରେନ୍ଦ୍ରଙ୍କ ଭଣିତ ଶ୍ରୀରାମ ଲୀଳାକୁ ଆଧାର କରି ନୃତ୍ୟ ନାଟିକା ଶୈଳିରେ ଲଙ୍କାପୋଡି ଯାତ୍ରାର ଲୀଳାଭିନୟର ସୂତ୍ରପାତ ହେଲା । ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଗଡଜାତର ୧୮ ଜଣ ସର୍ଦ୍ଦାର ଓ ସର୍ବରାକାର ମାନଙ୍କୁ ଲଙ୍କାପୋଡ଼ି ଯାତ୍ରା ସେହିଦିନ ଠାରୁ ନିରବଚ୍ଛିନ୍ନ ଭାବରେ ପ୍ରତିବର୍ଷ ପାଳିତ ହୋଇଆସୁଅଛି । ପ୍ରତିବର୍ଷ ଦଶପଲ୍ଲାରେ ଚୈତ୍ରଶୁକ୍ଳ ନବମୀ ଶ୍ରୀରାମ ଜନ୍ମୋତ୍ସବ ଠାରୁ ପ୍ରର୍ଯ୍ୟାୟ କ୍ରମେ ଲଙ୍କାପୋଡି ବା ରାବଣ ବଧ ଓ ରାଜ୍ୟାଭିଷେକ ପର୍ଯ୍ୟନ୍ତ ଏହି ରାମ ଲୀଳା ଅଭିନୀତ ହୋଇଥାଏ । ଲୀଳାର ଗତି ଅନୁଯାୟୀ ଯାଗ ରକ୍ଷା, ଧନୁଭଙ୍ଗ, ସୀତା ବିବାହ, ପର୍ଶୁରାମ ଭେଟ, ଗଣ୍ଡାବଧ, ବନବାସ, ଭରତ ମିଳନ, ବିରାୟୁଧ ବଧ, ବେଢା ପରିକ୍ରମା, ସୀତା ହରଣ, ଶ୍ରୀରାମ ବିଳାପ, ବଳି ବଧ, ସୁଗ୍ରୀବ ଅଭିଷେକ, ବେଲ ବନେ ପ୍ରବେଶ, ସୀତା ଠାବ, ଛତ୍ରଛେଦନ, କୁମ୍ଭକର୍ଣ୍ଣ ବଧ, ରାବଣ ବଧ ଓ ଅଭିଷେକ ଆଦି ରାମ ନାଟକ ଅଭିନୀତ ହୁଏ । ଏହି ରାମ ଲୀଳାର ମୁଖ୍ୟ ଆକର୍ଷଣ ଓ ପ୍ରସଙ୍ଗ ଲଙ୍କାପୋଡି ଯାତ୍ରା ବା ରାବଣ ବଧ । ଦଶପଲ୍ଲା ଲଙ୍କା ପୋଡି ଯାତ୍ରାର ଅନ୍ୟତମ ବିଶେଷତ୍ୱ ହେଲା ମଙ୍ଗଳରାତି ବୁଧ ପାହାନ୍ତି ପରମ୍ପରା କ୍ରମେ ରାବଣ ବଧ କରାଯାଇଥାଏ । ଅତୀତରେ ଏହି ପରମ୍ପରାର ବ୍ୟତିକ୍ରମ ଘଟିବାରୁ ଅନେକ ବିପର୍ଯ୍ୟୟ ଘଟିଥିଲା । ବର୍ଷା ପବନ ଆସି ଥରେ କାଷ୍ଠ ନିର୍ମିତ ରାବଣ ଭୂପତିତ ହୋଇ ଥିଲା ଓ ଅନେକ କ୍ଷତି ସହିବାକୁ ପଡିଥିଲା ସେ ସମୟରେ । (କ୍ରମଶଃ)

# ଗୋଡ଼ଟଣା ପ୍ରକୃତି



ଇଂ ସତ୍ୟନାରାୟଣ ମାଝୀ
ଏକତାଲୀ,
ଯଶିପୁର, ମୟୂରଭଞ୍ଜ
ମୋ–୯୪୩୮୫୩୭୦୧୩

ବର୍ତ୍ତମାନ ପରିପେକ୍ଷୀରେ ବିଶ୍ୱର ପ୍ରଗତି ବିଭିନ୍ନ କ୍ଷେତ୍ରରେ ତୀବ୍ରଗତିରେ ବଢିଚାଲଛି । ଆପଣ ଯେଉଁ କ୍ଷେତ୍ରକୁ ଯିବେ ସବୁ କ୍ଷେତ୍ରରେ କିଛିନା କିଛି ନୂଆ ଉପଲବ୍ଧି ଦେଖିବାକୁ ମିଳୁଛି ଏବଂ ପରିବର୍ତ୍ତନ ମଧ୍ୟ ହୋଇଛି । ଏହା ମଧ୍ୟରେ ଅନେକ ଦୁଃଶକ୍ତିର ମଧ୍ୟ ପ୍ରଘଟ ହୋଇଛି । ମାନବ ସମାଜ ଯେତେ ପ୍ରଗତିଶୀଳ ହୋଇଚାଲିଛି ସେତେ ତଳକୁ ଖସିବାର ମଧ୍ୟ ନିଜ ଭିତରେ ଉପଲବ୍ଧିକୁ ଜାହିର କରିଚାଲିଛି । ତେବେ ଲକ୍ଷ୍ୟ କରିବା ଆମର ସାମାଜିକ ବ୍ୟବସ୍ଥା କଥା । ଆଜିର ପରିସ୍ଥିତିରେ ଯେଉଁ କ୍ଷେତ୍ରକୁ ବି ଯିବା ଗୋଡଟଣା ଅବଶ୍ୟ ରହିଛି । ମାନେ ଜଣେ ଉପରକୁ ଉଠିବାକୁ ଚାହିଁଲେ ପଛପଟୁ ଟାଣିବା । ଏହା ବଳପୂର୍ବକ ହୋଇପାରେ କିମ୍ବା ମାନସିକ ଭାବରେ ହୋଇପାରେ । ଏହା ନକରାତ୍ମକ ଦୃଷ୍ଟିରୁ ବି ହୋଇପାରେ ଅଥବା ସକରାତ୍ମକ ଚିନ୍ତନରୁ କେବେ ବି ନୁହଁ । କେମିତି ନକରାତ୍ମକ ଜାଣିବା, କାଳେ ଉପରକୁ ଉଠିଗଲେ ମୋର ମର୍ଯ୍ୟାଦା, ଖ୍ୟାତି ଏବଂ ସମ୍ମାନରେ ହାନି ଘଟିବ । ତା ପୂର୍ବରୁ ତାକୁ ଆମେ ଗୋଡକୁ ଟାଣି ଦେଉଛେ । ଯାହାଫଳରେ ଖସିପଡୁଛି । କିଏ ଜଣେ ଗଳ୍ପରେ କହୁଥିଲେ କଙ୍କଡା ଏବଂ ଅନ୍ୟ ସରୀସୃପମାନଙ୍କର କଥା । ଗୋଟେ ପ୍ରଦର୍ଶନୀରେ ନେଇ କି ଯେତେବେଳେ ବିଭିନ୍ନ ସରୀସୃପଙ୍କୁ ପାଛିଆରେ ରଖି ଦିଆଗଲା ଅନ୍ୟ ସରୀସୃପମାନଙ୍କ ଲାଗି ଢାଙ୍କୁଣୀ ଆବଶ୍ୟକ ପଡିଲା କିନ୍ତୁ କଙ୍କଡାମାନଙ୍କ ଲାଗି ଢାଙ୍କୁଣୀର ଆବଶ୍ୟକ ପଡିଲା ନାହିଁ । କାରଣ କଙ୍କଡାମାନଙ୍କ ମଧ୍ୟରେ ଯିଏ ପାଛିଆର ଉପରଭାଗକୁ ଚଢିବାକୁ ଚାହିଁଲା ତାକୁ ଗୋଡରେ ତଳପଟୁ ଆଉ ଗୋଟେ କଙ୍କଡା ଟାଣିଲା । ସେମିତି ତଳପଟୁ ତାପରେ ପରେ ଲାଗିଲେ ।

ଏମିତି କି ଦେଶ, ରାଜ୍ୟ, ଜିଲ୍ଲା କଥା ଛାଡନ୍ତୁ ନିଜର ପରିବାରରେ ମଧ୍ୟ ଗୋଡ ଟଣାଟଣି ହେଉଛି । ମହାଭାରତରେ ମଧ୍ୟ ତାହା ଦେଖିବାକୁ ମିଳିଥିଲା କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ । ଏହା ଏକ ସାମାଜିକ ଅସଭ୍ୟତାର ପରିଚୟ ଭଳି ମନେ ହୁଏ । ଏହାର ଅନେକ ଜୀବିତ ଉଦାହରଣ ରହିଛି ବଖାଣିଲେ ସରିବ ନାହିଁ । ଏମିତି କି କଳ୍ପନା ବାହାରେ ।

ଗୋଡଟଣା ଯୋଗୁଁ ମଧ୍ୟ ଅନେକ କ୍ଷେତ୍ରରେ ବିକାଶରେ ବାଧାସୃଷ୍ଟି କରୁଛି ଏବଂ ସମସ୍ୟା ଜନ୍ମ ହେବାର କାରଣ ସାଜୁଛି । ବିଶେଷ କରି ବିଭିନ୍ନ ସ୍ଥାନରେ ଉଭୟ ସରକାରୀ ଓ ବେସରକାରୀ ଦପ୍ତର ଗୁଡିକରେ ଏହା ସ୍ୱାଭାବିକ ଭାବରେ ପରିଲକ୍ଷିତ ହୋଇଛି । ନିଜର ସମ୍ମାନକୁ ବଢାଇବା ଦୃଷ୍ଟିରେ ଯାଇ ଅନ୍ୟ ଜଣକର ଗୋଡ ଟାଣିବା ଯେ କେତେ ବଡ ହାନି ବୁମେରାଂ ଗୋଡଟଣା ଲୋକଟି ସେହି ସମୟରେ ଅନୁଭବ କରିପାରେ ନାହିଁ । ରାଜା ଅମଳରେ ମନ୍ତ୍ରୀମାନଙ୍କ ମଧ୍ୟରେ, ବ୍ୟବସାୟରେ ବ୍ୟବସାୟୀମାନଙ୍କ ମଧ୍ୟରେ, ରାଜନୈତିକ ଦଳରେ ପଦବୀ ଲାଗି ନେତାମାନଙ୍କ ମଧ୍ୟରେ, ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ମଧ୍ୟରେ, ସରକାରୀ ଅଫିସ୍‌ରେ ସରକାରୀ ବାବୁଙ୍କ ମଧ୍ୟରେ, ଗାଁ ପରିବାରରେ ଭାଇମାନଙ୍କ ମଧ୍ୟରେ ଗୋଡଟଣା ଭଳି ଅପ୍ରାକୃତିକ ନୀତିପ୍ରୟୋଗ ଚାଲିଆସିଅଛି । ବାସ୍ତବରେ ମନେ ହୁଏ ଗୋଡଟଣା ପ୍ରକୃତିଟି ଈର୍ଷାରୁ ଜାତ ହୁଏ । ଯାହାର କିଛି ବି କାମ ନଥାଏଏବଂ ପୁଳାପୁଳା ସମୟ ଧରି ଅଶୁଭ ଚିନ୍ତାରେ ବୁଡି ରହିଥାଏ,ସିଏ ଏଇ ସବୁରେ ମାଷ୍ଟର ବା ମାହିର । ଯେମିତି ପଶୁପକ୍ଷୀଙ୍କ କ୍ଷେତ୍ରରେ କୌଣସି ଖାଦ୍ୟଗ୍ରହଣ ସମୟରେ ନିଜ ନିଜ ଭିତରେ ଲଢେଇ ଲାଗିବା । ଗୋଡଟଣାର ଶିକାର ହୋଇ ଅନେକ ସମୟ ଧରି ଜଣେ ଜଣେ ନିରାଶ ବା ହତାସରେ ନିଜର ଜୀବନ ମଧ୍ୟ ହାରିଦେଉଛନ୍ତି । ଏଇ କାରଣରୁ ବିଭିନ୍ନ ରାଜନୈତିକ ଦଳରେ ମଧ୍ୟ ବହୁ ଅନୁଭବୀ ନେତା ଆଗକୁ ଆସିପାରୁନାହାନ୍ତି । କେବଳ ଯେ ବ୍ୟକ୍ତି ମଧ୍ୟରେ ଗୋଡଟଣା ଚାଲିଛି ତାହା ନୁହେଁ, ସମାଜର ହିତକାର୍ଯ୍ୟ ମଧ୍ୟ କିଛି ଲୋକ ବିରୋଧ କରିବା ମଧ୍ୟ ଗୋଡଟଣା ନୀତି । ସ୍ୱାଧୀନତା ସଂଗ୍ରାମ ବେଳେ ମଧ୍ୟ ବୀର୍ସା ମୁଣ୍ଡାଙ୍କର ଭଳି ଅନେକ ବୀର ସଂଗ୍ରାମୀମାନଙ୍କୁ ଇଂରେଜ୍ ହାତରେ ଧରାଇଦେଇଥିଲେ ସେଇ କୁଚକ୍ରୀ ଗୋଡଟଣାମାନେ । ପରୋକ୍ଷ ଭାବରେ ଭାରତକୁ ଅସୁବିଧାରେ ପକାଇବାଲାଗି ଗୋଡଟାଣୁଛି ବିସ୍ତାରବାଦୀ ଚୀନ । ସବୁବେଳେ ଆର୍ଥିକ ଦୁର୍ବଳ ଦେଶମାନଙ୍କୁ ଆର୍ଥିକ ସହଯୋଗ କରି ଭାରତର ମିତ୍ରଦେଶମାନଙ୍କ ମଧ୍ୟରେ ଦୂରତା ସୃଷ୍ଟି କରିବାକୁ ଲାଗିଛି । ଅନେକ ସମୟରେ ନିଜର କାୟା ବିସ୍ତାର କରିବା ଲାଗି ଚୀନ ଏସବୁ କରୁଛି । ତେଣୁ ସକରାତ୍ମକ ମନୋଭାବ ରଖି ମଣିଷ ନିଜର ଦକ୍ଷତା ପ୍ରତି ପାଦନ କଲେ ହିଁ ଆମ ସମସ୍ତଙ୍କର ପ୍ରଗତି ହେବ ।

# ବିପଦ ସାଜୁଛି ମୋବାଇଲ ଫୋନ



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ–୯୯୩୮୧୧୩୨୨୬

ଆଗ ସମୟରେ ଫୋନ ତାରରେ ବନ୍ଧା ଥିଲା କିନ୍ତୁ ଆଶ୍ଚର୍ଯ୍ୟର କଥା ଆଜିର ସମୟରେ ମଣିଷ ମୋବାଇଲ ଫୋନ୍‌ରେ ବନ୍ଧା ହେଇଛି । ମଣିଷର ଅଭିନ୍ନ ଅଙ୍ଗ ହୋଇଛି କହିଲେ ଭୁଲ୍ ହେବନି । ଆଜିର ସମୟରେ ମୋବାଇଲ୍ ଫୋନ୍ ଲୋକମାନଙ୍କ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇସାରିଛି । କଥାବାର୍ତ୍ତାଠାରୁ ଆରମ୍ଭ କରି ବିଭିନ୍ନ ଆବଶ୍ୟକତା ପୂରଣ କରିବା ପର୍ଯ୍ୟନ୍ତ ସବୁ କାମ କରିବା ପାଇଁ ମୋବାଇଲ ଫୋନ୍ ଆବଶ୍ୟକତା ହୋଇଯାଇଛି । ମୋବାଇଲ ଫୋନ ବ୍ୟବହାର କରିକି ନିଜ ହାତ ପାହାନ୍ତାରେ ତ ସାରା ଦୁନିଆ ବିଷୟରେ ଜାଣିହେଉଛି କିନ୍ତୁ ଏହାର କୁପ୍ରଭାବ ମଣିଷ ନିଜ ଶରୀର ଉପରେ ପଡୁଛି । ମୋବାଇଲ ଫୋନ୍ ଏତେ ମାତ୍ରାରେ ବ୍ୟବହାର କରିବା କାରଣକୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ହେବାକୁ ଲାଗୁଛି । ସବୁବେଳେ ମୋବାଇଲ ଫୋନ ବ୍ୟବହାର ଆଖି ଉପରେ କୁପ୍ରଭାବ ପଡ଼ିଥାଏ । ମଣିଷର ଆଖି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । କିନ୍ତୁ ମୋବାଇଲ ବହୁଳ ବ୍ୟବହାର କରିବା କାରଣରୁ ଆଖି ନଷ୍ଟ ହେବାର ସମ୍ଭାବନା ଥାଏ । ମୋବାଇଲ ଫୋନରୁ ଆସିଥିବା ନୀଳ ରଶ୍ମି ଆଖି ଉପରେ ପ୍ରଭାବ ପକାଇଥାଏ । ଆଖି ଉପରେ ଅଧିକ ପ୍ରଭାବ ପଡ଼ିବା ହେତୁ ମୁଣ୍ଡ ବ୍ୟଥା ମଧ୍ୟ ହୋଇଥାଏ ।

ମୋବାଇଲ ଫୋନ୍ ବ୍ୟବହାର ପଛର ଉଦ୍ଦେଶ୍ୟ ଥିଲା ନିଜ ଲୋକ ମାନଙ୍କ ପାଖରେ ସହଜରେ ଓ କମ୍ ସମୟ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା କିନ୍ତୁ ଆଜିର ସମୟରେ ଦେଖା ଯାଉଛି ଏହା ନିଜ ଲୋକଙ୍କ ମଧ୍ୟରେ ଦୂରତା ବଢ଼େଇଦଉଛି । ମୋବାଇଲ ଫୋନରେ ଆସୁଥିବା ଭିଡିଓ, ଅଡିଓ, ବିଭିନ୍ନ ମନୋରଞ୍ଜନ ମୂଳକ ଜିନିଷରେ ମଜ୍ଜି ରହିବା କାରଣରୁ ପାଖରେ ଥିବା ଲୋକ ପାଖରେ ମଣିଷ ଦୂରେଇ ଯାଉଛି । ଏହା ମଣିଷକୁ ନିଜ ଲୋକ ମାନଙ୍କ ପାଖରୁ ଦୂରେଇ ଦଉଛି ଯାହା ଫଳରେ କି ମଣିଷ ଏକୁଟିଆ ହୋଇଯାଉଛି । ଏମିତି କି ଶୋଇବା ସମୟରେ ମଧ୍ୟ ଏହାର ବ୍ୟବହାର କରିବା କାରଣରୁ ଭଲ ନିଦ ହୁଏ ନାହିଁ । ମୋବାଇଲ ଫୋନ୍‌ରୁ ଆସୁଥିବା ଆଲୋକ ଆଖି ଉପରେ ପଡ଼ିବା କାରଣରୁ ଭଲ ନିଦ ହୁଏ ନାହିଁ ଭଲ ନିଦ ନ ହେବା କାରଣରୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ଫୋନ ବ୍ୟବହାର କରି ଦୁର୍ଘଟଣା ଘଟିବା ବର୍ତ୍ତମାନ ସାଧାରଣ କଥା ହୋଇଗଲାଣି । ଗାଡ଼ି ଚଳେଇବା ସମୟରେ ସାମାନ୍ୟ ଅସାବଧାନତା ଯୋଗୁଁ ଦୁର୍ଘଟଣା ଘଟୁଛି ଯାହା ଫଳରେ କି ମୂଲ୍ୟବାନ ଜୀବନ ପଳାଉଛି । ମନୁଷ୍ୟ ନିକଟରେ ଚାପ ରହିଥାଏ କିନ୍ତୁ ଅତ୍ୟଧିକ ମୋବାଇଲ ଫୋନ୍ ବ୍ୟବହାର କରିବା ଦ୍ୱାରା ବି ଚାପ ବୃଦ୍ଧି ପାଇଥାଏ । ଇଣ୍ଟରନେଟରେ କିଛି ପଢିବା, ଅତ୍ୟଧିକ ଫୋନ ବ୍ୟବହାର କରିବା, ପର୍ଯ୍ୟାପ୍ତ ପରିମାଣରେ ନ ଶୋଇବା କାରଣରୁ ଚାପ ବୃଦ୍ଧି ପାଇଥାଏ । ଛୋଟ ପିଲା ମାନେ ଅନେକ ପ୍ରକାର ଗେମ ମୋବାଇଲ ଫୋନ୍‌ରେ ଖେଳୁଛନ୍ତି । ଗେମରେ ହେଉଥିବା କାଳ୍ପନିକକୁ ସେମାନେ ନିଜ ଜୀବନରେ ସତ କରିବାକୁ ଚେଷ୍ଟା କରୁଛନ୍ତି ଯାହା ଫଳରେ କି ନିଜ କ୍ଷତି କରିବସୁଛନ୍ତି । ଏଥି ପ୍ରତି ପିତା ମାତା ସତର୍କ ହେବା ଉଚିତ୍ । ଏହି କଥାରେ କେହି ଦୁଇ ମତ ହେବେ ନାହିଁ କି କିଛି ବର୍ଷ ତଳେ ଯେତେବେଳେ କିଛି ଖବର ପହଞ୍ଚାଇବା ପାଇଁ ଆଗରୁ ସମୟ ଲାଗୁଥିଲା ତାହା ବର୍ତ୍ତମାନ ବହୁତ୍ କମ୍ ସମୟ ମଧ୍ୟରେ ସହଜରେ ପହଞ୍ଚି ପାରୁଛି କିନ୍ତୁ ଏହା ଆବଶ୍ୟକତା ଠାରୁ ଅଧିକ ବ୍ୟବହାର ଏହାର କୁପ୍ରଭାବ ମଣିଷ ଜୀବନ ଉପରେ ପଡୁଛି ।

# ଶିକ୍ଷା ଅଧିକାର ଆଇନର ପ୍ରାସଙ୍ଗିକତା



ଡ. ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ମୋ–୯୭୭୮୭୬୪୩୯୪
tripathysk1947@gmail.com

ରାଷ୍ଟ୍ର ବିକାଶରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଏହାକୁ ଉପଲବ୍ଧି କରି ସମ୍ବିଧାନର ୮୬ତମ ସଂଶୋଧନ ଦ୍ୱାରା ୬–୧୪ ବର୍ଷର ପିଲାମାନଙ୍କ ଶିକ୍ଷାକୁ ମୁକ୍ତ ଏବଂ ବାଧ୍ୟତା ମୂଳକ କରାଯାଇଛି ଏବଂ ଏହାକୁ ମୌଳିକ ଅଧିକାର ରୂପେ ମଧ୍ୟ ସ୍ୱୀକୃତି ପ୍ରଦାନ କରାଯାଇଛି । ଶିକ୍ଷା ପ୍ରଦାନକୁ ଅଧିକ ସହଜ, ସରଳ ତଥା ଲୋକାଭିମୁଖୀ କରିବା ଲକ୍ଷ୍ୟ ନେଇ ଏଥିରେ ଉଭୟ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ମାନଙ୍କୁ ସାମିଲ କରାଯାଇଛି । ଶିକ୍ଷା ଅଧିକାର ଆଇନ–୨୦୦୯ର ଧାରା ୧୨ (୧) (ଗ) ଅନୁଯାୟୀ ପ୍ରତ୍ୟେକ ଘରୋଇ ବିଦ୍ୟାଳୟ ସେମାନଙ୍କର ସର୍ବମୋଟ ସିଟ୍ ମଧ୍ୟରୁ ଶତକଡ଼ା ୨୫ ଭାଗ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରୀଛାତ୍ର ମାନଙ୍କ ପାଇଁ ସଂରକ୍ଷିତ କରି ରଖିବେ । ସେଥି ମଧ୍ୟରୁ ଦଶ ପ୍ରତିଶତ ସିଟ୍ ଅନୁସୂଚୀତ ଜାତି ଓ ଜନଜାତି ବର୍ଗ, ଦଶ ପ୍ରତିଶତ ବି.ପି.ଏଲ ଶ୍ରେଣୀ ଏବଂ ପାଞ୍ଚ ପ୍ରତିଶତ ବାସଗୃହହୀନ ପରିବାରର ଛାତ୍ରୀଛାତ୍ର ମାନଙ୍କ ପାଇଁ ସଂରକ୍ଷିତ ରହିବ । ଉକ୍ତ ଆଇନ ଅଧାରରେ ଆମ ରାଜ୍ୟ ଓଡ଼ିଶାରେ ୨୦୨୪–୨୫ ଶିକ୍ଷାବର୍ଷ ପାଇଁ ୩,୩୩୧ ବେସରକାରୀ ଓଡ଼ିଆ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ଥିବା ୪୧,୩୩୩ ସଂରକ୍ଷିତ ଆସନରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଏବଂ ଏଥିପାଇଁ 'ପାରଦର୍ଶୀ' ନାମକ ଏକ ସ୍ୱତନ୍ତ୍ର ଓ୍ୱେବସାଇଟ୍ ଖୋଲା ଯାଇଛି । ପ୍ରଥମ ପର୍ଯ୍ୟାୟରେ ଲଟେରୀ ମାଧ୍ୟମରେ ୧୭,୨୩୫ ଜଣ ଛାତ୍ରୀଛାତ୍ରଙ୍କ ଚୟନ କରାଯାଇଥିଲା । ଯଦି ଅଭିବାବକମାନେ ନାମଲେଖା ସମୟରେ କୌଣସି ପ୍ରକାର ସମସ୍ୟାର ସମ୍ମୁଖିନ ହୁଅନ୍ତି ତା'ର ସମାଧାନ ପାଇଁ ହେଲ୍‌ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି । ତଥାପି ଏହା ଆର୍ଥିକ ଦୁର୍ବଳ ଶ୍ରେଣୀର ଅଭିବାବକ ମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ । ସେଥିପାଇଁ ଓଡ଼ିଶା ଅଭିବାବକ ମହାସଂଘ, ଜରିଆରେ ବିଭିନ୍ନ ଘରୋଇ ବିଦ୍ୟାଳୟମାନେ ଉକ୍ତ ଆଇନର ଖିଲାପ କରି ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀ ପଢ଼ିବା ପାଇଁ କୌଣସି ଆନ୍ତରିକତା ଦେଖାଉ ନାହାଁନ୍ତି ବୋଲି ଅଭିଯୋଗ କରି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓ.ସେ.ପା) କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ତେବେ ଉକ୍ତ ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ ହେଲେ ମଧ୍ୟ ଏହାର ପ୍ରାସଙ୍ଗିକତାକୁ ନେଇ ଅନେକ ପ୍ରଶ୍ନବାଚୀ ଯାହାକୁ ଅନୁଶୀଳନ କରି ପରବର୍ତ୍ତୀ କ୍ଷେତ୍ରରେ ସରକାର ସମୟୋପଯୋଗୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

ପ୍ରଥମତଃ ଆବଶ୍ୟକ ସଂଖ୍ୟାର ପିଲା ଅଭାବରୁ ଅନେକ ସରକାରୀ ବିଦ୍ୟାଳୟ ବନ୍ଦ ହୋଇ ଯାଉଥିବା ବେଳେ ଘରୋଇ ବିଦ୍ୟାଳୟ ଆଡ଼କୁ ଅଭିବାବକ ମାନେ ମୁହାଁଇବା ସରକାରୀ ବିଦ୍ୟାଳୟ ଗୁଡ଼ିକର ଗୁଣବତ୍ତା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁ ନାହିଁକି ? ଏହି ଆଇନ୍‌କୁ ସଫଳ କରିବାର ଦାୟିତ୍ୱ କ'ଣ କେବଳ ଘରୋଇ ବିଦ୍ୟାଳୟ ମାନଙ୍କ ଉପରେ ନ୍ୟସ୍ତ ଅଛି କି? ଯଦି ଅଭିବାବକମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ସେମାନଙ୍କ ପିଲା ମାନଙ୍କୁ ପଢ଼ାଇବା ପାଇଁ ବ୍ୟାକୁଳ ତାହେଲେ ସରକାର ସେ ଦିଗରେ ପଦକ୍ଷେପ ନେଇ ପାରନ୍ତି । ଦ୍ୱିତୀୟତଃ ଯେଉଁ ପିଲାମାନେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ନାମୀଦାମୀ ବିଦ୍ୟାଳୟରେ ପଢ଼ିବେ ସେମାନେ ପରବର୍ତ୍ତୀ ସମୟରେ ଉକ୍ତ ବିଦ୍ୟାଳୟ ମାନଙ୍କରେ ଫିସ୍ ଦେଇ ପାରିବେ ତ? ନତୁବା ଅର୍ଥାଭାବରୁ ପିଲାମାନେ ଅନ୍ୟ ବିଦ୍ୟାଳୟମାନଙ୍କୁ ଗଲେ ସେମାନେ ଯେଉଁ ମାନସିକ ଆଘାତ ପାଇବେ ସେଥିପାଇଁ କିଏ ଉତ୍ତରଦାୟୀ ରହିବେ ?

ତୃତୀୟତଃ ଗୋଟିଏ ଶ୍ରେଣୀରେ ବିଦ୍ୟାଳୟ ଫିସ୍ ଦେଇ ପଢୁଥିବା ପିଲା ଏବଂ ମାଗଣାରେ ପଢୁଥିବା ପିଲା ସାଙ୍ଗ ହୋଇ ପଢ଼ିବା ଦ୍ୱାରା ବସିବା ଦ୍ୱାରା ମାଗଣାରେ ପଢୁଥିବା ପିଲାମାନଙ୍କ ମନରେ ହୀନମନ୍ୟତା ଆସିବାର ସମ୍ଭାବନା ରହିଛି । ଚତୁର୍ଥତଃ ଛାତ୍ରଛାତ୍ରୀ ଚୟନ ପାଇଁ ଯେଉଁ ପାରଦର୍ଶୀ ପୋର୍ଟାଲ ଅଛି ସେ ବିଷୟରେ ପ୍ରକୃତ ଅବହେଳିତ ବର୍ଗର ଅଭିବାବକମାନେ କେତେ ମାତ୍ରାରେ ସଚେତନ? କେତେକ ସମୟରେ ଏହି ସୁବିଧା ହାସଲ କରିବା ପାଇଁ ଅଭିବାବକମାନେ ତଥାକଥିତ ଦଲାଲ ମାନଙ୍କର ସହାୟତା ନେବା ଦ୍ୱାରା ଆଇନ ତାର ମୂଳ ଲକ୍ଷ୍ୟରୁ ଦୂରେଇ ଯିବାଭଳି ମନେହୁଏ । ଅଧିକାଂଶ ସମୟରେ ବି.ପି.ଏଲ ପରିବାରବର୍ଗ ଯେତେ ମାତ୍ରାରେ ଉକ୍ତ ଆଇନ ଦ୍ୱାରା ଲାଭାନ୍ୱିତ ହେଉଛନ୍ତି ଅନ୍ୟ ବର୍ଗରେ ଲୋକମାନେ ସେତେ ମାତ୍ରାରେ ଲାଭାନ୍ୱିତ ହେବା ଭଳି ମନେ ହୁଏ ନାହିଁ । ପଞ୍ଚମତଃ ବାସହୀନ ପରିବାରକୁ ଚିହ୍ନଟ କରିବା ଏକ କଷ୍ଟକର ବ୍ୟାପାର । କାରଣ ସହରାଞ୍ଚଳରେ ଅଧିକାଂଶ ଲୋକ ପ୍ରବାସୀ ଭାବେ ଜୀବନ କଟାଇ ଥାଆନ୍ତି । ତେଣୁ ଗାଁରେ ଛାଡ଼ି ଆସିଥିବା ଘରକୁ ଯଦି ଗ୍ରହଣ କରାଯାଏ ତାହେଲେ ବାସହୀନ ପରିବାର ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ହୋଇଯିବ । ଷଷ୍ଠତଃ ଶେଷରେ ଯେଉଁ ସବୁ ବିଦ୍ୟାଳୟ ଗୁଡ଼ିକ ଶତକଡ଼ା ୨୫ ଭାଗ ଛାତ୍ରୀଛାତ୍ର ମାନଙ୍କୁ ମାଗଣାରେ ନାମ ଲେଖାଇ ପାଠ ପଢ଼ାଉଛନ୍ତି ସେହି ସବୁ ବିଦ୍ୟାଳୟ ଗୁଡ଼ିକୁ ସଠିକ୍ ସମୟରେ ଆନୁପାତିକ ଭାବେ ସରକାରୀ ଅନୁଦାନ ମିଳିବା ଉଚିତ୍ ।

ଶେଷରେ ଯେଉଁ ବିଦ୍ୟାଳୟ ଗୁଡ଼ିକ ଉକ୍ତ ଆଇନର ଖିଲାପ କରୁଛନ୍ତି ତାହାକୁ ସଠିକ୍ ଭାବେ ତନଖି କରାଯିବାର ଉପାୟ କ'ଣ ଏବଂ ସେମାନଙ୍କ ପାଇଁ କି ପ୍ରକାର ଦଣ୍ଡ ବିଧାନର ବ୍ୟବସ୍ଥା କରାଯାଇ ପାରିବ ସେ ବିଷୟରେ ଆମ୍ ସମୀକ୍ଷାର ସମୟ ଉପଗତ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୬ ମଇ ୨୦୨୪ ରବିବାର





## ମହିମା ଅଲେଖ ଟୁଙ୍ଗିରେ ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟକ୍ରମ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମର ମହିମା ଅଲେଖ ଟୁଙ୍ଗି ପ୍ରାଙ୍ଗଣରେ ନୂତନ ଚୌପାଢ଼ୀ, ଏବଂ କାର୍ଯ୍ୟାଳୟ ଗୃହ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ମହିମା ଗାଦିର ବ୍ରହ୍ମ ଅବଧୂତ ବାବାଙ୍କ ପୌରାହିତ୍ୟରେ ଏବଂ ଆଞ୍ଚଳିକ ସାଧୁ ଭକ୍ତ ମାନଙ୍କ ଉପସ୍ଥିତିରେ ବୁଧବାର ସନ୍ଧ୍ୟା ୬ ଘଟିକାରେ ଅଖଣ୍ଡବତୀ ପ୍ରଜ୍ୱଳନ, ଧ୍ୱନୀ ସ୍ଥାପନ, ନାମ ଭଜନ ଚଉଷଠି ସିଦ୍ଧ ବାବାଙ୍କ ଆଜ୍ଞାବେତ ବେଢ଼ା ସହିତ ପରିକ୍ରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ସକାଳ ୮ ଘଟିକାରେ ପୂର୍ଣ୍ଣାହୁତି ଓ ବାଲ୍ୟ ଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଦ୍ୱିଦିବସୀୟ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମରେ ଏକ ଉତ୍ସବର ମାହଲ ସୃଷ୍ଟି ହୋଇଥିବା ବେଳେ କାର୍ଯ୍ୟକ୍ରମରେ ସ୍ଥାନୀୟ ଭକ୍ତଙ୍କ ସମେତ ଆଖପାଖ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

## ଅବ୍ୟବସ୍ଥା ଘେରରେ ଶତାଧିକ ବର୍ଷ ପୁରୁଣା ବୌଦ୍ଧ ଡାକଘର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ଅବ୍ୟବସ୍ଥା ଘେରରେ ରହିଛି ଶତାଧିକ ବର୍ଷ ପୁରୁଣା ବୌଦ୍ଧ ଡାକଘର । ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି ଏହି ଡାକଘର । ବୌଦ୍ଧ ସହରର ମଧ୍ୟ ଭାଗରେ ଥିବା ବୌଦ୍ଧ ଡାକଘର ବର୍ତ୍ତମାନ ମୁଖ୍ୟ ଡାକଘର ଭାବେ କାର୍ଯ୍ୟ କରୁଛି । ବୌଦ୍ଧ ଜିଲ୍ଲା ବୌଦ୍ଧ ତହସିଲ ବୌଦ୍ଧ ଗଡ ନଜୁଲ ମୌଜାର ରକ୍ଷିତଖାତା ନଂ ୧୦୩୯ର ପ୍ଲଟ୍ ନଂ ୧୩୨୦ରେ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଜାରାଜୁଡା ଅମଳର ଗୋଟିଏ ଘରେ ଆଜିପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିଛି । ଏକ ବଖରା ଘରଟି କେବେଠୁ ଧ୍ୱଂସାଭିମୁଖୀ ହୋଇସାରିଲାଣି । ଛାତରୁ ପାଣି ଗଳୁଛି, କାନ୍ଥସବୁ ଫାଟି ଆଁ କରିରହିଛି । ଘର ସାରା ଉଇ ଘର କରିଛନ୍ତି । ଅଳ୍ପ କେତେବର୍ଷ ତଳେ ନାଗରିକ କମିଟି ତରଫରୁ ଆଇଜି ଡାକ ବିଭାଗ ନୂଆଦିଲ୍ଲୀଙ୍କ ସହ ପତ୍ରାଳାପ ପରେ କୋଠାଟିକୁ ରିନୋଭେସନ କରାଯାଇଥିଲା । ଏକ ବର୍ଷ ପରେ



ମରାମତି କାନ୍ଥ ସବୁ ଫାଟି ଆଁ କରିବା ପରେ ସେଗୁଡିକ ବୁଜିବା ପାଇଁ ଲମ୍ବା ଲମ୍ବା ଟିଣ ପ୍ୟାଚ୍ କରାଯାଇଛି । ଛୋଟ ଛୋଟ ଡାକଘର ସବୁ ନୂତନ ପକ୍କାଘର ହୋଇସାରିଲାଣି । ବ୍ରହ୍ମପୁର ଡାକମଣ୍ଡଳର ଶେଷମୁଣ୍ଡରେ ଥିବା ବୌଦ୍ଧ ଜିଲ୍ଲାର ଏକମାତ୍ର ମୁଖ୍ୟ ଡାକଘର ହୋଇଥିବାରୁ କେହି ଏହି ଡାକଘର ପ୍ରତି ଧ୍ୟାନ ଦେଉନାହାନ୍ତି । ଏଠାରେ ଅଧିକାଂଶ ସମୟରେ ଆଇପିଓ, ଷ୍ଟାମ୍ପ ମିଳେନାହିଁ । ସେହିପରି ଏକା ଥରକେ ପୁଳାଏ ଚିଠିରେ ଜିଷ୍ଟ୍ରି କରିବାକୁ ଗଲେ ଏଠାକାର କର୍ମଚାରୀ ରୋକ୍‌ଠୋକ୍ ମନା କରିଦିଅନ୍ତି । ବୌଦ୍ଧ ଜିଲ୍ଲା ଗଠନ ହେବାର ୩୦ ବର୍ଷ ହୋଇସାରିଥିବା ବେଳେ ଡାକଘର ନୂତନ କୋଠା ଅଗ୍ରାଧିକାର ଭିତ୍ତିରେ ନିର୍ମାଣ କରାଯିବା ସହ ବୌଦ୍ଧ ଠାରେ ପ୍ରଧାନ ଡାକଘର ଖୋଲାଯିବାର ଆବଶ୍ୟକତା ରହିଛି । ଏଠାରେ ପ୍ରଧାନ ଡାକଘର ପ୍ରତିଷ୍ଠା ହେଲେ ଜନସାଧାରଣ ଡାକସେବା ସହିତ ବିଭାଗର ବିଭିନ୍ନ ଆର୍ଥିକ ସେବା ଏବଂ ପାସ୍‌ପୋର୍ଟ ସେବା ଯେଉଁଥିପାଇଁ ବୌଦ୍ଧ ଜିଲ୍ଲା କନ୍ଧମାଳ ପ୍ରଧାନ ଡାକଘର ଉପରେ ନିର୍ଭରଶୀଳ ତାହା ଜନସାଧାରଣ ସହଜରେ ଏଠାରେ ପାଇପାରିବେ । ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ନିର୍ମାଣ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ଚଳିତବର୍ଷ ବୌଦ୍ଧକୁ ରେଳ ଗଡିବା ସମ୍ଭାବନା ଥିବା ଦୃଷ୍ଟିରୁ ରେଲୱେ ମେଲସର୍ଭିସ ମଧ୍ୟ ଏଠାରେ ଖୋଲାଯିବାର ଆବଶ୍ୟକତା ରହିଛି । ଡାକ ବିଭାଗ ଭଳି ଏକ ପୁରାତନ ଏବଂ ଜାତୀୟ ସ୍ତରୀୟ ପ୍ରତିଷ୍ଠିତ ସେବା ପ୍ରଦାନକାରୀ ସରକାରୀ ସଂସ୍ଥା ବୌଦ୍ଧ ଡାକଘର ଭିତ୍ତିଭୂମି ବିକାଶ କରିବା ସହ ଏହି ଡାକଘରକୁ ପ୍ରଧାନ ଡାକଘର କରିବାକୁ ସାଧାରଣରେ ଦାବି ହେଉଛି ।

## ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ଚନ୍ଦନ ଯାତ୍ରା ଆରମ୍ଭ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ସହରର ସ୍ଥାନୀୟ ଜିରିଙ୍ଗିପଡାରେ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ନାଥ ଠାକୁରଙ୍କ ଜନ୍ମ ଚତୁର୍ଦ୍ଦଶୀ ପାଳନ ଅବସରରେ ୨୫ ତମ ଚନ୍ଦନ ଯାତ୍ରା ରଜତ ଜୟନ୍ତୀ ଜିରିଙ୍ଗିପଡା ଯାତ୍ରା ପରିଚାଳନା କମିଟି ପକ୍ଷରୁ ଫୁଲବାଣୀ ସହର ସ୍ଥିତ ଜିରିଙ୍ଗିପଡା ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିର ଯାତ୍ରା ପଡ଼ିଆ ଠାରେ ଶୁଭାରମ୍ଭ ହୋଇଯାଇଛି । ବୁଧବାର ଅନୁଷ୍ଠିତ ଏହି ଯାତ୍ରା ଜୁନ୍ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଯାତ୍ରା ପରିଚାଳନା କମିଟି ସଭାପତି ପାର୍ଥ ସାରଥୀ ବିଶ୍ୱାଳ କହିଛନ୍ତି । ଠାକୁରଙ୍କର ଜନ୍ମ ଚତୁର୍ଦ୍ଦଶୀ ଚନ୍ଦନ ଯାତ୍ରା ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ସମସ୍ତ ମାଆମାନେ ଯାତ୍ରା ପରିଚାଳନା ମହିଳା ବାହିନୀ ସଭାନେତ୍ରୀ ଆରତୀ ବେହେରା ଓ କାର୍ଯ୍ୟକାରୀ ସଭାପତିଙ୍କ ନେତୃତ୍ୱରେ ସମସ୍ତେ ସ୍ଥାନୀୟ ସାଲୁଙ୍କି ନଦୀକୁ ଯାଇ କଳସରେ ଜଳ ଭରି ପୂଜାର୍ଚ୍ଚନା କରି ନାରାୟଣୀ ମନ୍ଦିର ନିକଟରୁ କଳସ ଶୋଭାଯାତ୍ରା ବାଜା ବାଜଣା ନଦିଆ କୀର୍ତ୍ତନ ମଣ୍ଡଳୀ ପଟୁଆରରେ ବାହାରି ଫୁଲବାଣୀ ସହର ପରିକ୍ରମା କରି ନୃସିଂହ ମନ୍ଦିର ଠାରେ ପହଞ୍ଚି ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ସୁଜିତ ବେହେରା, ଯାତ୍ରା ପରିଚାଳନା କମିଟି କାର୍ଯ୍ୟକାରୀ କମିଟି ସଭାପତି କରମ ବେହେରା, ଉପ ସଭାପତି ପାଞ୍ଚିଲ ବେହେରା, ସାଧାରଣ ସମ୍ପାଦକ ଦାରୁଣ କୁମାର ବେହେରା, ସମ୍ପାଦକ ବୈଦ୍ୟନାଥ ନାୟକ, ସାଂସ୍କୃତିକ ସମ୍ପାଦକ ବାବୁଲା ବେହେରା, ସହ ସମ୍ପାଦକ ମନୋଜ କୁମାର ବେହେରା, କୋଷାଧକ୍ଷ ଲଳିତ କୁମାର ବେହେରା, ସାଙ୍ଗଠନିକ ସମ୍ପାଦକ ମନୋଜ କହଁର, ଉପଦେଷ୍ଟା ପଙ୍କଜ କୁମାର ବେହେରା, ଦିନେଶ ବେହେରା, ବିକ୍ରମ ବେହେରା, ପାୟେଲ ବେହେରା, ଶିବଶଙ୍କର ବେହେରା, ବଳଦେବ ବେହେରାଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ନାୟକ, ବିକାଶ କହଁର ଏବଂ ମହିଳା ବାହିନୀ ଉପ ସଭାପତି ନିବେଦିତା ବେହେରା, ସାଧାରଣ ସମ୍ପାଦିକା ସୂର୍ଯ୍ୟକାନ୍ତି ନାୟକ, ସମ୍ପାଦିକା ମାମୀ ନାୟକ, ସାଙ୍ଗଠନିକ ସମ୍ପାଦିକା ବବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମର ସମସ୍ତ ପୁରୁଷ ମହିଳା ଯାତ୍ରା ସୂଚାରୁ ରୂପେ ପରିଚାଳନା ହେବା ନିମନ୍ତେ ସହଯୋଗ କରିଥିଲେ । ଅପରାହ୍ନ ୨ଟା ସମୟରେ ଠାକୁରଙ୍କର ମନ୍ଦିର ସମ୍ମୁଖରେ ନାଭିହୋମ ଏବଂ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଭକ୍ତଙ୍କ ନିମନ୍ତେ ପଣା ଏବଂ ଅନ୍ନ ପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ସଂଖ୍ୟାରେ ଭକ୍ତ ଠାକୁରଙ୍କର କୃପା ଲାଭ କରିବା ପାଇଁ ଠାକୁରଙ୍କ ଜନ୍ମ ଚତୁର୍ଦ୍ଦଶୀରେ ମନ୍ଦିରକୁ ଆସି ପୂଜାର୍ଚ୍ଚନା କରି ଦର୍ଶନ କରିଥିଲେ । ମନ୍ଦିର ପୂଜକ ଚିନ୍ତାମଣି ସାହାଣୀ ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ କରିଥିବା ବେଳେ ତାଙ୍କୁ ପୂଜା କାର୍ଯ୍ୟରେ ସହଯୋଗୀ ପୂଜକ ଭାବେ ପ୍ରକାଶ କହଁର, ଅଶ୍ୱିନୀ ନାୟକ, ମନୋଜ ନାୟକ, ମିଶ୍ର ନାୟକ ପୂଜକଙ୍କୁ ସହଯୋଗ କରିଥିଲେ । ଠାକୁର ଚତୁର୍ଦ୍ଦଶୀ ଅବସରରେ ମା' ନାରାୟଣୀ ଠାକୁରାଣୀ, ବ୍ରାହ୍ମଣୀ ଦେବୀ, ବରାଳଦେବୀ, ବ୍ୟାଘ୍ର ଦେବୀ, ଗ୍ରାମ ଦେବୀ ପଞ୍ଚ ଦେବୀ ପଞ୍ଚ ଠାକୁରାଣୀ ମନ୍ଦିରକୁ ବିଜେ କରି ଭୋଗ ଖାଇଥିଲେ । ନୃସିଂହ ଠାକୁରଙ୍କର ଦର୍ଶନ ପାଇଁ ଦିନ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମାନଙ୍କର ପ୍ରବଳ ଭିଡ ଜମି ଥିବା ପରିଲକ୍ଷିତ ହୋଇଥିଲା । ଠାକୁରଙ୍କର ଚନ୍ଦନ ଯାତ୍ରା ନିମନ୍ତେ ଠାକୁରଙ୍କର ମନ୍ଦିର ଏବଂ ଯାତ୍ରା ପଡ଼ିଆ ରାସ୍ତା ଘାଟ ଯାତ୍ରା ପରିଚାଳନା କମିଟି ପକ୍ଷରୁ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଛି । ଯାତ୍ରାର ଆରମ୍ଭ ଦିବସ ଠାରୁ ଶେଷ ଦିବସ ପର୍ଯ୍ୟନ୍ତ ଦର୍ଶକ ମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

## ସନ୍ଥ କବି ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସନ୍ଥ କବି ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିମା ଧର୍ମର ଆଦିପ୍ରବକ୍ତା ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ତାଙ୍କର କାଳଜୟୀ ରଚନା, ସାରସ୍ୱତ ସାଧନା ଏବଂ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅବଦାନ ଚିର ସ୍ମରଣୀୟ ଓ ପ୍ରେରଣାଦାୟୀ ହୋଇ ରହିବ ।

## ହାତଗଣତି ପଥର ପ୍ରତିକୃତି:ଅନ୍ଧାରରେ ସୂଚନା ବୋର୍ଡ଼

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନାଁ ରକ୍ ଗାର୍ଡ଼େନ୍, କିନ୍ତୁ ଭିତରକୁ ଗଲେ ଏହା ଏକ ପ୍ରମୋଦ ଉଦ୍ୟାନ୍ ଭଳି ପ୍ରତୀୟମାନ ହେଉଛି । ଶିଶୁଙ୍କ ପାଇଁ ନାନା ପ୍ରକାର କ୍ରୀଡ଼ା ଉପକରଣ ରହିଛି । ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ଟାୱାର ଏବଂ ମିରର୍ ମେଜ୍ ଏହି ରକ୍ ଗାର୍ଡ଼େନ୍‌ର ମୁଖ୍ୟ ଆକର୍ଷଣ ସାଜିଛି । ଏହାର ମଜା ନେବା ପାଇଁ ଅବଶ୍ୟ ସ୍ୱତନ୍ତ୍ର ପ୍ରବେଶ ଶୁଳ୍କ ଦେବାକୁ ପଡୁଛି । ପଥର ଖୋଦିତ କଳାକୃତି ନଜରକୁ ଆସୁନି । ହାତଗଣତି କେତେକ ପଥର ପ୍ରତିକୃତି ଆମଦାନି କରାଯାଇ ଏଠାରେ ରଖାଯାଇଥିବା ଦେଖିବାକୁ ମିଳୁଛି । ଏଥିରେ ବିଭିନ୍ନ ସଭ୍ୟତା ସମ୍ପର୍କିତ ପ୍ରତିକୃତି ସ୍ଥାନ ପାଇଛି । ସେ ସମ୍ପର୍କରେ ଜାଣିବା ପାଇଁ ପ୍ରତିଟି ପ୍ରତିକୃତି ନିକଟରେ ଗୋଟିଏ ଲେଖାଏଁ ସୂଚନା ବୋର୍ଡ଼ ରହିଛି । ସଞ୍ଜ ଗଡ଼ିଲେ ସେସବୁ ପ୍ରତିକୃତି




ଦେଖାଯିବା ପାଇଁ ସ୍ୱତନ୍ତ୍ର ଆଲୋକ ବ୍ୟବସ୍ଥା ହୋଇଛି, କିନ୍ତୁ ନିକଟରେ ଥିବା ସୂଚନା ବୋର୍ଡ଼ ଗୁଡ଼ିକ ଅନ୍ଧାରରେ ରହିଛି । ପ୍ରତିକୃତି ସମ୍ପର୍କରେ ଜାଣିବା ପାଇଁ ସୂଚନାବୋର୍ଡ଼ ଦେଖିବାକୁ ହେଲେ ମୋବାଇଲ୍ ଆଲୁଅ ଭରସା । ପ୍ରାୟ ୮ ବର୍ଷ ତଳେ ରକ୍ ଗାର୍ଡ଼େନ୍‌ର ଯେଉଁ ସୁନେଲି ସ୍ୱପ୍ନ ଦେଖାଯାଇଥିଲା, ବର୍ତ୍ତମାନର ସ୍ୱରୂପକୁ ଦେଖିଲେ ତାହା ଦିବା ସ୍ୱପ୍ନ ଥିଲା ବୋଲି ଅନୁମେୟ ହେଉଛି । ସୂଚନା ମୁତାବକ, ୨୦୧୫ ମସିହାରେ ଏହି ପ୍ରକଳ୍ପ ଘୋଷଣା ହୋଇଥିଲା । ଏଥିପାଇଁ ସେତେବେଳେ ୮ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା । ଆମ୍ବପୁଆସ୍ଥିତ ରେଡ଼କ୍ରସ୍ ଶ୍ରବଣବାଧିତ ବିଦ୍ୟାଳୟ ପାର୍ଶ୍ୱରେ ଥିବା ୯ ଏକର ପରିମିତ ଅଞ୍ଚଳରେ ଏହି ପ୍ରକଳ୍ପ ସ୍ଥାପନ ପାଇଁ ଚିହ୍ନଟ ହୋଇଥିଲା । ଉକ୍ତ ଅଞ୍ଚଳଟି ଛୋଟବଡ଼ ପଥରରେ ଭରି ରହିଥିଲା । ସେହି ପଥରଗୁଡ଼ିକୁ ନଷ୍ଟ ଅବା ଅନ୍ୟତ୍ର ସ୍ଥାନାନ୍ତର ନକରି ସେଠାରେ ଏହି ପ୍ରକଳ୍ପ ପାଇଁ ବିନିଯୋଗ କରାଯିବ ବୋଲି କୁହାଯାଇଥିଲା । ପଥର ଗୁଡ଼ିକୁ ବିଭିନ୍ନ ଆକୃତିରେ ସଜାଇବା, ସେଥିରେ କାରିଗରଙ୍କ ଦ୍ୱାରା ଖୋଦେଇ କରାଯାଇ ନାନାଦି ପ୍ରତିକୃତି ଆଙ୍କି କଳା ସ୍ଥାପତ୍ୟର ଅପୂର୍ବ ନିଦର୍ଶନ ପ୍ରସ୍ତୁତ ହେବ ବୋଲି କୁଆଡ଼େ ପ୍ରସ୍ତାବ ଥିଲା । କିନ୍ତୁ ସେସବୁ ପଥର କୁଆଡ଼େ ଉଭାନ୍ ହୋଇଗଲା । ବାହାରୁ ଆମଦାନି ହୋଇ ପଥର ପ୍ରତିକୃତି ଆଣି ସ୍ଥାପନ କରାଯାଇଛି । ତେବେ ଏସବୁ ପ୍ରତିକୃତିରେ ବିଭିନ୍ନ ପ୍ରାଚୀନ ସଭ୍ୟତାର ବ୍ୟବହାରିକ ସାମଗ୍ରୀ, ଚାଲିଚଳଣି, ପରମ୍ପରା, ଲେଖନ ଶୈଳୀ ଆଦି ସ୍ଥାନ ପାଇଛି । ଯାହାକି ବେଶ୍ ଆକର୍ଷଣୀୟ ହୋଇଛି । କିନ୍ତୁ ଉତ୍କର୍ଷ ଉତ୍କଳର କଳା ସ୍ଥାପତ୍ୟ, ସୃଜନଶୀଳତା ଦେଖିବାକୁ ମିଳୁନାହିଁ । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଲେ, ଏହି ରକ୍ ଗାର୍ଡ଼େନ୍ ଅନନ୍ୟ ହୋଇପାରନ୍ତା ।

## ମାଲପଡ଼ା ନାଗରିକ କମିଟିର ମାସିକ ବୈଠକ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ମାଲପଡା ନାଗରିକ କମିଟି ମାସିକିଆ ବୈଠକ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ପଡାର ଯଥା ୱାର୍ଡ ନଂ.୧୪ ଓ ୧୫ ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା ମାନ ହୋଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବାସିନ୍ଦାମାନେ ସୁଚାରୁ ରୂପେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି । ନିୟମିତ ସମୟରେ ପାନୀୟ ଜଳ ବଣ୍ଟନ ପାଇଁ ଅନୁରୋଧ ପତ୍ର ବିଭାଗକୁ କରିବା ପାଇଁ ସ୍ଥିରିକୃତ ହୋଇଛି । ମ୍ୟୁନିସିପାଲିଟି ତରଫରୁ ପାଣିଛତ୍ରମାନ ବସିନାହିଁ । ପାଣିଛତ୍ର ଦେବା ପାଇଁ ମ୍ୟୁନିସିପାଲିଟିଙ୍କୁ ଅନୁରୋଧ କରାଯାଉଛି । ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ଗୋପବନ୍ଧୁ ପୁରୋହିତ, ପଞ୍ଚାନନ ସେଠ, ତରୁଣ କୁମାର ମିଶ୍ର, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ଆକୁଳ ବେହେରା ଆଦି ବହୁ ସଦସ୍ୟ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଖତ ଖାଉଛି ଥଣ୍ଡା ପାନୀୟ ଜଳ ମେସିନ୍:ବସ୍‌ଷ୍ଟାଣ୍ଡରେ ଯାତ୍ରୀ ହନ୍ତସନ୍ତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ଜେଲରୋଡ଼ ଛକ ନିକଟରେ ଥିବା ବସ୍ ଷ୍ଟାଣ୍ଡରେ ୨୦୨୦ ମସିହାରେ ଯାତ୍ରୀଙ୍କ ସୁବିଧା ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ଆର୍ଥିକ ଅନୁଦାନରେ ଯାତାୟାତ କରୁଥିବା ଯାତ୍ରୀଙ୍କ ପିଇବା ପାଣିର ଅସୁବିଧାକୁ ଦୂର କରିବା ଲକ୍ଷ୍ୟରେ ଏକ ଥଣ୍ଡା ପିଇବା ପାଣି ମେସିନ୍ ଲଗାଯାଇଥିଲା । ଏହାକୁ ତତ୍କାଳୀନ ଜିଲ୍ଲାପାଳ, କେନ୍ଦୁଝର ଆଶିଷ ଠାକରେଙ୍କ ଦ୍ୱାରା ୨୦୨୦ମସିହା ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ଉଦ୍‌ଘାଟିତ ହୋଇଥିଲା । ଏହାକୁ ସେତେବେଳର କେନ୍ଦୁଝରଗଡ଼ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ା. ମଧୁସ୍ମିତା ସାମନ୍ତରାୟଙ୍କୁ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲାଗିଥିବା ଏହି ମେସିନ୍ ଦୀର୍ଘ ଦିନ ହେବ ଅଚଳ ହୋଇ ଖତ ଖାଉଛି । ଏଥିରେ ଅଳ୍ପ କିଛି ମରାମତି କରାଗଲେ ବା ତାର କାର୍ବନ ପରିବର୍ତ୍ତନ କରିଦିଆଗଲେ ତାହା କାର୍ଯ୍ୟକ୍ଷମ



ହୋଇପାରନ୍ତା । ହେଲେ ଏ ବିଷୟରେ କେନ୍ଦୁଝରଗଡ଼ ପୌରପାଳିକା ତରଫରୁ କୌଣସି ପଦକ୍ଷେପ ନେବା ତ ଦୂରର କଥା ଏହାକୁ ଏକ ପରିତ୍ୟକ୍ତ ଆବର୍ଜନା ସ୍ଥଳୀରେ ପରିଣତ ହୋଇଥିବା ଦେଖାଯାଉଛି । ଚଳିତବର୍ଷ ପ୍ରବଳ ଖରା ଓ ତାତି ଅନୁଭବ ହେଉଥିବା ବେଳେ ଏହି ବସ୍‌ଷ୍ଟାଣ୍ଡରେ ସମ୍ବଲପୁର, ରାଉରକେଲା, ଅନୁଗୁଳ, ତାଳଚେର, ତେଲକୋଇ, ଆଦି ସ୍ଥାନକୁ ଯିବା ଆସିବା କରୁଥିବା ବସ୍‌ଯାତ୍ରୀ ପିଇବା ପାଣି ଟୋପାଏ ପାଇଁ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ଅନେକ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଲଗାଯାଇଥିବା ଏହି ପିଇବା ପାଣି ଫ୍ରିଜର ମେସିନ୍ ଏବେ ଅଚଳ ହୋଇପଡ଼ିଥିବା ଯୋଗୁ ଲୋକେ ପାଣି ଟୋପାଏ ପାଉନାହାଁନ୍ତି । ଏଠାରେ ଲାଗିଥିବା ଏକ ନଳକୂପ ଅଚଳ ହୋଇ ପଡ଼ିଥିବା ବେଳେ ଅନ୍ୟ ଗୋଟିଏ ନଳକୂପରୁ ମଇଳା ନାଳିପାଣି ବାହାରୁଛି । ବାଧ ହୋଇ ଗରିବ ଗୁରୁବା ଲୋକେ ପାଣି ବୋତଲ କିଣିବା ସହ ଖର୍ଚ୍ଚାନ୍ତ ହେଉଛନ୍ତି । ସେପଟେ ଦାୟିତ୍ୱରେ ଥିବା ପୌରପାଳିକା ଅଧିକାରୀମାନେ ନିଦାବିଷ୍ଟୁ ସାଜି ଚୁପ୍ ବସିଛନ୍ତି । ଏ ବିଷୟରେ ପୌରପାଳିକା କର୍ତ୍ତୃପକ୍ଷ ତୁରନ୍ତ ଏହି ଫ୍ରିଜର ମେସିନ୍‌କୁ ମରାମତି କରି କାର୍ଯ୍ୟକ୍ଷମ କରିଦେଲେ ଅନେକ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ବସ୍‌ଯାତ୍ରୀ ଗ୍ରୀଷ୍ମତାତି ସମୟରେ ପିଇବା ପାଇଁ ପାଣି ଟୋପାଏ ପାଇପାରନ୍ତେ ।

## ସମ୍ବଲପୁର-ଝାରସୁଗୁଡା ରାଜପଥ କଡ଼ରେ ଭାରିଯାନ ପାର୍କିଂ ଯୋଗୁଁ ଦୁର୍ଘଟଣା ବଢୁଛି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡା ଜିଲ୍ଲାପାଳ ଆବୋଲି ସୁନିଲ ନରୱଣେ ବେଦାନ୍ତ କମ୍ପାନୀଙ୍କୁ ଚିଠି ନମ୍ବର ୨୧୧୭ ତା ୨୬-୦୪-୨୦୨୪ ତାରିଖରେ କଡା ପତ୍ର ଲେଖି ତାଗିଦ କରିବା ସହିତ ତୁରନ୍ତ ସର୍ଭିସ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ୧୫ ଦିନ ସମୟ ଦେଇଛନ୍ତି । ପୂର୍ବରୁ ବେଦାନ୍ତକୁ ରାଜସ୍ୱକମିଶନ ସମ୍ବଲପୁର ପକ୍ଷରୁ ବହୁ ବାର ଆଲୋଚନା ସହିତ ଚିଠି ନମ୍ବର ୨୩୧/୨୪-୦୭-୨୦୨୩ ଓ ୦୯/ ୬-୧୧-୨୦୨୩ ରେ ପଦକ୍ଷେପ ନେବା ପାଇଁ କୁହାଯାଇଥିଲା । କିନ୍ତୁ ବେଦାନ୍ତ ଏହାକୁ ଭ୍ରୂକ୍ଷେପ କଲାନାହିଁ । ଆର୍‌ଟିଓଙ୍କ ସହିତ ବରିଷ୍ଠ ଅଧିକାରୀମାନେ ମିଳିତ ତଦନ୍ତ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ଦାଖଲ କରିଥିଲେ । ଏହି ରିପୋର୍ଟରେ ଦର୍ଶାଯାଇଥିଲା ଯେ ଭାରି ଯାନ ରହିବା ଦ୍ୱାରା ଦୁର୍ଘଟଣା ହେଉଛି । ଏହା ସହିତ ରାସ୍ତା ଖରାପ ହେଉଛି । ଏଠାରେ ସୂଚନା ଯୋଗ୍ୟ ଯେ ଝାରସୁଗୁଡ଼ା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେ ରାଜ୍ୟ ରାଜପଥ-୧୦ ଝାରସୁଗୁଡା ପ୍ରସନ୍ନ ପଣ୍ଡା ଛକରୁ ବଡମାଲ ଛକ ପର୍ଯ୍ୟନ୍ତ ଭାରିଯାନ ପାର୍କିଂକୁ ନେଇ ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଥିଲେ ହେଁ ବେଦାନ୍ତ କମ୍ପାନୀ କର୍ଣ୍ଣପାତ କରୁନାହିଁ । ବଡମାଲ ପୋଲିସ ଷ୍ଟେସନ୍‌ର ଅତି ନିକଟରେ କୋଇଲା ବୋଝାଇ ଭାରିଯାନ ଗୁଡ଼ିକ ମନଇଚ୍ଛା ଯେଉଁଠି ପାରିଲେ ସେଇଠି ପାର୍କିଂ କରି ଡ୍ରାଇଭର ମାନେ ବିଶ୍ରାମ ନେଉଛନ୍ତି । ବେଦାନ୍ତ କୁ କୋଇଲା ନେଇ ଆସୁଥିବା ବଡବଡ ଟ୍ରକ୍ ଗୁଡିକ ଦୁଇ କିଲୋମିଟରରୁ ଉର୍ଦ୍ଧ୍ୱ ନବଦାସଛକ ପର୍ଯ୍ୟନ୍ତ ବେଦାନ୍ତର କୋଇଲା ଶହ ଶହ ଟ୍ରକ୍ ଠିଆ ହୋଇ ରହୁଛି । ପ୍ରତ୍ୟେକ ମାସ ଶେଷରେ ଅବସ୍ଥା ଦେଖିବାର ଅଛି । କୋଇଲା ବୋଝାଇ ଟ୍ରକ୍ ସେହି ସପ୍ତାହରେ ଅଧିକ ଥାଏ । ଭାରିଯାନ ଗୁଡ଼ିକୁ ଆର୍‌ଟିଓ ଏବଂ ପୁଲିସର ମିଳିତ ଚଢଉ କରାଯାଇ ଜରିମାନା ଆଦାୟ କରାଯାଇଥିଲା । ମାତ୍ର ଏବେ ଆଉ କଟକଣାକୁ ନମାନି ପୂର୍ବଭଳି ସ୍ଥିତି ରାଜପଥ ପାର୍ଶ୍ୱରେ ଦେଖିବାକୁ ମିଳୁଛି । ରାଜପଥ ପାର୍ଶ୍ୱରେ ବେଆଇନ୍ ଭାବେ ପାର୍କିଂ କରାଯିବା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଛି । ଦୁଇ ଚକିଆ ଯାନ ଚାଳକ ମାନେ ରାତ୍ରୀରେ ବର୍ଷାଦିନେ ପାର୍କିଂ ହୋଇଥିବା ଭାରିଯାନକୁ ଦେଖିନପାରି ପିଟି ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଅନ୍ୟପକ୍ଷରେ କୋଇଲା ପରିବହନକାରୀ ଟ୍ରକ୍, ଟିପର ଏବଂ ଅନ୍ୟ ଭାରିଯାନ ଗୁଡ଼ିକର ବ୍ୟାକ୍ ଲାଇଟ୍ ନଥିବା, ରେଡିୟମ୍ ଷ୍ଟିକର ଲାଗି ନଥିବା ଆଦି କାରଣରୁ ଯାତାୟାତ କରୁଥିବା ସମୟରେ ଦୁର୍ଘଟଣାର କାରଣ ସାଜୁଛି । ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଅଧକ୍ଷ ତଥା ଜିଲ୍ଲାପାଳ ମଧ୍ୟ ବହୁବାର ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଦୁର୍ଘଟଣା ହ୍ରାସ ପାଇଁ ରାଜପଥ କଡ଼ରେ ବେଆଇନ୍ ପାର୍କିଂକୁ ରୋକିବାକୁ କଠୋର ପଦକ୍ଷେପ ନେବାକୁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦେଇ ଆସିଛନ୍ତି । ଜିଲ୍ଲାପାଳଙ୍କ ବେଦାନ୍ତକୁ ଚିଠି ଖବର ଜଣାପଡିବା ଜିଲ୍ଲାପାଳଙ୍କ ପଦକ୍ଷେପକୁ ପ୍ରଶଂସା କରାଯାଉଛି ।

## ପଞ୍ଚାୟତ କଲେଜ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍ ସୁରକ୍ଷିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ କନ୍ଧମାଳ ସଂସଦୀୟ ବୌଦ୍ଧ ଜିଲ୍ଲାର ଦୁଇଟି ନିର୍ବାଚନ ମଣ୍ଡଳୀ ବୌଦ୍ଧ ଓ କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହୋଇଯାଇଛି । ଯୁବ ପିଢ଼ି ପାଇଁ ସମସ୍ତ ମତଦାନ କେନ୍ଦ୍ରରେ ସେଲ୍ଫି ପଏଣ୍ଟର ବ୍ୟବସ୍ଥା ହୋଇଥିଲା । ଜିଲ୍ଲାର ୪୧୩ଟି ମତଦାନ କେନ୍ଦ୍ର ହୋଇଥିବା ବେଳେ ସକାଳ ୭ଟା ସମୟରୁ ଆରମ୍ଭ ହୋଇଥିଲା ମତଦାନ । କିଛି ମତଦାନ କେନ୍ଦ୍ରରେ ପ୍ରଥମେ ଇଭିଏମରେ ସମସ୍ୟା ଦେଖାଦେଇଥିବା ବେଳେ ପରେ ସମସ୍ୟା ସମାଧାନ ହୋଇ ମତଦାନ ଆରମ୍ଭ ହୋଇଥିଲା । ଅନ୍ୟପଟେ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଦୀପ ଅମାତ ନିଜଗାଁ ବିଜାପଦର ବୁଥ୍ ଠାରେ ମତଦାନ କରିଥିବା ବେଳେ ସେପଟେ ନିଜଗାଁ କୃଷ୍ଣପାଲି



୧୨୨ନଂ ଭୋଟ୍ କେନ୍ଦ୍ରରେ ବିଜେପି ବିଧାୟକ ପ୍ରାର୍ଥୀ ସରୋଜ ପ୍ରଧାନ ସାମ୍ବିଧାନିକ ରୀତିନୀତି ଅନୁଯାଇ ନିଜ ମତଦାନ କରିବା ସହିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମସ୍ତେ ସମାନ ବୋଲି କହିଥିଲେ ସରୋଜ ପ୍ରଧାନ । ଅନ୍ୟପଟେ ଭୋଟ୍ ସରିବା ପରେ ସମସ୍ତ ଇଭିଏମ୍ ମେସିନ ଅଣାଯାଇ ବୌଦ୍ଧ ପଞ୍ଚାୟତ କଲେଜ ସ୍ଥିତି ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ନଦୀବନ୍ଧ ସୁଦୃଢ଼ୀକରଣ କାମ ନିମ୍ନମାନର ଅଭିଯୋଗ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଦୋବଲ ନିକଟ ସୋଧ-କୋଳେଇପଦା ମଝିରେ ସାହୁ ସାହି ଓ ମହାଦେବ ସାହି ପାଖ ଗେଙ୍ଗୁଟି ନଦୀବନ୍ଧ ସୁଦୃଢ଼ୀକରଣ ଓ ସୁରକ୍ଷା କାର୍ଯ୍ୟ ନିମ୍ନମାନର ହେଉଛି । ନଦୀବନ୍ଧ ସୁରକ୍ଷା ନେଇ ଥିବା ନିୟମାବଳୀକୁ ନଜର ଆନ୍ଦାଜ କରି ଏହି କାମ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ନିମ୍ନମାନର କାମ ହେଉଥିବାରୁ ମୌସୁମୀ ବର୍ଷାରେ ବନ୍ଧ ପୁଣି ଧସିଯିବା ଆଶଙ୍କା କରିଛନ୍ତି ଗାଁ ଲୋକେ । ଏହାସହ ନିମ୍ନମାନର କାମ ନେଇ ଧାମନଗର ଜଳସମ୍ପଦ କାର୍ଯ୍ୟାଳୟର ଅଧିକାରୀ ଏବଂ ଯାଜପୁର ଜଳସମ୍ପଦ କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ବୈତରଣୀର ଶାଖା ନଦୀ ଗେଙ୍ଗୁଟିରେ ପ୍ରତିବର୍ଷ ବନ୍ୟାରେ କୂଳ ଖାଇ ସୋଧ ଠାରୁ କୋଳେଇପଦା ମଝିରେ ଆସି ନଦୀବନ୍ଧକୁ ଲାଗିଗଲାଣି । ଆଗକୁ ଜନବସତି ପ୍ରତି ବିପଦ ଆଶଙ୍କା ଥିବାରୁ ସ୍ଥାନୀୟ ଲୋକଙ୍କ ବାରମ୍ବାର ଦାବି ପରେ ଗତବର୍ଷ ଏହାର ସୁଦୃଢ଼ୀକରଣ ଲାଗି ଧାମନଗର ଜଳ ସମ୍ପଦ ବିଭାଗ ପଦକ୍ଷେପ ନେଇଥିଲା । ସେହି ଅନୁସାରେ ପ୍ରାୟ ୨୨ ଲକ୍ଷ ଟଙ୍କାରେ ବନ୍ଧ କଡ଼ରେ ନଦୀ ପଟକୁ ପଥର ବିଛାଇବା ଲାଗି ପ୍ରକଳ୍ପ ଚୂଡ଼ାନ୍ତ ହୋଇଥିଲା । ଏହାର ଟେଣ୍ଡର ପ୍ରକ୍ରିୟା ସରିବା ପରେ କିଛିଦିନ ହେଲା ଏଠାରେ କାମ ଆରମ୍ଭ ହୋଇଛି । କାମ କରୁଥିବା ଯାଜପୁର ଅଞ୍ଚଳର ଠିକାଦାର ଜଣକ ବନ୍ଧ ସୁରକ୍ଷା ଓ ସୁଦୃଢ଼ୀକରଣ ନିୟମାବଳୀକୁ ପାଳନ କରୁନାହାନ୍ତି । ବୈତରଣୀର ଶାଖା ନଦୀ ଗେଙ୍ଗୁଟି ସୋଧ କୋଳେଇପଦା ଠାରେ ଖୁବ୍ ସଂକୁଚିତ ମଣିନାଥପୁର ଓ ଖୋଳାମୁହାଁ ବାଟେ ବୈତରଣୀରୁ ବନ୍ୟା ଜଳ ନେଉଥିବା ଗେଙ୍ଗୁଟି ନଦୀର ମୁହଁ ୧ କିଲୋମିଟରରୁ ଅଧିକ ଚଉଡ଼ା । ସେହିପରି ବନ୍ୟା ବେଳେ ବିରୋଳି, ସଠଗାଁ ବିଲ ପାଣି ମଧ୍ୟ ଗେଙ୍ଗୁଟିରେ ମିଶିଥାଏ । ଏଣୁ ବନ୍ୟା ବେଳେ ଗେଙ୍ଗୁଟିରେ ବହୁମାତ୍ରାରେ ବନ୍ୟାଜଳ ପ୍ରବାହିତ ହୋଇଥାଏ । କ୍ରମଶଃ ନଦୀ ଅଣଓସାରିଆ ହୋଇଥିବାରୁ ଦୋବଲ ଠାରୁ ରାମେଶ୍ୱରପୁର, କଣ୍ଟଦା ଅଞ୍ଚଳ ଯାଏ ଗେଙ୍ଗୁଟିରେ ସ୍ରୋତ ପ୍ରଖର ରହେ । ଅତ୍ୟଧିକ ସ୍ରୋତରେ ଆସୁଥିବା ପାଣି ଅଣଓସାରିଆ ସ୍ଥାନ ସୋଧ କୋଳେଇପଦାରେ କୂଳ ଲଂଘିଥାଏ । ଫଳରେ ବର୍ଷକୁ ବର୍ଷ ନଦୀପଠାରୁ ଅତଡ଼ା ଖସିଥାଏ । ଏଭଳି ବର୍ଷ ବର୍ଷ ଧରି ହେବା ଫଳରେ ଏବେ ନଦୀ ଗର୍ଭ ଆସି ବନ୍ଧ ଛୁଇଁଲାଣି । ବନ୍ଧକୁ ଲାଗି ଉତ୍ତର ପଟେ ଦୁଇଟି ଗାଁ ଥିବାରୁ ଆଗକୁ ଧନଜୀବନ ହାନି ଆଶଙ୍କା ରହିଛି । ଏଣୁ ଲୋକେ ବନ୍ଧ ସୁରକ୍ଷା ପାଇଁ ଦାବି କରୁଥିଲେ ନିୟମ ଅନୁସାରେ ବନ୍ଧ ତଳେ ଗୋଟିଏ ୨ ମିଟର ଚଉଡ଼ାର ବରୋ ପିଟ କରାଯାଇ ତାଉପରେ ୨୫ ଇଞ୍ଚ ଚଉଡ଼ାର ଟୋଏ ୱାଲ କରିବା କଥା ତାପରେ ବନ୍ଧର ତାଲୁ ପର୍ଯ୍ୟନ୍ତ ପଥର ପିଚିଂ କରିବା କଥା ହେଲେ ନିର୍ମାଣ ସ୍ଥଳରେ ଜଳସମ୍ପଦ ବିଭାଗର କୌଣସି କର୍ମଚାରୀ କିମ୍ବା ଅଧିକାରୀ ନଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି । ବିନା ବରୋ ପିଟ ଓ ଟୋଏ ୱାଲରେ ପଥର ବିଛାଇବା ଆରମ୍ଭ କରିଛନ୍ତି । ଏମିତି ହେଲେ ଗୋଟିଏ ମୌସୁମି ସମୟରେ ବନ୍ଧ ଧସିଯିବ । ଗାଁକୁ ବିପଦ ମାଡ଼ି ଆସିବ । ଏନେଇ ଧାମନଗର ଜଳ ସମ୍ପଦ ଅଧିକାରୀ ବିଜୟ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାମର ତଦାରଖ କରାଯିବ । ନିୟମାବଳୀ ଅନୁସାରେ କାମ କରିବାକୁ କୁହାଯିବ ବୋଲି ସେ କହିଛନ୍ତି ।

## ଷ୍ଟାଡ଼ିୟମ୍‌ରେ ଖେଳ ପରିବର୍ତ୍ତେ ଚାଲିଛି ନିଶା କାରବାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡ଼ିୟମ୍‌ରେ ଖେଳ ଅପେକ୍ଷା ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି । ପଡ଼ିଆରେ ବିଶୃଙ୍ଖଳା ଏବଂ ଅସାମାଜିକ କାର୍ଯ୍ୟ ମଧ୍ୟ ବଢୁଛି । ଏହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଯାଇଛନ୍ତି । ସନ୍ଧ୍ୟା ହେଲେ ନିଶାଡ଼ିଙ୍କ ଆଡ୍ଡା ଜମୁଛି । ନାନା ବିଶୃଙ୍ଖଳା, ନିଶା ସେବନ ଏବଂ ଝଗଡ଼ା ବୃଦ୍ଧି ସହ ବାରମ୍ବାର ମାମଲା ପୋଲିସ ପାଖରେ ପହଞ୍ଚୁଛି । ଅନ୍ୟପଟେ ପୋଲିସ ତରଫରୁ ଦିନ ତମାମ୍ ପାଟ୍ରୋଲିଂ କରାଯାଉଛି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପଡ଼ିଆକୁ ତାଲା ପକାଇ ଦେଇଛନ୍ତି । ତଥାପି ନିଶା କାରବାର କମୁନାହିଁ । ବିଶ୍ୱବିଦ୍ୟାଳୟର ପଡ଼ିଆ ଉପରେ କନିଷ୍ଠ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ନିର୍ଭର କରୁଛନ୍ତି । ଭଲ କମନ୍ ରୁମ୍ ନାହିଁ । ଖାଲି ସମୟରେ ଛାତ୍ରଛାତ୍ରୀ ପଡ଼ିଆରେ ବସୁଥିଲେ । ହେଲେ ପ୍ରେମୀ ଯୁଗଳ ଅସଂଯତ ଅବସ୍ଥାରେ ଧରାପଡ଼ିବା ସହିତ ନିଶା କାରବାର ଜନିତ ଅଭିଯୋଗ ଆସିଥିଲା। ଏହା ପରେ ଫାଟକକୁ ଦିନରେ ବନ୍ଦ କରାଯାଉଛି । ହେଲେ କାନ୍ଥ ଡେଇଁ କେତେକ ଅସାମାଜିକ ବ୍ୟକ୍ତି ପଡ଼ିଆ ଭିତରକୁ ଯାଉଛନ୍ତି । ବିଭିନ୍ନ ସ୍ଥାନରେ ଲୁଚାଛପାରେ ନିଶା ସେବନ କରୁଛନ୍ତି । ବିଶେଷ କରି ଗଞ୍ଜେଇ ଏବଂ ମଦ ସେବନ କରୁଥିବା ଘଟଣା ସାମ୍ନାକୁ ଆସିଛି । ପଡ଼ିଆର ବିଭିନ୍ନ ସ୍ଥାନରେ ଚିଲମ୍ ଏବଂ ମଦ ବୋତଲ ପଡ଼ିଛି । ସନ୍ଧ୍ୟାରେ ନିଶା ସେବନ ଅଧିକ ହେଉଥିବା କୁହାଯାଉଛି । କେବଳ ଗୋଟିଏ କି ଦୁଇଟି ସ୍ଥାନ ନୁହଁ, ପଡ଼ିଆର ବିଭିନ୍ନ ସ୍ଥାନରେ ଚିଲମ୍ ପଡୁଛି। ଆଉ କେତେକ ଚିଲମ୍‌କୁ ଲୁଚାଇ ରଖାଯାଇଛି । ସେଥିରେ ନିୟମିତ ସନ୍ଧ୍ୟାରେ ନିଶା ସେବନ କରାଯାଉଛି । ନିଶାଡ଼ିଙ୍କ ଆଡ୍ଡା ହୋଇଯାଇଛି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆ । ବିଗତ ଦିନରେ ଟାଉନ୍ ଥାନା ପୋଲିସ ଷ୍ଟାଡ଼ିୟମ୍ ଭିତରେ ବ୍ରାଉନ୍ ସୁଗର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି । ତଥାପି ଏଥିରେ ଅଙ୍କୁଶ ଲାଗୁନାହିଁ । ଅନେକ ଯୁବକ ସେଠାରେ ଗଞ୍ଜେଇ ସେବନ କରୁଛନ୍ତି । ମଦ୍ୟପାନ କରୁଛନ୍ତି । କେବଳ ନିଶା ନୁହଁ, ପୂର୍ବରୁ ଅନେକ ଅସାମାଜିକ କାର୍ଯ୍ୟ ଏହି ପଡ଼ିଆରେ ଘଟି ଯାଇଛି । ପ୍ରେମୀ ଯୁଗଳଙ୍କ ଝଗଡ଼ା ନେଇ ଭିଡ଼ିଓ ଭାଇରାଲ୍ ହୋଇଛି । ପ୍ରେମ ବ୍ୟାପାରକୁ ନେଇ ଝଗଡ଼ା ଲାଗୁଛନ୍ତି କେତେକ ଛାତ୍ରଛାତ୍ରୀ । ଅପରପକ୍ଷେ ସହରରେ ଭଲ ପଡ଼ିଆ ନଥିବା ଯୋଗୁଁ ମେଳା ଏବଂ ସଭାସମିତି ଆୟୋଜନ ପାଇଁ ଏହି ପଡ଼ିଆ ହିଁ ସାଜିଛି ଏକମାତ୍ର ଭରସା । ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଦିନ ତମାମ୍ ଏପରିକି ବିଳମ୍ବିତ ରାତି ଯାଏଁ ପଡ଼ିଆର ଫାଟକ ଖୋଲା ରହୁଛି । ଏହା ଅସାମାଜିକ କାର୍ଯ୍ୟକଳାପ ଏବଂ ନିଶା ସେବନ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଛି । କେବଳ ବାସ୍କେଟବଲ୍ କୋର୍ଟ ପାଖରେ ଗୋଟିଏ ଲାଇଟ୍ ଲାଗିଛି । ହେଲେ ପଡ଼ିଆର ବଳକାର ଅଂଶ ଅନ୍ଧାରରେ ରହୁଛି । କିଏ କେଉଁଠି ବସି କଣ କରୁଛନ୍ତି, ତାହା ଜଣାପଡୁନାହିଁ । ବିଶେଷ କରି ଇଣ୍ଡୋର ହଲ୍ ପଛ ପାଖ ଏବଂ ବାସ୍କେଟବଲ୍ କୋର୍ଟ ଅଞ୍ଚଳରେ ବିପୁଳ ମାଦକ ଦ୍ରବ୍ୟ ପଡ଼ିଥିବା ଦେଖିବାକୁ ମିଳୁଛି । ଗ୍ୟାଲେରୀ କଡ଼ରେ ଥିବା ଖାଲି ଜାଗାକୁ ମଧ୍ୟ ଅସାମାଜିକ ବ୍ୟକ୍ତିମାନେ ବ୍ୟବହାର କରୁଛନ୍ତି । କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ଯେଉଁ ପଡ଼ିଆ ଏକଦା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ଆଜି ସେହି ପଡ଼ିଆରେ ଏସବୁ କୁକାର୍ଯ୍ୟ ଦେଖି କ୍ରୀଡ଼ାବିତ୍‌ମାନେ ସମାଲୋଚନା କରୁଛନ୍ତି । ପଡ଼ିଆର ରକ୍ଷଣାବେକ୍ଷଣ ବ୍ୟବସ୍ଥା ନକହିବା ଭଲ । ଯୁଆଡ଼େ ଦେଖିବ ଅଳିଆ ଆବର୍ଜନା ପଡ଼ି ରହିଛି । ମାତ୍ରାଧିକ ବ୍ୟବହାର ହେଉଥିବା ଯୋଗୁଁ ପଡ଼ିଆରେ ଆଉ ଘାସ ନାହିଁ କହିଲେ ଚଳେ । ଖେଳାଳୀମାନେ ଝୁଣ୍ଟି ପଡ଼ିଲେ ମଧ୍ୟ ଘାସ ନଥିବାରୁ ଖଣ୍ଡିଆଖାବରା ହେଉଛନ୍ତି । କ୍ରୀଡ଼ା ପ୍ରତିଭା ସୃଷ୍ଟି କରୁଥିବା ପଡ଼ିଆର ଏତାଦୃଶ୍ୟ ଦୂରାବସ୍ଥାକୁ ନେଇ କ୍ରୀଡ଼ାପ୍ରେମୀ କ୍ଷୋଭ ଜଣାଉଛନ୍ତି । ଏସବୁ ସମସ୍ୟାର ସମାଧାନ ନହେଲେ ଏହି ପଡ଼ିଆ କେବଳ ନିଶାଡ଼ିଙ୍କ ଆଡ୍ଡାରେ ପରିଣତ ହୋଇଯିବ ବୋଲି ଅନେକ ଆଶଙ୍କା ପ୍ରକାଶ କରୁଛନ୍ତି ।

## ତୀରନ୍ଦାଜ ବିଶ୍ୱକପ୍-୨୦୨୪

# ସ୍ୱର୍ଣ୍ଣ ପଦକ ଜିତିଲା ଭାରତୀୟ ମହିଳା କମ୍ପାଉଣ୍ଡ ଟିମ୍




**ୟେଚେନ**

ଭାରତର ତିନି ଷ୍ଟାର ଜ୍ୟୋତି ସୁରେଖା ଭେନ୍ନାମ୍, ପରନୀତ କୌର ଏବଂ ଆଦିତ୍ୟ ସ୍ୱାମୀ କ୍ରମାଗତ ତୃତୀୟ ତୀରନ୍ଦାଜ ବିଶ୍ୱକପ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଭାରତୀୟ କମ୍ପାଉଣ୍ଡ ମହିଳା ଦଳ ଫାଇନାଲରେ ତୁର୍କୀ ଦଳକୁ ୨୩୨-୨୨୬ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ହାସଲ କରିଛି।

ବିଶ୍ୱର ଏକ ନମ୍ବର ସ୍ଥାନରେ ଥିବା ଭାରତୀୟ କମ୍ପାଉଣ୍ଡ ମହିଳା ଦଳ ତୁର୍କୀର ହାଜାଲ ବୁରୁନ, ଆୟେ ବେରା ସୁଜର ଏବଂ ବେଗମ ୟୁଭାଙ୍କୁ ପ୍ରଥମ ପ୍ରାଧାନ୍ୟ ବିସ୍ତାର କରିଥିଲେ ଏବଂ ଏକ ଛଅ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରି ସ୍ୱର୍ଣ୍ଣ ପଦକ ସୁରକ୍ଷିତ କରିଥିଲେ।

ଜ୍ୟୋତି, ପରନୀତ ଏବଂ ଆଦିତ୍ୟ ସ୍ୱାମୀ ବିଶ୍ୱ ଚାମ୍ପିଅନ ଆଦିତ୍ୟଙ୍କ ପାଇଁ ଏହା ହ୍ୟାଟ୍ରିକ ବିଶ୍ୱକପ ସ୍ୱର୍ଣ୍ଣ ପଦକ। ସେମାନେ ଇଟାଲୀକୁ ସାଂଘାଇରେ ସିଜିନ ଉଦ୍‌ଘାଟନୀ ହରାଇ ବିଶ୍ୱକପ ପ୍ରଥମ ପର୍ଯ୍ୟାୟ ଜିତିଥିଲେ ଏବଂ ଗତ ବର୍ଷ ପ୍ୟାରିସରେ ଇଭେଣ୍ଟର ଚତୁର୍ଥ ପର୍ଯ୍ୟାୟରେ ସ୍ୱର୍ଣ୍ଣ ସହ ଶେଷ ଅଭିଯାନ ଶେଷ କରିଥିଲେ।

# ଲଜ୍ଜାଜନକ ରେକର୍ଡ ନିଜ ନାମରେ କଲେ ଚହଲ

**ଚେନ୍ନାଇ**

ଆଇପିଏଲ୍ ୨୦୨୪ରେ ଦମ୍‌ଦାର ଆରମ୍ଭ କରିଥିଲେ ୟୁଜବେନ୍ଦ୍ର ଚହଲ। ଏହାକୁ ନେଇ ଟି୨୦ ବିଶ୍ୱକପ୍ ଟିମ୍‌ରେ ତାଙ୍କୁ ଚୟନ କରାଯାଇଛି। ହେଲେ ଆଇପିଏଲ୍‌ର ଦ୍ୱିତୀୟ ଭାଗରେ ସେ ନିରାଶ କରିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ କ୍ୱାଲିଫାୟାର ୨ରେ ସେ ଏକ ଲଜ୍ଜାଜନକ ରେକର୍ଡ ନିଜ ନାମରେ କରିଛନ୍ତି, ଯାହାକୁ ସେ କେବେ ମନେ ରଖିବାକୁ ଚାହିଁବେ ନାହିଁ। ବୋଲିଂ କରି ସେ ଏହି ସିଜନରେ ୩୦ ଛକା ସହ ୫୨୦ରୁ ଅଧିକ ରନ୍ ବି ଦେଇଛନ୍ତି।




ହାଇଦ୍ରାବାଦ ବିପକ୍ଷ ୪ ଓଭରରେ ଚହଲ ୩୪ ରନ୍ ଦେଇଛନ୍ତି। ଏଥିସହ ସେ ଏକ ଖରାପ ରେକର୍ଡ ନିଜ ନାମରେ କରିଛନ୍ତି। ଆଇପିଏଲ୍ ୨୦୨୪ରେ ଚହଲ ଏଯାବତ୍ ୫୨୦ରୁ ଅଧିକ ରନ୍ ଦେଇସାରିଛନ୍ତି। ଏଭଳି କରି ଲିଗ୍ ଇତିହାସରେ ସେ ପ୍ରଥମ ବୋଲର୍ ପାଲଟିଛନ୍ତି। ସେହିଭଳି ତାଙ୍କ ବଲ୍‌ରେ ଏହି ସିଜନରେ ୩୦ ଛକା ମରାଯାଇଛି। ଏଥିସହ ତାଙ୍କ ନାମରେ ମୋଟ ୨୨୩ ଛକା ହୋଇଛି। ଏହି ମାମଲାରେ ସେ ପିୟୂଷ ଚାୱଲାକୁ ପଛରେ ପକାଇଛନ୍ତି। ଏବେ ଚୟଲ ବିଶ୍ୱକପ୍ ପାଇଁ ଆମେରିକା ଯିବେ। ତେଣୁ ଭାରତୀୟ ପ୍ରଶଂସକମାନେ ସେ ଏହି ଖରାପ ରେକର୍ଡକୁ ନ ଦୋହରାନ୍ତୁ ବୋଲି ଚାହିଁବେ।

# ଟି୨୦ ବିଶ୍ୱକପ୍‌ରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ଆଫ୍ରିଦି

**ଦୁବାଇ**

ପୂର୍ବତନ ଅଲରାଉଣ୍ଡର ଶାହିଦ ଆଫ୍ରିଦି ଆସନ୍ତା ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତାଙ୍କୁ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ମନୋନୀତ କରାଯାଇଛି। ୨୦୦୯ରେ ପାକିସ୍ତାନର ଟି୨୦ ବିଶ୍ୱକପ



ସଫଳତା ପଛରେ ଆଫ୍ରିଦିଙ୍କର ବିଶେଷ ଅବଦାନ ରହିଥିଲା। ଟି୨୦ ବିଶ୍ୱକପ ଆମେରିକାରେ ଜୁନ୍ ୨ରୁ ଆରମ୍ଭ ହେବାକୁ ଯାଉଛି। ପୂର୍ବରୁ ଆଗାମୀ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ୟୁବରାଜ ସିଂ, ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଏବଂ ସ୍ପ୍ରିଣ୍ଟ କିମ୍ବଦନ୍ତୀ ଉସେନ ବୋଲ୍ଟ ମନୋନୀତ ହୋଇସାରିଛନ୍ତି। ଆଫ୍ରିଦି ବର୍ତ୍ତମାନ ଏହି ଗ୍ରୁପ୍‌ରେ ଯୋଗ ଦେଇଛନ୍ତି।

# ଫାଇନାଲ ପାଇଁ ବଡ଼ ନିଷ୍ପତ୍ତି ନେଲା ଏସ୍‌ଆରଏଚ୍



**ଚେନ୍ନାଇ**

ଚଳିତ ଆଇପିଏଲ୍ ସିଜିନ୍‌ରେ ନିଜର ଆକ୍ରମଣାତ୍ମକ ଖେଳ ପାଇଁ ଚର୍ଚ୍ଚାରେ ଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ(ଏସ୍‌ଆରଏଚ୍) ଶୁକ୍ରବାର ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ତେବେ ଦଳ ଫାଇନାଲ ମ୍ୟାଚ୍ ପୁର୍ବରୁ ଏସ୍‌ଆରଏଚ୍ ଏକ ବଡ଼ ନିଷ୍ପତ୍ତି ନେଇଛି, ଯାହା ଦଳର ଫାଇନାଲ ମ୍ୟାଚ୍ ପ୍ରଦର୍ଶନ ଉପରେ ପ୍ରଭାବ ପକାଇପାରେ।

ଚେନ୍ନାଇରେ ଏବେ ପ୍ରବଳ ଗରମ ସାଙ୍ଗକୁ ଆଦ୍ରତାକୁ ନଜରରେ ରଖି ଦଳ ଶନିବାର ଅଭ୍ୟାସ ନ କରିବାକୁ ନିଷ୍ପତ୍ତି ନେଇଛି। ଫଳରେ ଦଳର ଖେଳାଳିମାନଙ୍କୁ ଫାଇନାଲ ମ୍ୟାଚ୍ ପୁର୍ବରୁ ବିଶ୍ରାମ ମିଳିବ। ଏହାର ଅର୍ଥ ହେଉଛି ଏସ୍‌ଆରଏଚ୍ ସିଧାସଳଖ ଫାଇନାଲ ଖେଳିବ।

ଅନ୍ୟପକ୍ଷରେ, କେକେଆର ଗତ ମଙ୍ଗଳବାର ଦିନ କ୍ୱାଲିଫାୟର ୧ ରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା ଏବଂ ଫାଇନାଲ ପୂର୍ବରୁ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଦଳ ଲମ୍ବା ବ୍ରେକ୍ ପାଇଛି। କେକେଆର ଶୁକ୍ରବାର ଅଭ୍ୟାସ କରିଥିଲା ଏବଂ ଶନିବାର ମଧ୍ୟ ଆଉ ଏକ ନେଟ ସେସନ୍ କରିଥିଲା।

# ୧୪ ଓ ୧୬ ବର୍ଷରୁ କମ୍ ଟେନିସ୍‌ରେ ଚାମ୍ପିୟନ ହେଲେ ଆହାନ ମିଶ୍ର

**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡିୟମ ଟେନିସ୍ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୪ ଓ ୧୬ ବର୍ଷରୁ କମ୍ ଚାମ୍ପିୟନସିପ୍ ସିରିଜ୍ (ସିଏସ୭) ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ତ୍ରିମୁକୁଟ ହାସଲ କରିଛନ୍ତି। ସେ ୧୪ ଓ ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଏବଂ ୧୬ ବର୍ଷରୁ କମ୍ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି।

୧୪ ବର୍ଷରୁ କମ୍ ବାଳକ ଫାଇନାଲରେ ଟପ୍ ସିଡ୍ ଆହାନ କର୍ଣ୍ଣାଟକର ଇଶାୟୁ ଦେସାଇଙ୍କୁ ୬-୩, ୬-୦ ସେଟ୍‌ରେ ହରାଇଛନ୍ତି। ସେହିପରି ୧୬ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଅଣସିଡେଡ୍ ଆନ୍ଧ୍ର ପ୍ରଦେଶର କେ. ସୌର୍ଯ୍ୟଙ୍କୁ ୬-୩, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି।

ଅନ୍ୟତମ ଓଡ଼ିଶା ଖେଳାଳି ସୁତଭ୍ୟ କର୍ମକାରଙ୍କୁ ସାଥିକରି ଖେଳିଥିବା ଆହାନ ୧୬ ବର୍ଷରୁ କମ୍ ବାଳକ ଡବଲ୍ସ ଫାଇନାଲରେ ଅନିକେତ ସାହୁ ଓ ଅଂଶୁମାନ ଆଚାର୍ଯ୍ୟଙ୍କୁ ୬-୦, ୬-୨ ସେଟ୍‌ରେ ହରାଇ ତ୍ରିମୁକୁଟ ପୂରଣ କରିଛନ୍ତି। ଅନ୍ୟପକ୍ଷରେ ଏସ୍ ବେସ୍ ଟେନିସ ଏକାଡେମୀରେ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଉଥିବା ଆହାନ ୧୬ ବର୍ଷରୁ କମ୍ ବାଳିକା ବର୍ଗ ଫାଇନାଲରେ ତାମିଲନାଡ଼ୁର ଲୋକେଶ ସନ୍ନିଥାଙ୍କୁ ୬-୧, ୬-୦ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍




ବାଳିକା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି ତାମିଲନାଡୁର ଲୋକେଶ ସନ୍ନିଥା। ସେ ଓଡ଼ିଶାର ଶାଜଫା ସେକ୍‌ଙ୍କୁ ୬-୦, ୬-୨ରେ ହରାଇ ଟାଇଟଲ ଜିତିଛନ୍ତି।

୧୪ ବର୍ଷରୁ କମ୍ ଡବଲ୍ସ ଫାଇନାଲରେ ଓଡ଼ିଶାର ଜଗତ ଜ୍ୟୋତି ପତି ଓ ସ୍ୱୟମ ସାହୁ ଅନ୍ୟତମ ଓଡ଼ିଆ ଯୋଡ଼ି ରାୟାଂଶ ଦାସ ଓ ଶ୍ରେୟାନ ପଟ୍ଟନାୟକଙ୍କୁ ୬-୩, ୭-୫ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ଟେନିସ୍ ଆସୋସିଏସନ (କେଡିଟିଏ) ସଭାପତି ମଧୁସୂଦନ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେଡିଟିଏ ସମ୍ପାଦକ ଅସିତ ପ୍ରଧାନ, ଓଡ଼ିଶା ଟେନିସ ଆସୋସିଏଶନ ଉପ ସଭାପତି ତଥା ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଦାମୋଦର ପ୍ରଧାନୀ, କାର୍ଯ୍ୟକାରିଣୀ ସଦସ୍ୟ ବିବେକାନନ୍ଦ ପଟ୍ଟନାୟକ, ଦୁଷ୍ମନ୍ତ ତୁଙ୍ଗା, ସମ୍ବିତ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ରେଫରି ଜତୀନ ବୈଶ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଭାରତର ୮ ରାଜ୍ୟରୁ ୭୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଛନ୍ତି।

# ଟି-୨୦ ବିଶ୍ୱକପ୍ ପାଇଁ ଟିମ୍ ଘୋଷଣା କଲା ପାକିସ୍ତାନ

**ଇସଲାମାବାଦ୍**

ଟି -୨୦ ବିଶ୍ୱକପ ପାଇଁ ପାକିସ୍ତାନ ଦଳ ଘୋଷଣା କରାଯାଇଛି। ୧୫ ସଦସ୍ୟ ବିଶିଷ୍ଟ ଦଳରେ ପାକିସ୍ତାନ




ଶକ୍ତିଶାଳୀ ବ୍ୟାଟ୍‌ସମ୍ୟାନ ତଥା ଚମତ୍କାର ବୋଲରଙ୍କୁ ଚୟନ କରିଛି। କିନ୍ତୁ ଦୁଇ ବଡ଼ ଖେଳାଳି ଦଳରେ ସ୍ଥାନ ପାଇ ନାହାନ୍ତି। ଏହି ଦଳରେ ବାବର ଆଜାମ୍‌ଙ୍କୁ ପାକିସ୍ତାନର ଟି-୨୦ ଦଳର ଅଧିନାୟକ କରାଯାଇଛି। ଦୀର୍ଘ ଦିନ ଧରି ଆଘାତ ସମସ୍ୟା ସହ ସଂଘର୍ଷ କରୁଥିବା ହରିସ ରାଉଫ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ବଡ଼ ଖବର ହେଉଛି ଦ୍ରୁତ ବୋଲର ହାସନ ଅଲିଙ୍କୁ ଏହି ଦଳରେ ଚୟନ କରାଯାଇ ନାହିଁ। ଏହାଛଡ଼ା ସଲମାନ ଆଗା ମଧ୍ୟ ଟି -୨୦ ବିଶ୍ୱକପ ଦଳରେ ନାହାନ୍ତି।

ଟି -୨୦ ବିଶ୍ୱକପ ପାଇଁ ପାକିସ୍ତାନୀ ଦଳ : ବାବର ଆଜମ (ଅଧିନାୟକ), ଅବ୍‌ରାର ଅହମ୍ମଦ, ଆଜମ୍ ଖାନ୍, ଫଖର ଜମାନ, ହରିସ ରାଉଫ, ଇଫ୍ତିଖର ଅହମ୍ମଦ, ଇମାଦ ୱାସିମ, ମହମ୍ମଦ ଅବ୍ବାସ ଆଫ୍ରିଦି, ମହମ୍ମଦ ଆମିର, ମହମ୍ମଦ ରିଜାନ, ନାସିମ ଶାହା, ସୟମ ଆୟୁବ, ଶାଦବ ଖାନ, ଶାହିନ ଶାହ ଆଫ୍ରିଦି ଏବଂ ଉସ୍‌ମାନ ଖାନ। ତେବେ ଦଳ ପକ୍ଷରୁ କୌଣସି ରିଜର୍ଭ ଖେଳାଳି ଘୋଷଣା କରାଯାଇନାହିଁ ଏନେଇ ଶୀଘ୍ର ଘୋଷଣା ହୋଇପାରେ।

# ଛାଡ଼ପତ୍ର ହେଲେ ନିଜର ୭୦% ସମ୍ପତ୍ତି ପତ୍ନୀଙ୍କୁ ଦେବେ ପାଣ୍ଡ୍ୟା



**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟକ୍ତିଗତ ଜୀବନରେ ଝଡ଼ ସୃଷ୍ଟି ହୋଇଥିବା ଚର୍ଚ୍ଚା ଜୋର ଧରିଛି। ପ୍ରଥମେ ପତ୍ନୀ ନତାଶା ଷ୍ଟାନକୋଭିକ ନିଜର ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରୁ ପାଣ୍ଡ୍ୟାଙ୍କ ସରନେମ୍ ହଟାଇଥିଲେ। କିଛିଦିନ ଧରି ଉଭୟ ପରସ୍ପରର କୌଣସି ଫଟୋ ଶେୟାର କରି ନ ଥିବା ଦେଖାଯାଇଥିଲା। ନତାଶାଙ୍କ ଜନ୍ମଦିନ(ମାର୍ଚ୍ଚ ୪)ରେ ପତ୍ନୀଙ୍କ ପାଇଁ ଷ୍ଟାଟସ୍‌ଟିଏ ମଧ୍ୟ ପୋଷ୍ଟ କରି ନ ଥିଲେ। ଏପରିକି ଆଇପିଏଲ୍‌ରେ ସ୍ୱାମୀଙ୍କ ମୁମ୍ବାଇ ଇଣ୍ଡିଆନ୍ସକୁ ସମର୍ଥନ କରିବାକୁ ନତାଶା ପହଞ୍ଚି ନ ଥିଲେ। ଏବେ ଆଉ ଏକ ଗୁଜବକୁ ନିଆଁରେ ଘିଅ ଢାଳିବାର କାମ କରିଛି। ଯଦି ପାଣ୍ଡ୍ୟା ପତ୍ନୀଙ୍କଠାରୁ ଛାଡ଼ପତ୍ର ନିଅନ୍ତି ତେବେ ଆଲିମନି ଆକାରରେ ନିଜର ୭୦% ସମ୍ପତ୍ତି ହରାଇବେ ବୋଲି କୁହାଯାଉଛି। ତେବେ ୨୦୨୦ ଜାନୁଆରୀ ୨୦ରେ ପାଣ୍ଡ୍ୟା ଦୀର୍ଘଦିନର ପ୍ରେମିକା ନତାଶାଙ୍କୁ ପ୍ରପୋଜ କରିଥିଲେ। ଜୁଲାଇ ୩୦ରେ ଉଭୟଙ୍କ ପ୍ରଥମ ସନ୍ତାନ ଅଗସ୍ତ୍ୟ ଜନ୍ମଗ୍ରହଣ କରିଥିଲା। ଗତ ବର୍ଷ ଭ୍ୟାଲେଣ୍ଟାଇନ୍ ଡେ’ ଅବସରରେ ଦୁହେଁ ଉଦୟପୁରରେ ବିବାହ କରିଥିଲେ।

# ଫାସଟ୍ୟାଗକୁ କଡ଼ା ଭାଷାରେ ସମାଲୋଚନା କଲେ ଶାର୍ଦ୍ଦୁଳ ଠାକୁର

**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗ୍ସ ଖେଳାଳି ଶାର୍ଦ୍ଦୁଳ ଠାକୁରଙ୍କ ପାଇଁ ଆଇପିଏଲ ୨୦୨୪ ସେତେ ଖାସ୍ ସାବ୍ୟସ୍ତ ହୋଇନାହିଁ। ସେ ଏହି ସିଜିନରେ ୯ଟି ମ୍ୟାଚ୍ ଖେଳିଥିଲେ ଏବଂ ଏହି ସମୟ ମଧ୍ୟରେ ୫ଟି ୱିକେଟ ନେଇଥିଲେ। ନିକଟରେ ଶାର୍ଦ୍ଦୁଳ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏହି ପୋଷ୍ଟରେ ପ୍ରଶଂସକଙ୍କ ଆକର୍ଷଣୀୟ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ବାସ୍ତବରେ ଶାର୍ଦ୍ଦୁଳ ତାଙ୍କ କାର୍‌ରେ କୌଣସି ସ୍ଥାନକୁ ଯାଉଥିଲେ। ଏହି ସମୟ ମଧ୍ୟରେ ସେ ରାଜପଥରେ ଏକ ଜାମରେ ଅଟକି ଯାଇଥିଲେ। ଏହି ଜାମ୍ ଟୋଲ ହେତୁ ଶାର୍ଦ୍ଦୁଳ ଫାସ୍‌ଟ୍ୟାଗକୁ ସମାଲୋଚନା କରିଥିଲେ। ଏକ୍ସରେ ଫଟୋ ସେୟାର କରି ସେ କ୍ୟାପସନରେ ଲେଖିଥିଲେ, ଫାସଟ୍ୟାଗ ନା ମନ୍ଥର ଟ୍ୟାଗ୍। ଶାର୍ଦ୍ଦୁଳଙ୍କ ଏହି ପୋଷ୍ଟରେ ମଧ୍ୟ ପ୍ରଶଂସକ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି। କିଛି ପ୍ରଶଂସକ ଦୁଃଖ ପ୍ରକାଶ କରିଥିବାବେଳେ କିଛି ସୋସିଆଲ ମିଡ଼ିଆ ୟୁଜର୍ସ ତାଙ୍କୁ ଟ୍ରୋଲ କରିଥିଲେ। ଜଣେ ୟୁଜର୍ସ ଲେଖିଛନ୍ତି, ଫାସଟ୍ୟାଗ ତୁମର ବୋଲିଂ ପରି ଧୀର। ଶାର୍ଦ୍ଦୁଳଙ୍କ ପୋଷ୍ଟରେ ଶିବମ ନାମକ ଜଣେ ଉପଭୋକ୍ତା ଲେଖିଛନ୍ତି, ଧୋନିଙ୍କ ୨୦୧୯ ସେମିଫାଇନାଲ ଇନିଂସ ଅପେକ୍ଷା ଏହା କମ୍ ମନ୍ଥର ହେବ। ଉଲ୍ଲେଖ ଥାଉ କି ଶାର୍ଦ୍ଦୁଳ ଏପର୍ଯ୍ୟନ୍ତ ୯୫ଟି ଆଇପିଏଲ ମ୍ୟାଚ ଖେଳିଛନ୍ତି। ଏହି ସମୟ ମଧ୍ୟରେ ସେ ୯୪ ୱିକେଟ ନେଇଛନ୍ତି। ଗୋଟିଏ ମ୍ୟାଚ୍‌ରେ ଶାର୍ଦ୍ଦୁଳଙ୍କ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ଯେ ସେ ୩୬ ରନରେ ୪ ୱିକେଟ ନେଇଥିଲେ।

# ୧୭ଟି ସିଜିନରେ ବଦଳିଲେଣି ୭ ଜଣ ଅଧିନାୟକ

**ବେଙ୍ଗାଲୁରୁ**

ଆଇପିଏଲର ପ୍ରଥମ ସଂସ୍କରଣ ୨୦୦୮ରେ ଖେଳାଯାଇଥିଲା। ଏପର୍ଯ୍ୟନ୍ତ, ୧୭ଟି ସିଜିନ ଅତିକ୍ରମ କରିସାରିଛି, କିନ୍ତୁ ଆରସିବି ଟାଇଟଲ ଜିତିବାରେ ବିଫଳ ହୋଇଛି। ଅବଶ୍ୟ, ଏହି ୧୭ ବର୍ଷରେ, ୭ ଜଣ ଆରସିବିର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ ବି ଟାଇଟଲ ଜିତିବାରେ ବିଫଳ ହୋଇଛି। ରାହୁଲ ଦ୍ରାବିଡ ଆଇପିଏଲର ପ୍ରଥମ ସିଜନରେ ଆରସିବିର ଅଧିନାୟକ ଥିଲେ। ଏହା ପରେ ଅନିଲ କୁମ୍ବଲେ ଆଇପିଏଲ ୨୦୦୯ରେ ଅଧିନାୟକ ଦାୟିତ୍ୱ ନେଇଥିଲେ। ଅନିଲ କୁମ୍ବଲେ ଆଇପିଏଲ ୨୦୦୯ ଏବଂ ଆଇପିଏଲ ୨୦୧୦ ରେ ଆରସିବିର ଅଧିନାୟକ ଥିଲେ। ଏହା ପରେ, ଡାନିଏଲ ଭେଟ୍ଟୋରୀ ଆଇପିଏଲ ୨୦୧୧ ଏବଂ ଆଇପିଏଲ ୨୦୧୨ ରେ ଅଧିନାୟକତ ଦାୟିତ୍ୱ ଗ୍ରହଣ କଲେ।

ଡାନିଏଲ ଭେଟ୍ଟୋରିଙ୍କ ପରେ ବିରାଟ କୋହଲି ଦୀର୍ଘ ସମୟ ଧରି ଆରସିବିର ଅଧିନାୟକ ରହିଲେ। ବିରାଟ କୋହଲି ଆଇପିଏଲ ୨୦୧୧ ପର୍ଯ୍ୟନ୍ତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ଅଧିନାୟକ ହୋଇ ଥିଲେ। ତେବେ ଏହି ସମୟ ମଧ୍ୟରେ, ଆଇପିଏଲ ୨୦୧୭ ସିଜନର ୩ଟି ମ୍ୟାଚରେ ସେନ ୱାଟସନ ଅଧିନାୟକ ଦାୟିତ୍ୱ ନେଇଥିଲେ। କିନ୍ତୁ ଏହି ଅଧିନାୟକମାନେ ଆଇପିଏଲ ଟ୍ରଫି ଜିତାଇବାରେ ସଫଳ ହୋଇନଥିଲେ। ଏଥିସହିତ ଆଇପିଏଲ ୨୦୨୨ ନିଲାମ ପରେ, ଆରସିବି ଫାଫ ଡୁ ପ୍ଲେସିସଙ୍କୁ ଏହାର ଅଧିନାୟକ କରିଥିଲା। ଅଦ୍ୟାବଧି ଫାଫ ଡୁ ପ୍ଲେସିସ ୩ଟି ସିଜିନ ପାଇଁ ଆରସିବି ଅଧିନାୟକତ୍ୱ କରିଛନ୍ତି, କିନ୍ତୁ ସଫଳ ହୋଇପାରି ନାହାଁନ୍ତି। ତେବେ ଅଧିନାୟକ ଭାବରେ ଫାଫ ଡୁ ପ୍ଲେସିସ ବହୁତ ସଫଳ ହୋଇଛନ୍ତି। ଫାଫ ଡୁ ପ୍ଲେସିସଙ୍କ ଅଧି-ନାୟକତ୍ୱରେ ଆରସିବି ୫୬.୨୫ ପ୍ରତିଶତ ମ୍ୟାଚ ଜିତିଥିଲା, କିନ୍ତୁ ଟ୍ରଫି ଜିତି ପାରି ନଥିଲା।

# ନିର୍ବାଚନରେ କର୍ତ୍ତବ୍ୟରତ ଭୋଟରଙ୍କ ନିମନ୍ତେ ସୁବିଧା କେନ୍ଦ୍ର ସ୍ଥାପିତ

**ବାଲେଶ୍ୱର, ନ୍ୟୁଜ୍**

ନିର୍ବାଚନ ସମୟରେ ମତଦାନରେ ସବୁଠୁ ମହତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବହ କରେ ପୋଷ୍ଟାଲ ବାଲଟ। ଏଣୁ ୨୦୨୪ ସାଧାରଣ ନିର୍ବାଚନର ଏହି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ବାଲେଶ୍ୱର ଜିଲ୍ଲାରେ ମୁଖ୍ୟ ପ୍ରାଧାନ୍ୟର ସହିତ ସମ୍ପାଦନା କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସୁବିଧା କେନ୍ଦ୍ରର ସ୍ଥାପିତ କରାଯିବାର ସ୍ଥିରୀକୃତ କରାଯାଇଛି। ଏହି କେନ୍ଦ୍ରଗୁଡିକ ରବିବାର ଠାରୁ ୨୮ ତାରିଖ ପୂର୍ବାହ୍ନ ଘ. ୧୦ ସମୟରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ପ୍ରକାଶ ଥାଉକି ଏହି ପୋଷ୍ଟାଲ ବାଲାଟ ଭୋଟିଂ ବ୍ୟବସ୍ଥା ପୋଲିସ, ଜରୁରୀକାଳୀନ, ଅଗ୍ନିଶମ, ସ୍ୱାସ୍ଥ୍ୟ ଅଧିକାରୀ, ଭିଡିଓଗ୍ରାଫର, ସଫାଇ କର୍ମଚାରୀ, ଡ୍ରାଇଭର, ହେଲପର ଓ ଅନ୍ୟାନ୍ୟ ନିୟୋଜିତ କର୍ମଚାରୀଗଣଙ୍କ ପାଇଁ ଉଦ୍ଦିଷ୍ଟ।

ଭୋଟିଂ ପ୍ରକ୍ରିୟାର ଅଖଣ୍ଡତା ଓ ଗୋପନୀୟତାକୁ ସୁନିଶ୍ଚିତ କରିବା ପାଇଁ ଏହି କେନ୍ଦ୍ରଗୁଡ଼ିକୁ ପୋଷ୍ଟାଲ ବାଲାଟ୍ ପେପର, ଲଫାପା, ସୁରକ୍ଷିତ ବାଲାଟ୍ ବକ୍ସ ସମେତ ସମସ୍ତ ଆବଶ୍ୟକୀୟ ସମ୍ବଳର ସୁବନ୍ଦୋବସ୍ତ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ତାଲିମପ୍ରାପ୍ତ ଅଧିକାରୀମାନେ ଭୋଟରମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ଉପସ୍ଥିତ ରହି ସେମାନଙ୍କର ପ୍ରଶ୍ନର ସମାଧାନ କରିବେ।

ସୂଚନା ଥାଉକି, ପୋଷ୍ଟାଲ ବାଲଟ ନିମନ୍ତେ ବାଲେଶ୍ୱର ଜିଲ୍ଲାରେ ୩୦୦୦ ଜଣ ମତଦାତା ଅଛନ୍ତି। ନିର୍ବାଚନ କର୍ତ୍ତବ୍ୟରେ ସମ୍ପୃକ୍ତ ଥିବାରୁ କୌଣସି ଯୋଗ୍ୟ ଭୋଟର ଯେପରି ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଆଶୀଷ ଠାକ୍‌ରେ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମାଲେସିଆ ମାଷ୍ଟର୍ସ ସେମିରେ ସିନ୍ଧୁ



**କୁଆଲାଲୁମ୍ପୁର**

ଭାରତର ଦୁଇ ଅଲିମ୍ପିକ୍ସ ପଦକ ବିଜେତା ପିଭି ସିନ୍ଧୁ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ସେମି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ଶୁକ୍ରବାର ମହିଳା ଏକକ କ୍ୱାର୍ଟର ଫାଇନାଲ୍‌ରେ ବିଶ୍ୱର ୧୫ ନମ୍ବର ସିନ୍ଧୁ ୨୧-୧୩, ୧୪-୨୧, ୨୧-୧୨ରେ ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍‌ର ହାନ୍ ୟୁଇଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ସେ ଏସିଆ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନ୍‌ସିପ ପରାଜୟରୁ ମଧୁର ପ୍ରତିଶୋଧ ନେଇଛନ୍ତି। ତେବେ ଯୁବା ଭାରତୀୟ ଅସ୍ମିତା ଚଲିହାଙ୍କ ଅଭିଯାନ କ୍ୱାର୍ଟର ଫାଇନାଲ୍‌ରେ ଶେଷ ହୋଇଛି। ସେ ୧୦-୨୧, ୧୫-୨୧ରେ ଚୀନ୍‌ର ଝାଙ୍ଗ ୟି ମାନ୍‌ଙ୍କଠୁ ହାରି ଯାଇଥିଲେ।

# ସୁବର୍ଣ୍ଣପୁର କ୍ରୀଡ଼ା ସଂଘର ଚୟନ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଶନିବାର ଜିଲ୍ଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ୭୦ତମ ରାଜ୍ୟ ସ୍ତରୀୟ ଜୁନିୟର ଆଥ୍‌ଲେଟିକ୍ ଚୟନ ଲିଗ୍-୨୦୨୪ରେ ସୁବର୍ଣ୍ଣପୁର ଦଳ କିପରି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଏକ ଚୟନ ଶିବିର ଆସନ୍ତା ତା.୨୮.୦୫.୨୦୨୪ରିଖ ଦିନ ସକାଳ ୭ଟା ସମୟରେ ଗାନ୍ଧୀ ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଯାଇଛି। ଏହି ଚୟନ ଶିବିରରେ ବିଭିନ୍ନ ବର୍ଗର ଯଥା ବାଳକ ଓ ବାଳିକା ପୁରୁଷ ଓ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯିବ। ସମସ୍ତ ପ୍ରତିଯୋଗୀମାନେ ପରିଚୟ ପତ୍ର, ଆଧାର କାର୍ଡ଼ କିମ୍ବା ଜନ୍ମ ପ୍ରମାଣ ପତ୍ର ବାଧ୍ୟତାମୂଳକ ଭାବେ



ସାଙ୍ଗରେ ଧରି ଆସିବେ। ଏଥିରେ ଭାଗ ନେବାକୁ ଇଚ୍ଛୁକ ପ୍ରାର୍ଥୀମାନେ ମୋ. ନମ୍ବର ୯୯୩୮୨୨୩୭୧ (ରିଙ୍କୁ), ୭୦୦୮୫୯୬୧୮୫ (କଲିମ୍) ଓ ୯୧୨୪୮୫୯୬୬୬ ୬୬ ରେ (ଚକା)ଙ୍କୁ ଯୋଗାଯୋଗ କରିପାରିବେ।

ଏହି ବୈଠକରେ ଜିଲ୍ଲା କ୍ରୀଡ଼ା ସଂଘର ଉପ-ସଭାପତି ଚିତ୍ତ ରଞ୍ଜନ ତରାସିଆ, ଆସିଷ୍ଟାଣ୍ଟ ସାଧାରଣ ସମ୍ପାଦକ ନନ୍ଦକିଶୋର ତ୍ରିପାଠୀ, ଫୁଟବଲ ସମ୍ପାଦକ ରାଜୀବ କୁମାର ସାହୁ, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, କୋଷାଧକ୍ଷ ସୁବାଷ ବିଶ୍ୱାଳ, କାର୍ଯ୍ୟକାରୀ ସଦସ୍ୟ କୃଷ୍ଣ ବାଘ, ଭୁକୁଲୁ ବକ୍ସି, ଗୌରୀଶ୍ୟାମ ପଣ୍ଡା, ଦିଲ୍ଲୀପ ଗୁରୁ, ଜିତେନ୍ଦ୍ର ସାହୁ, କଇରୁ ସ୍ୱାଇଁ, ଆଦିତ୍ୟ କିଶୋର ଦାନୀ, କଲିମ ମହମ୍ମଦ, ବଳରାମ ପଟ୍ଟନାୟକ, ଗତିକୃଷ୍ଣ ମିଶ୍ର, ସତ୍ୟନାରାୟଣ ରାଓ, କମଳାକାନ୍ତ ସାହୁ, ଦିଗାମ୍ବର ଶତପଥି, ସୁଦର୍ଶନ ପଣ୍ଡା ଓ ଜିଲ୍ଲା କ୍ରୀଡ଼ା ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ଦୁଇ ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତ-କୋଇଲି ବ୍ଲକ ସୁକରପଡ଼ା ଓ ବାଲିଆପଦା ଗ୍ରାମ ପଞ୍ଚାୟତରେ ବିଜୁ ଜନତା ଦଳ ତରଫରୁ ପୃଥକ୍ ପୃଥକ୍ ଭାବେ ଦୁଇଟି କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥିରୂପେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶା ଏକ ପ୍ରଗତିଶୀଳ ରାଜ୍ୟରେ ପରିଣତ ହୋଇଛି। ମାହାଙ୍ଗାରେ ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଛି। ଅଧୁରା କାର୍ଯ୍ୟକୁ ଖୁବ୍ ଶୀଘ୍ର ଶେଷ କରାଯିବ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିବା ସହ ଆସନ୍ତା ନିର୍ବାଚନରେ ମାହାଙ୍ଗାର ବହୁ ଚର୍ଚ୍ଚିତ ସ୍ୱାଧୀନ ପ୍ରାର୍ଥୀ ପରାଜୟରେ ହାଟ୍ରିକ



ଅର୍ଜନ କରିବେ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟର ସର୍ବୋପରି ମାହାଙ୍ଗାର ଉନ୍ନତିରେ ବିରୋଧୀ ଦଳ ବାଧକ ସାଜିଥିବାରୁ ଶ୍ରୀ ଜେନା ଏହାର କଟୁ ସମାଲୋଚନା କରିବା ସହ ଆଗାମୀ ନିର୍ବାଚନରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କୁ ରେକର୍ଡ ସଂଖ୍ୟକ ଭୋଟ୍ ବ୍ୟବଧାନରେ ଜୟଯୁକ୍ତ କରିବା ନିମନ୍ତେ ଭୋଟରମାନଙ୍କୁ ଆହ୍ୱାନ କରିଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦାନ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଗଭୀରଭାବେ ଆଲୋକ-ପାତ କରିବା ସହ ମୁଖ୍ୟମନ୍ତ୍ରୀ ରାଜ୍ୟର ବେକାର ଯୁବକଯୁବତୀ ମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ନିମନ୍ତେ ଖୁବ୍ ଶୀଘ୍ର ଏକ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟରେ ଆଉ ବେକାର ସମସ୍ୟା ରହିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଆସନ୍ତା ନିର୍ବାଚନରେ ମାହାଙ୍ଗାର ସଚେତନ ଭୋଟରମାନେ ତାଙ୍କୁ ଓ ବିଜେଡି ସଂସଦୀୟ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଯୋଡି ଶଙ୍ଖଚିହ୍ନରେ ମୋହର ଦେଇ ବିଜୟୀ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ସଭାରେ ବ୍ଲକ୍ ଉପାଧକ୍ଷ ଅଶୋକ ଓଝା, ପୂର୍ବତନ ସରପଞ୍ଚ କୈଳାସ ସାମନ୍ତରାୟ, ସିପ୍ରା ସାମନ୍ତରାୟ, ସୁକରପଡ଼ା ସରପଞ୍ଚ ମନୋଜ ମଲିକ, ବାଲିଆପଦା ସରପଞ୍ଚ ଜୟନ୍ତୀ ଜେନା ପ୍ରମୁଖ ବହୁ ପଦାଧିକାରୀ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ମଇ ୨୦୨୪ ରବିବାର





# ମହାରାଣୀଙ୍କ ସହ ଭୋଟ୍ ଦେଲେ ପୁରୀ ଗଜପତି

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଗଣତନ୍ତ୍ରର ମହାପର୍ବରେ ସାମିଲ ହୋଇ ନିଜର ସାମ୍ବିଧାନିକ ମତାଧିକାର ସାବ୍ୟସ୍ତ କରିଛନ୍ତି ମହାପ୍ରଭୁ ଜଗନ୍ନାଥଙ୍କ ଆଦ୍ୟସେବକ ଗଜପତି ମହାରାଜା ଦିବ୍ୟ ସିଂହଦେବ। ପତ୍ନୀ ତଥା ମହାରାଣୀ ଲୀଳାବତୀ ପାଟମହାଦେଈଙ୍କ ସହ ମହାରାଜ ପୁରୀର ୧୫ ନମ୍ବର୍ ୱାର୍ଡର ଦୋଳମଣ୍ଡପ ସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୧୧୪ ନମ୍ବର ବୁଥ୍‌ରେ ଭୋଟ ଦେଇଛନ୍ତି । ଏହା ସହ ସେ ଏହି ମହାନ ଗଣତାନ୍ତ୍ରିକ ପର୍ବରେ ସମସ୍ତେ ସାମିଲ ହେବାକୁ ମଧ୍ୟ ଆହ୍ୱାନ ଦେଇଛନ୍ତି। ଗଜପତି କହିଛନ୍ତି, 'ଆମ ଦେଶ ଓ ରାଜ୍ୟର ଉନ୍ନତି କରିବାକୁ ହେଲେ ଉପଯୁକ୍ତ ପ୍ରାର୍ଥୀ ଚୟନ ଆବଶ୍ୟକତା ରହିଛି। ଏଣୁ ପ୍ରତ୍ୟେକ ଭୋଟର ନିଜର ବିବେକ ଅନୁସାରେ ମତାଧିକାର ସାବ୍ୟସ୍ତ କରିବା ଉଚିତ।



## କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ବୁଥ୍ ନମ୍ବର ୩୫ରେ ଉତ୍ତେଜନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କାମାକ୍ଷା ନଗର ନିର୍ବାଚନ ମଣ୍ଡଳୀର ସାରୁଆଳି ପଞ୍ଚାୟତ ବୁଥ୍ ନଂ ୩୫ରେ ଉତ୍ତେଜନା ଦେଖାଦେଇଛି। ମତଦାନ କରୁଥିବା ବେଳେ ବିଜେଡିର କିଛି କର୍ମୀ ଭୋଟରଙ୍କୁ ପ୍ରଭାବିତ କରି ଦଳୀୟ ଶଙ୍ଖ ଚିହ୍ନରେ ଦେବା ପାଇଁ କହୁଥିବା ବେଳେ ବିଜେପି ଏଜେଣ୍ଟ ଏହାକୁ ବିରୋଧ କରିଥିଲେ, ଯାହାଫଳରେ କିଛି ସମୟ ବୁଥରେ ମତଦାନ ବନ୍ଦ ରହିଥିଲା। ଖବର ପାଇବା ପରେ ବିଜେପି ବିଧାୟକ ପ୍ରାର୍ଥୀ ଶତ୍ରୁଘ୍ନ ଜେନା ଘଟଣା ସ୍ଥଳରେ ପହଞ୍ଚି ପ୍ରଶାସନକୁ ଘଟଣା ସମ୍ପର୍କରେ ଅବଗତ କରିବା ଫଳରେ ତହସିଲଦାର ତଥା ମାଜିଷ୍ଟ୍ରେଟ ଓ ଆଇଆଇସି ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ସ୍ୱାଭାବିକ କରିବା ପରେ ମତଦାନ ପୁଣି ଚାଲିଛି।

## ତୃତୀୟ ପର୍ଯ୍ୟାୟ ମତଦାନ ପରେ ରାଜ୍ୟରେ ବିଜେଡି ସରକାର

# ବଡ ପରାଜୟ ଆଡ଼କୁ ଗତି କରୁଛି ଓଡ଼ିଶା ବିଜେପି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ତୃତୀୟ ପର୍ଯ୍ୟାୟ ମତଦାନ ପରେ ରାଜ୍ୟରେ ବିଜେଡି ସରକାର ହେଉଥିବା ବେଳେ ଓଡ଼ିଶା ବିଜେପି ବଡ଼ ଧରଣର ପରାଜୟ ଆଡ଼କୁ ଗତି କରୁଥିବା କହିଛନ୍ତି ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ।

ଡକ୍ଟର ପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଶାରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହେବାକୁ ଯାଉଛି। ତୃତୀୟ ପର୍ଯ୍ୟାୟ ଶେଷରେ ଆମେ ଆପଣମାନଙ୍କ ଆଗରେ



ବିନମ୍ରତାର ସହ କହିବାକୁ ଚାହୁଁଛୁ ଯେ ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ବିଜୁ ଜନତା ଦଳ ଓଡ଼ିଶାରେ ସରକାର ଗଠନ କରୁଛି ।

ସମ୍ବଲପୁର, ପୁରୀ, ଭୁବନେଶ୍ୱର, କଟକ, କେନ୍ଦୁଝର ଓ ଢେଙ୍କାନାଳ ଆଦି ୬ଟି ଲୋକସଭା ନିର୍ବାଚନ ମଣ୍ଡଳୀର ଭୋଟର ଭାଇଭଉଣୀମାନଙ୍କୁ ଆଶୀର୍ବାଦ ଓ ବିଜେଡିକୁ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଜଣାଇବା ସହ ପ୍ରଥମ ଦୁଇ ପର୍ଯ୍ୟାୟର ସମସ୍ତ ଭୋଟର ଭାଇଭଉଣୀଙ୍କୁ ସେମାନଙ୍କ ସମର୍ଥନ ଓ ଆଶୀର୍ବାଦ ପାଇଁ ମଧ୍ୟ ଧନ୍ୟବାଦ ଜଣାଉଛୁ ।

ତୃତୀୟ ପର୍ଯ୍ୟାୟ ପରେ ବିଜେଡି ସରକାର ଗଢ଼ିବା ନିଶ୍ଚିତ ହୋଇଥିବା ବେଳେ ଓଡ଼ିଶା ବିଜେପି ବଡ଼ ଧରଣର ପରାଜୟ ଆଡ଼କୁ ଗତି କରୁଛି ବୋଲି ଡ. ପାତ୍ର କହିଛନ୍ତି।

## ଭିକାରୀ ବଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟନ୍ତୀ ଅବସରରେ ଭଜନ ସମ୍ରାଟ ଭିକାରୀ ବଳଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ସଙ୍ଗୀତ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ପ୍ରସାରରେ ତାଙ୍କର ଅବଦାନ ଅତୁଳନୀୟ । ଅନେକ ଆବେଗଭରା ତଥା ସୁମଧୁର ଭଜନ ଓ ଜଣାଣ ପାଇଁ ସେ ସର୍ବଦା ସ୍ମରଣୀୟ।



ଭୁବନେଶ୍ୱର : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୫୦ତମ ଶ୍ରାଦ୍ଧ ଦିବସ ଅବସରରେ ବିଧାନସଭା ସଚିବ ଦାଶରଥି ଶତପଥୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ପୌରାଞ୍ଚଳରେ କଂଗ୍ରେସର ରୋଡ୍ ଶୋ'



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳରେ କଂଗ୍ରେସର ରୋଡ୍ ଶୋ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଜଳା କଂଗ୍ରେସ କାର୍ଯ୍ୟାଳୟରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଲୋକସଭା ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ, ବିଧାନସଭା ପ୍ରାର୍ଥୀନୀ ଡଃ ସିପ୍ରା ମଲିକଙ୍କ ସହ ଅନ୍ୟ ନେତୃବୃନ୍ଦମାନେ ଏହି ରୋଡ୍ ଶୋ'ରେ ସହର ପରିକ୍ରମା କରି ଜନସାଧାରଣଙ୍କୁ ହାତ ଚିହ୍ନରେ ଭୋଟ୍ ଦେବାପାଇଁ ନିବେଦନ କରିଥିଲେ। ଏହି ଶୋଭାଯାତ୍ରାଟି ୨୧ନଂ ୱାର୍ଡରୁ ବାହାରି ୨୦ନଂ, ୧୯ନଂ, ୧୮ନଂ, ୧୦ନଂ, ୧୧ନଂ, ୧୨ନଂ, ୧୩ନଂ ପ୍ରଭୃତି ୱାର୍ଡଗୁଡିକ ବୁଲି କଂଗ୍ରେସ୍ ଗ୍ୟାରେଣ୍ଟି ସଂପର୍କରେ ଲୋକସଭା ପ୍ରାର୍ଥୀ ଶ୍ରୀ ଦାଶ ଲୋକମାନଙ୍କୁ ବୁଝାଇଥିଲେ। କଂଗ୍ରେସ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିବା ବେଳେ ଦୀର୍ଘ ୨୫ ବର୍ଷ ହେଲା ବିଜେଡି ସରକାର କ୍ଷମତାରେ ରହି ଜନ ସାଧାରଣଙ୍କୁ ମିଛ ପ୍ରତିଶ୍ରୁତି ଦେଉଥିବା ବେଳେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ କରିନାହିଁ। ନିର୍ବାଚନରେ କଂଗ୍ରେସର ଲୋକସଭା ଓ ବିଧାନ ସଭା ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇ ରାଜ୍ୟରେ କଂଗ୍ରେସ ସରକାର ଆସିଲେ କଂଗ୍ରେସର ୨୫ଦଫା ଗ୍ୟାରେଣ୍ଟି ନିଶ୍ଚିତ କାର୍ଯ୍ୟକାରୀ କରାଯିବ। ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।




ଭୁବନେଶ୍ୱର : ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଚଞ୍ଚଳ ରାଣା ସରକାରୀ ୟୁପି ସ୍କୁଲ, ରଘୁନାଥପୁର ଭୁବନେଶ୍ୱର ସ୍ଥିତ ମତଦାନ କେନ୍ଦ୍ରରେ ମତଦାନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## କର୍ତ୍ତବ୍ୟରତ ପୋଲିଂ ଅଫିସରଙ୍କ ମୃତ୍ୟୁ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଆର୍ଥିକ ସହାୟତା ଘୋଷଣା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲାରେ କାର୍ଯ୍ୟରତ ପୋଲିଂ ଅଧିକାରୀ ସୁଜାତା ମିତ୍ରଙ୍କର ଦୁଃଖଦ ମୃତ୍ୟୁ ହୋଇଛି । ସ୍ୱର୍ଗତ ମିତ୍ର ବିଧାନସଭା କ୍ଷେତ୍ର ୯୦-ବାରବାଟି ବିଧାନସଭା କ୍ଷେତ୍ରର ବୁଥ୍ ନଂ ୧୪ (ହାଡ଼ିବନ୍ଧୁ ନୋଡାଲ ହାଇସ୍କୁଲ)ରେ ନିୟୋଜିତ ଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଏହା ସହ ସେ ଅମର ଆତ୍ମାଙ୍କ ସଦ୍‌ଗତି କାମନା କରିଛନ୍ତି। ବିଧି ମୁତାବକ ସାହାଯ୍ୟ ବ୍ୟତିରେକ ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣାମତେ ୧୫ ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହା ସହ ଶୀଘ୍ର ବିଧି ମୁତାବକ ବିହିତ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ମଣିପାଲ୍ ହସ୍ପିଟାଲ ପକ୍ଷରୁ ବିଶାଳ ଆମ୍ବୁଲାନ୍ସ ରାଲି

# ଓଡ଼ିଶାରେ ପ୍ରଥମ, ଜନ ସଚେତନତା ମୁଖ୍ୟ ଲକ୍ଷ୍ୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ପ୍ରଥମ ଥର ପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ଏକ ବିଶାଳ ଆମ୍ବୁଲାନ୍ସ ରାଲିର ଆୟୋଜନ କରାଯାଇଥିଲା। ଏଥିରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ୫୦ ଉର୍ଦ୍ଧ୍ୱ ଅତ୍ୟାଧୁନିକ ଆମ୍ବୁଲାନ୍ସକୁ ବ୍ୟବହାର କରାଯାଇଥିଲା। ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସକୁ ଡାକିବା ସମୟରେ ଗ୍ରହଣ କରିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନତା ସୃଷ୍ଟି କରିବା ପାଇଁ ଏଭଳି ରାଲିର ଆୟୋଜନ କରାଯାଇଥିଲା। ଏହି ରାଲି ଖଣ୍ଡଗିରି ଜୟଦେବ ବାଟିକା ନିକଟସ୍ଥ ମଣିପାଲ ହସ୍ପିଟାଲ ଠାରୁ ଆରମ୍ଭ ହୋଇ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯାଇଥିଲା।

ଭୁବନେଶ୍ୱର ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର ଏହି



ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଧ୍ୟାନ ଦେଇଥାଏ ଯାହା ଆମ୍ବୁଲାନ୍ସ ରୋଗୀକୁ ଜୀବନ ରକ୍ଷାକାରୀ ଚିକିତ୍ସା ଯୋଗାଇବା ପାଇଁ ଯଥାଶୀଘ୍ର ପହଞ୍ଚିବା ନିତ୍ୟାନ୍ତ ଜରୁରୀ ଅଟେ। ସେହିଭଳି ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ସିଦ୍ଧାର୍ଥ ମିଶ୍ର କହିଥିଲେ ଯେ, ସଡ଼କ ଦୁର୍ଘଟଣା, ହାର୍ଟ ଆଟାକ୍, ବ୍ରେନ୍ ଷ୍ଟ୍ରୋକ୍, ଛାତିରେ ଯନ୍ତ୍ରଣା, ଚେତାଶୂନ୍ୟ ହୋଇଯିବା, ନିଶ୍ୱାସ-ପ୍ରଶ୍ୱାସ ନେବାରେ ଅସୁବିଧା ଭଳି ଗୁରୁତର ଅବସ୍ଥାରେ ଠିକ୍ ସମୟରେ ଆମ୍ବୁଲାନ୍ସ ସେବା ରୋଗୀଙ୍କୁ ଜୀବନ ରକ୍ଷାକରିବାରେ ବେଶ୍ ସହାୟକ ହୋଇଥାଏ। ଏହି ସଚେତନତା ସୃଷ୍ଟି କରିବା ପାଇଁ ପ୍ରଥମ ଥର ପାଇଁ ଓଡ଼ିଶାରେ ଏହି ବିଶାଳ ଆମ୍ବୁଲାନ୍ସ ର୍ୟାଲିର ଆୟୋଜନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ପଶ୍ଚିମବଙ୍ଗ ଉପକୂଳ ଛୁଇଁବ...

ବାତ୍ୟାର ନାମକରଣ ବ୍ୟବସ୍ଥା ଅନୁଯାୟୀ ଚଳିତ ପ୍ରାକ୍ ମୌସୁମୀ ଋତୁରେ ବଙ୍ଗୋପସାଗରରେ ଏହା ହେଉଛି ପ୍ରଥମ ବାତ୍ୟା ଏବଂ ଓମାନ ଦ୍ୱାରା ଦିଆଯାଇଥିବା ରେମାଲ ନାମରେ ନାମିତ ହୋଇଛି। ପାଣିପାଗ ବିଭାଗ ପକ୍ଷରୁ କୋଲକାତା, ହାୱଡ଼ା, ନଦିଆ ଓ ପୂର୍ବ ମେଦିନୀପୁର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୨୬-୨୭ ତାରିଖରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ପ୍ରବଳ ବର୍ଷା ସହ ହୁଗୁଳି, ପୂର୍ବ ବର୍ଦ୍ଧମାନ ଓ ପଶ୍ଚିମ ମେଦିନୀପୁର ଜିଲ୍ଲାରେ ପବନର ବେଗ ଘଣ୍ଟା ପ୍ରତି ୬୦ରୁ ୭୦ କିଲୋମିଟର ରହିବ। ଦକ୍ଷିଣ ପଶ୍ଚିମବଙ୍ଗର ଅନ୍ୟ ଜିଲ୍ଲାଗୁଡ଼ିକରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ। ସେହିପରି ଉତ୍ତର ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ୨୬ରୁ ୨୭ ତାରିଖ ମଧ୍ୟରେ ପ୍ରବଳ ବର୍ଷା ହେବ ଏବଂ ୨୭ ତାରିଖରେ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମବଙ୍ଗର ଦକ୍ଷିଣ ଏବଂ ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ସ୍ଥାନୀୟ ବନ୍ୟା ଏବଂ ସମ୍ବେଦନଶୀଳ ନିର୍ମାଣ, ବିଦ୍ୟୁତ୍ ଓ ଯୋଗାଯୋଗ ଲାଇନ୍, କଚ୍ଚା ରାସ୍ତା, ଫସଲ ଏବଂ ବଗିଚାରେ ବ୍ୟାପକ କ୍ଷୟକ୍ଷତି ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସତର୍କ କରାଇଦେଇଛି।

## ଭୋଟ ଦେଲେ ମୁଖ୍ୟମନ୍ତ୍ରୀ...

ମତଦାନ କରି ପାରିବେ ସେ ନେଇ ସମସ୍ତ ପ୍ରସ୍ତୁତି କରାଯାଇଛି । ତୃତୀୟ ପର୍ଯ୍ୟାୟରେ ୧୦,୫୦୦ ବୁଥରେ ଭୋଟିଂ ହେଉଛି। ସେଥିରୁ ୧୫ଶହ ବୁଥ୍ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ । ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ କହିଛନ୍ତି, ସମଗ୍ର ରାଜ୍ୟରେ ମତଦାନ ସୁରୁଖୁରରେ ଚାଲିଛି। ତେଣୁ ଶାନ୍ତିଶୃଙ୍ଖଳା ଭାବେ ନିଜ ମୌଳିକ ଅଧିକାରକୁ ବିନିଯୋଗ କରନ୍ତୁ। କେନ୍ଦ୍ରାପଡ଼ା ବିଜେପି ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା କହିଛନ୍ତି, ଆମ ଭାରତ ସମଗ୍ର ଇତିହାସର ସବୁଠୁ ବଡ଼ ମତଦାନ । ତେଣୁ ଭୋଟ ଦେବା କେବଳ ଆମ ଅଧିକାର ନୁହଁ ଏହା ଆମ କର୍ତ୍ତବ୍ୟ ମଧ୍ୟ। ତେଣୁ କୌଣସି ପ୍ରକାର ପ୍ରଲୋଭନ, ଧମକଚମକର ବଶବର୍ତ୍ତୀ ନ ହୋଇ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ। ଭୁବନେଶ୍ୱର ବିଜେପି ଲୋକସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ପୂର୍ବ ଥର ଭୋଟ ହାର କମିଥିଲା। ମାତ୍ର ଶନିବାର ଭୋଟଦାନ ହାର ବେଶ୍ ଉତ୍ସାହଜନକ ରହିଛି। ସକାଳୁ ସକାଳୁ ବରିଷ୍ଠ ନାଗରିକ, ମହିଳା, ନୂଆ ଭୋଟର, ଶାରୀରିକ ଅକ୍ଷମ ଭୋଟର ବି ଅଛନ୍ତି। ଏହା ଦେଖି ବେଶ୍ ଖୁସି ଲାଗିଲା। ଏଥିସହ ଯେଉଁମାନେ ଭୋଟ କେନ୍ଦ୍ରକୁ ନ ଆସିଛନ୍ତି ସେମାନଙ୍କୁ ଆସିବାକୁ ଆହ୍ୱାନ ଦେଇଛି। ତେଣୁ ଦେଶକୁ ଯଦି ଭଲ ପାଉଛନ୍ତି, ତେବେ ମତଦାନ କେନ୍ଦ୍ରକୁ ଆସନ୍ତୁ। ସଠିକ୍ ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ବୋଲି ଅନୁରୋଧ କରୁଛି। ପୁରୀ ବିଜେପି ଲୋକସଭା ପ୍ରାର୍ଥୀ, ସମ୍ବିତ ପାତ୍ର କହିଛନ୍ତି, ଏକ ସଶକ୍ତ ଭାରତ ଓ ବିକଶିତ ଓଡ଼ିଶା ନିର୍ମାଣ ନିମନ୍ତେ ସମସ୍ତେ ମତଦାନ କରନ୍ତୁ। ଯୁବକଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଭୋଟକେନ୍ଦ୍ରକୁ ଆସନ୍ତୁ । ନିଜ ବିବେକର ପ୍ରୟୋଗ କରି ସଠିକ୍ ପ୍ରାର୍ଥୀ ଚୟନ କରନ୍ତୁ । ପୁରୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଉମାବଲ୍ଲଭ ରଥ କହିଛନ୍ତି, ମତଦାନ ସବୁଠୁ ଅଧିକ ଦାୟିତ୍ୱ ସମ୍ପନ୍ନ କାମ । ଏଥିରେ ସାମାନ୍ୟ ହେଳା କଲେ ଦେଶ, ରାଜ୍ୟ ଭୁଶୁଡ଼ି ପଡ଼ିବ । ତେଣୁ ନାଗରିକମାନେ ଆଜି ନିଜ ଅଧିକାର, କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ଉଚିତ। ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ପରେ ବିଜେଡି ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର କହିଛନ୍ତି ଏହି ପର୍ଯ୍ୟାୟରେ ବିଜେଡି ଭଲ ଫଳ କରିବ ଏବଂ ନିଶ୍ଚିତ ସରକାର ଗଢିବ। ମାତ୍ର ବିଜେପି ବଡ ବିପର୍ଯ୍ୟୟ ଆଡକୁ ମୁହାଁଉଛି ବୋଲି ସେ କହିଛନ୍ତି।

## ତୃତୀୟ ପର୍ଯ୍ୟାୟ ଭୋଟ ...

ପରିଚାଳନା କରଥିବାରୁ ସମସ୍ତ ପୋଲିଂ କର୍ମଚାରୀ ସୁରକ୍ଷାବଳଙ୍କୁ ମଧ୍ୟ ଶ୍ରୀ ଧଳ ସାଧୁବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ କେତେକ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ କରିବା ପାଇଁ ଭୋଟର ମାନେ ଲମ୍ବା ଧାଡିରେ ଛିଡା ହୋଇଥିଲେ। ନିର୍ଦ୍ଧାରିତ ମତଦାନ ସମୟ ସୁଦ୍ଧା ବୁଥ୍‌ରେ ଥିବା ସମସ୍ତ ଭୋଟର ମତଦାନ କରିଥିଲେ। ସକାଳୁ ମକ୍‌ପୋଲ୍ ସମୟରେ ଅଳ୍ପକିଛି ସ୍ଥାନରେ ଇଭିଏମ୍ ମେସିନ୍‌ରେ ତ୍ରୁଟି ଦେଖାଯାଇଥିବାରୁ ତୁରନ୍ତ ତାହା ବଦଳା ଯାଇଥିଲା ଏବଂ ମତଦାନ ସ୍ୱାଭାବିକ ଭାବେ ଚାଲିଥିଲା। ପୋଲିଂ ଆରମ୍ଭ ହେବା ପରେ ସ୍ୱଳ୍ପ କିଛି ଇଭିଏମ୍‌ରେ ତ୍ରୁଟି ଦେଖାଦେବାରୁ ସେଗୁଡିକୁ ବଦଳା ଯାଇଥିଲା। ଉକ୍ତ ବୁଥ୍‌ରେ ଭୋଟର ମାନେ ଧୈର୍ଯ୍ୟର ସହ ଅପେକ୍ଷା କରିଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଭୋଟର ମାନଙ୍କୁ ମତଦାନ ପ୍ରତି ଆକର୍ଷିତ କରିବା ପାଇଁ ଆଦର୍ଶ ମତଦାନ କେନ୍ଦ୍ରରେ ଗଣତନ୍ତ୍ରର ମହାପର୍ବର ଖୁବ୍ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିଲା। ଯୁବ କର୍ମଚାରୀ, ମହିଳା କର୍ମଚାରୀ, ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ବୁଥ୍ ପରିଚାଳିତ ହୋଇଥିଲା। ଯେଉଁଠାରେ ଭୋଟରମାନଙ୍କୁ ସ୍ୱାଗତ କରାଯାଇଥିଲା। ଅନେକ ବୁଥ୍‌ରେ ସ୍ଥାନୀୟ ଚିତ୍ରକଳା, ଜନଜାତି ଥିମ୍ ଦେଖିବାକୁ ମିଳିଥିଲା। ସମସ୍ତ ବୁଥ୍‌ରେ ମତଦାତାମାନଙ୍କୁ ମତଦାନର ସୁଖଦ ଅନୁଭୂତି ଦିଆଯିବା ପାଇଁ ପୋଲିଂ କର୍ମଚାରୀ ପ୍ରୟାସ କରିଥିଲେ। ସମସ୍ତ ବୁଥ୍‌ରେ ପାନୀୟ ଜଳ, ଛାଇ, ସେଲ୍‌ଫି ଷ୍ଟାଣ୍ଡ ଆଦିର ବ୍ୟବସ୍ଥା କରାଯାଇଥିଲା। ପ୍ରତି ବୁଥ୍‌ରେ ଭୋଟର ସହାୟତା କେନ୍ଦ୍ର ଖୋଲା ଯାଇଥିଲା। ହ୍ୱିଲ୍ ଚେୟାରମାଧ୍ୟମରେ ଭିନ୍ନକ୍ଷମ ଓ ବରିଷ୍ଠ ଭୋଟର ମାନଙ୍କୁ ସ୍ୱେଚ୍ଛାସେବୀ ମାନେ ମତଦାନରେ ସାହାର୍ଯ୍ୟ କରିଥିଲେ। ସେମାନଙ୍କୁ ଘରୁ ମତଦାନ କେନ୍ଦ୍ର ଆଣିବା ଓ ଛାଡିବା ପାଇଁ ମାଗଣାରେ ଯାନ ବ୍ୟବସ୍ଥା କରାଯାଇଥିଲା। ୱେବ କାଷ୍ଟିଂ ଜରିଆରେ ନିର୍ଦ୍ଦିଷ୍ଟ ବୁଥ୍‌ଗୁଡିକ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରିଟର୍ଣ୍ଣିଂ ଅଫିସରମାନଙ୍କ ପକ୍ଷରୁ ତୀକ୍ଷଣ ନଜର ରଖାଯାଇଥିଲା। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ମଧ୍ୟ ୱେବ କାଷ୍ଟିଂ ଜରିଆରେ ବିଭିନ୍ନ ବୁଥ୍‌ରେ ଚାଲିଥିବା ମତଦାନ ପ୍ରକ୍ରିୟାକୁ ଦେଖିଥିଲେ। ଭୁବନେଶ୍ୱର ଲୋକସଭା ଆସନ ଅନ୍ତର୍ଗତ ୭ଟି ଯାକ ବିଧାନସଭା କ୍ଷେତ୍ରରେ ମତଦାନ ହାର କମ୍ ରହିଥିବା ଜଣାପଡିଛି। ଗତ କିଛିଦିନ ଧରି ଘମାଘୋଟ ପ୍ରଚାର ସତ୍ତ୍ୱେ ଭୋଟର ଟର୍ଣ୍ଣଆଉଟ୍ ନୈରାଶ୍ୟଜନକ ରହିଥିଲା। ଏଥିରୁ ଭୁବନେଶ୍ୱରରେ ମତଦାନ ପ୍ରତି ଶିକ୍ଷିତ ଭୋଟରଙ୍କ ଅନାଗ୍ରହ ସ୍ପଷ୍ଟଭାବେ ଅନୁମାନ କରିହେଉଛି।

## ଭାରତୀୟ ଜ୍ୟୋତିଷ ...

ଜ୍ୟୋତିଷ, ଯିଏ ଚାର୍ଟ ବ୍ୟବହାର କରନ୍ତି ଯାହା ଭବିଷ୍ୟତର ଘଟଣା ବିଷୟରେ ପୂର୍ବାନୁମାନ କରିବା ପାଇଁ ଗ୍ରହ ଗ୍ରହ ଆଲାଇନମେଣ୍ଟ ଦେଖାଏ। ବିଶ୍ୱର ଯୁଦ୍ଧ ସ୍ଥିତିକୁ ନେଇ ୨୦୨୪ ମୁଖ୍ୟତଃ ଚିନ୍ତାଜନକ ବୋଲି ପୂର୍ବାନୁମାନ କରାଯାଇଥିଲା। ବିଶେଷ କରି ମେ'୮ରେ – ଏହା କୋରିଆ, ଚୀନ-ତାଇୱାନ, ମଧ୍ୟ ପୂର୍ବରେ ଇସ୍ରାଏଲ ଏବଂ ଅନ୍ୟମାନଙ୍କ ସହ ଜଡିତ ଯୁଦ୍ଧ କ୍ଷେତ୍ରରେ ସର୍ବାଧିକ ବୃଦ୍ଧି ଘଟିଥିବାର ସୂଚିତ କରାଯାଇଛି। ମଧ୍ୟ ପୂର୍ବ ଏବଂ ୟୁକ୍ରେନ-ଋଷିଆ, ନାଟୋର କ୍ରୋଧ ମଧ୍ୟ ସୀମା ଟପିପାରେ ବୋଲି ସେ କହିଛନ୍ତି। "କେତେକ ଦେଶରେ ଶାସନ କରିବାର କ୍ଷମତା ଥିବା କେତେକ ବ୍ୟକ୍ତିଙ୍କୁ ମୁଖ୍ୟ ଚିନ୍ତାଜନକ ଉଦୀୟମାନ ପରିସ୍ଥିତିର ମୁକାବିଲା କରିବା କଷ୍ଟସାଧ୍ୟ ହୋଇପାରେ। କେତେକ ଗୁରୁତର ଅସୁସ୍ଥ ହୋଇପଡିପାରନ୍ତି କିମ୍ବା ଇସ୍ତଫା ମଧ୍ୟ ଦେଇପାରନ୍ତି। ରାଜନୈତିକ ଦୃଶ୍ୟରେ ଉତ୍ତେଜନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ସଂକ୍ଷିପ୍ତ, ଯେଉଁଠାରେ ଅସୁରକ୍ଷିତ, ସମସାମୟିକ ଗ୍ରହ ଗତିବିଧି ସୂଚିତ କରେ ଯେ ସେନା ସାମଗ୍ରିକ ନିୟନ୍ତ୍ରଣ ନେବାକୁ ପଦକ୍ଷେପ ନେଇପାରେ। ଏଭଳି ସ୍ଥିତିରେ ଜ୍ୟୋତିଷ ଏହା ପରେ ଏକ ବିଶ୍ୱଯୁଦ୍ଧ ଆରମ୍ଭ ହେବ ବୋଲି ଭାବିଥିବା ତାରିଖ ପ୍ରକାଶ କରିଥିଲେ। ସେ ନିଜ ଆର୍ଟିକିଲରେ କହିଛନ୍ତି ଯେ, ବର୍ତ୍ତମାନ ମଙ୍ଗଳବାର, ୧୮ ଜୁନ ୨୦୨୪ ତୃତୀୟ ବିଶ୍ୱଯୁଦ୍ଧକୁ ତ୍ୱରିତ କରିବା ପାଇଁ ସବୁଠାରୁ ଶକ୍ତିଶାଳୀ ଗ୍ରହ ଗ୍ରହର ଅନୁକୂଳ ରହିଛି । ଯଦିଓ ୧୦ ଏବଂ ୨୯ ଜୁନ ମଧ୍ୟରେ ଏହା ହୋଇପାରେ।ପଞ୍ଚକୁଲା ଭିତ୍ତିକ କୁମାର ନିଜକୁ ଜଣେ ଜ୍ୟୋତିଷ ଭାବରେ ବର୍ଣ୍ଣନା କରିଛନ୍ତି ଯିଏ ବିଶ୍ୱ ଘଟଣାର ପୂର୍ବାନୁମାନ କରନ୍ତି ଏବଂ ଏହି କାରଣରୁ, ଖବର ସୋସିଆଲ ମିଡିଆରେ ଆକର୍ଷିତ ହେବାରେ ଲାଗିଛି। ବ୍ରିଟେନର ଅଧିକାରୀମାନେ ଯୁଦ୍ଧ ଆରମ୍ଭ ହେବା ପରେ ସେମାନଙ୍କୁ କ'ଣ ଷ୍ଟକ କରିବାକୁ ଏକ ୱେବସାଇଟ୍ ଆରମ୍ଭ କରିବା କିଛି ଦିନ ପରେ ଏହି ଦାବି ଆସିଛି।

## ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୁସଲମାନ ...

ଖୁଲାସା କଲି, ଏସସି-ଏସଟି ଏବଂ ଓବିସି ସଂରକ୍ଷଣ ବିରୋଧରେ ବିରୋଧ କରୁଥିବା ଲୋକମାନେ ସାମ୍ନାକୁ ଆସିବାକୁ ଲାଗିଲେ। ଆରଜେଡି ଏବଂ କଂଗ୍ରେସ ମିଳିତ ଭାବେ ମୋର ଯାଦବ, କୁର୍ମି, କୁଶୱା, କଲୱାର, ଟେଲି, ସୌରୀ, କାନୁ, ନିଶାଦ, ପାଶୱାନ, ରବିଦା, ମୁଶାହର ପରିବାରର ଅଧିକାର ଲୁଟି ନେଇଥିଲେ। ଅନ୍ଧାରରେ, ଏହି ଚୋରମାନେ ତୁମର ଅଧିକାରରୁ ଲୁଟ୍ କରିଛନ୍ତି । ସେମାନେ ଏହି ଜାତିମାନଙ୍କ ପାଇଁ ସଂରକ୍ଷଣ କୋଟା ହ୍ରାସ କରି ନିଜ ଭୋଟ୍ ବ୍ୟାଙ୍କକୁ ଦେଇଥିଲେ। ଏସସି-ଏସଟି ଏବଂ ଓବିସିର ଅଧିକାର ଛଡ଼ାଇ ନିଆଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଇଣ୍ଡିଆ ମିଳିତ ମଞ୍ଚ ମୁସଲମାନମାନଙ୍କୁ ରାତାରାତି ଓବିସି ଭାବରେ ଘୋଷଣା କରିଛି। ବିରୋଧୀ ଦଳ ସମଗ୍ର ଦେଶରେ ଧର୍ମ ଆଧାରରେ ସଂରକ୍ଷଣ ଦେବାକୁ ଚାହୁଁଛନ୍ତି। ମୁଁ ଏସସି-ଏସଟି ଏବଂ ଓବିସି ପରିବାରକୁ ଗ୍ୟାରେଣ୍ଟି ଦେଉଛି ଯେପର୍ଯ୍ୟନ୍ତ ମୋଦି ଜୀବିତ ଅଛନ୍ତି, ମୁଁ ଏସସି-ଏସଟି ଏବଂ ଓବିସି ପରିବାରର ଅଧିକାର ଛଡ଼ାଇ ନେବାକୁ ଦେବି ନାହିଁ। ମୁଁ ଏସସି ,ଏସଟି ଏବଂ ଓବିସି ସଂରକ୍ଷଣ ସହିତ ଦୃଢ଼ ଭାବରେ ଛିଡା ହୋଇଛି ଏବଂ ସର୍ବଦା ସେପରି ରହିବି। ମୁଁ ଜୀବିତ ଥିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବି।

# ୮ ଓ ୯ନଂ ୱାର୍ଡରେ ବିଜେଡିର ଘର ଘର ବୁଲି ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳର ୮ ଓ ୯ନଂ ୱାର୍ଡରେ ବିଜେଡିର ଘର ଘର ବୁଲି ଯୋଡ଼ି ଶଙ୍ଖରେ ଭୋଟ୍ ଦେବାପାଇଁ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୮ନଂ କାଉନସିଲର ସ୍ମୃତିପ୍ରଭା ଶତପଥୀ ଓ ୯ନଂ କାଉନସିଲର ଅଭୟ କୁମାର ବେହେରାଙ୍କ ନେତୃତ୍ୱରେ ପ୍ରଚାର ଅଭିଯାନ କରାଯାଇ ଥିବାବେଳେ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ଲୋକସଭା ପ୍ରାର୍ଥୀ ଅଂଶୁମାନ



ମହାନ୍ତିଙ୍କ ସମେତ ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ସଭାପତି ଧିରେନ ସାହୁ, ହିରଣ୍ୟ କୁମାର ପଣ୍ଡା, ବିଜୟ କୁମାର ମଣ୍ଡଳ, ଜଗନ୍ନାଥ ବେହେରା, ଭ୍ରମରବର ମାହାଲିକ, ଅଶୋକ କୁମାର ମାହାଲିକ, ରୋସନା ସାହୁ, ମୁକ୍ତାର ଖାନ, ଉମେଶ ନାୟକ, ସଞ୍ଜୟ କୁମାର ଶତପଥୀ ପ୍ରମୁଖ ପ୍ରଚାର ଅଭିଯାନ ରେ ସାମିଲ ହୋଇ ବିଜେଡିକୁ ଯୋଡି ଶଙ୍ଖରେ ଭୋଟ୍ ଦେଇ ଜୟଯୁକ୍ତ କରାଇବା ପାଇଁ ଭୋଟର ମାନଙ୍କୁ ନିବେଦନ କରିଥିଲେ । ବହୁ ସଂଖ୍ୟକ ମହିଳା କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ଯୋଡି ଶଙ୍ଖରେ ଭୋଟ ଦେଇ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ୱାର୍ଡବାସୀଙ୍କୁ ନିବେଦନ କରିଥିଲେ ।




ଭୁବନେଶ୍ୱର : ୨୦୨୪ ସାଧାରଣ ନିର୍ବାଚନ ଅବସରରେ ବିଜେଡିର ବରିଷ୍ଠ ନେତା ଭି.କେ. ପାଣ୍ଡିଆନ, ସଚିବ ସୁଜାତା କାର୍ତ୍ତିକେୟନ, ସିଇଓ ନିକୁଞ୍ଜ ବିହାରୀ ଧଳ ଓ ତାଙ୍କ ପତ୍ନୀ ମତଦାନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ମନ୍ତ୍ରୀ ତଥା ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଏକ ବୁଥ୍‌ରେ ମତଦାନ କରୁଛନ୍ତି।



ଭୁବନେଶ୍ୱର : ରାଜଧାନୀରେ କିନ୍ନରମାନେ ମତଦାନ କରି ଫେରୁଥିବାର ଦୃଶ୍ୟ। (ଫଟୋ : ସମ୍ବାଦ କଳିକା)

ଭୁବନେଶ୍ୱର
୨୬ ମଇ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଚାରି ମାସରେ ୨୪ ଟନ୍ ସୁନା କିଣିଛି ଆରବିଆଇ : ଗତ ବର୍ଷର ଆକଳନ ତୁଳନାରେ ଦେଢ଼ଗୁଣ ଅଧିକ

**ନୂଆଦିଲ୍ଲୀ, ୨୫/୦୫**




ଚଳିତବର୍ଷ ଜାନୁଆରୀରୁ ଏପ୍ରିଲ ଚାରିମାସ ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏହାର ଭଣ୍ଡାରରେ ୨୪ ଟନ୍ ସୁନା ଯୋଗକରିଛି । ଭୌଗୋଳିକ ତିକ୍ତତା ମଧ୍ୟରେ ଅସ୍ଥିରତାକୁ ଏଡାଇବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଏହାର ସଂରକ୍ଷଣକୁ ବିବିଧ କରୁଛି । ରିଜର୍ଭ ବ୍ୟାଙ୍କ ତଥ୍ୟ ଅନୁଯାୟୀ, ଗତ ବର୍ଷର ସମାନ ସମୟ ତୁଳନାରେ ଚଳିତ ବର୍ଷର ପ୍ରଥମ ଚାରି ମାସରେ ବ୍ୟାଙ୍କ ପ୍ରାୟ ଦେଢ଼ ଗୁଣ ଅଧିକ ସୁନା କିଣିଛି । ଗତ ବର୍ଷ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ଆରବିଆଇ ଏହାର ସୁନା ଭଣ୍ଡାରରେ ୧୬ ଟନ୍ ବୃଦ୍ଧି କରିଥିଲା । ବ୍ୟାଙ୍କର ସର୍ବଶେଷ ତଥ୍ୟ ଅନୁଯାୟୀ, ସୁନା ଆରବିଆଇର ବୈଦେଶିକ ମୁଦ୍ରା ଭଣ୍ଡାରର ଏକ ବଡ଼ ଅଂଶ । ଚଳିତବର୍ଷ ୨୬ ଏପ୍ରିଲ ରିଜର୍ଭ ବ୍ୟାଙ୍କର ସୁନା ମହଜୁଦ କ୍ଷମତା ୮୨୭.୬୯ ଟନ୍‌ରେ ପହଞ୍ଚିଛି । ଭାରତ ହେଉଛି ବିଶ୍ୱର ବଡ଼ ସୁନା କ୍ରେତା ମଧ୍ୟରୁ ଅନ୍ୟତମ, କିନ୍ତୁ ଦେଶର କେନ୍ଦ୍ରୀୟ ବ୍ୟାଙ୍କ କ୍ୱଚିତ୍ ଏହାର ସୁନା ମହଜୁଦ କରିବାରେ ସକ୍ରିୟ ରହିଥାଏ । ୧୯୯୧ରେ ଯେତେବେଳେ ଦେଶ ବୈଦେଶିକ ମୁଦ୍ରା ସଙ୍କଟର ସମ୍ମୁଖୀନ ହୋଇଥିଲା, ସେତେବେଳେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ସୁନା ଭଣ୍ଡାରର ଏକ ବଡ଼ ଅଂଶ ବନ୍ଧକ ରଖିଥିଲା । ଯଦିଓ ସମସ୍ତ ସୁନା କେନ୍ଦ୍ରୀୟ ବ୍ୟାଙ୍କର ବଫରକୁ ଫେରିଛି, ଏହା କେବଳ ଡିସେମ୍ବର ୨୦୧୭ରୁ ବଜାର କ୍ରୟ ମାଧ୍ୟମରେ ଏହାର ଷ୍ଟକ୍‌ରେ ଯୋଗ କରିବା ଆରମ୍ଭ କରିଛି । ୨୦୨୨ ମସିହାରେ ବ୍ୟାଙ୍କ ବଜାରରୁ ବହୁ ସୁନା କିଣିଥିଲା । ଗତ ବର୍ଷ ଅର୍ଥାତ୍ ୨୦୨୩ରେ ଆରବିଆଇ କମ୍ ସୁନା କିଣିଥିଲା । କିନ୍ତୁ ଚଳିତ ବର୍ଷ ପୁନର୍ବାର ଆକ୍ରମଣାତ୍ମକ ତରିକାରେ କେନ୍ଦ୍ରୀୟ ବ୍ୟାଙ୍କ ସୁନା କିଣୁଛି । ଏଠାରେ ସୂଚନଯୋଗ୍ୟ ଯେ, ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ଅଂଶ ୭.୭୫ ପ୍ରତିଶତ ରହିଥିଲା, ଯାହା ଏପ୍ରିଲ୍ ୨୦୨୪ ଶେଷ ସୁଦ୍ଧା ପ୍ରାୟ ୮.୭ ପ୍ରତିଶତକୁ ବୃଦ୍ଧି ପାଇଛି । ବିଶ୍ୱର ଅନ୍ୟାନ୍ୟ ଉଦୀୟମାନ ବଜାରର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ପରି ଆରବିଆଇ ମଧ୍ୟ ମୁଦ୍ରା ଅସ୍ଥିରତାକୁ ରୋକିବା ଲାଗି ନିଜର ସୁନା ଭଣ୍ଡାରରେ ବିବିଧତା ଆଣିଛି । ଅର୍ଥନୀତିର ସ୍ଥିତି ଆକଳନ କରିବାବେଳେ ଆରବିଆଇ ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ବିଶ୍ୱରେ ଅନିଶ୍ଚିତତା ବୃଦ୍ଧି ହେତୁ ଉଦୀୟମାନ ବଜାରର କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ବହୁ ପରିମାଣରେ ସୁନା କିଣୁଛନ୍ତି । ୨୦୨୪ର ପ୍ରଥମ ତ୍ରୈମାସିକରେ ରିଜର୍ଭ ବ୍ୟାଙ୍କ ୨୯୦ ଟନ୍ ସୁନା କିଣିଥିଲେ । ତେବେ ଏହା ସମୁଦାୟ ବିଶ୍ୱ ସୁନା ଚାହିଦାର ଏକ ଚତୁର୍ଥାଂଶ ।






ଭୁବନେଶ୍ୱର : ସହିଦନଗର ହାଇସ୍କୁଲ ମତଦାନ କେନ୍ଦ୍ରରେ 'କଥାକଳିକା'ର ମୁଖ୍ୟ ସଂପାଦିକା ତଥା ବିଶିଷ୍ଟ ଅନୁବାଦିକା ୮୫ ବର୍ଷିୟା ଶ୍ରୀମତୀ ସୁପ୍ରଭା ରାୟ ଭୋଟ ଦେଉଛନ୍ତି । ସେହିପରି ସହିଦନଗର ୟୁପି ସ୍କୁଲ ମତଦାନ କେନ୍ଦ୍ରରେ ୧୦୫ ବର୍ଷିୟା ରଙ୍ଗଲତା ଆଚାର୍ଯ୍ୟ ଭୋଟ ଦେଇଛନ୍ତି । (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । (ଫଟୋ : ସମ୍ବାଦ କଳିକା)

# ୭୦ ହଜାରରୁ ଅଧିକ ବ୍ୟବଧାନରେ ବିଜୟୀ ହେବେ ପ୍ରଣବ - ଦୃଢ଼ୋକ୍ତି ପ୍ରକାଶ କଲେ କାର୍ତ୍ତିକ ପାଣ୍ଡିଆନ୍

**ଧର୍ମଶାଳା/ଯାଜପୁର, ୨୫/୦୫**
**ନ୍ୟୁଜ ବ୍ୟୁରୋ**



ଶନିବାର ଧର୍ମଶାଳା ମହୋତ୍ସବ ପଡିଆରେ ଆୟୋଜିତ ବିଶାଳ ଜନସମାବେଶରେ ମୁଖ୍ୟଅତିଥି ଭାବରେ ବିଜେଡିର ବରିଷ୍ଠ ନେତା ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଧର୍ମଶାଳାର ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତ ରାୟ ଏବଂ ଧର୍ମଶାଳାବାସୀଙ୍କୁ ଭୂରିଭୂରି ପ୍ରଶଂସା କରିବା ସହିତ ସ୍ୱର୍ଗତ କଳ୍ପତରୁ ଦାସଙ୍କୁ ମନେ ପକାଇ ସେ କରିଥିବା କାର୍ଯ୍ୟରୁ ତାଙ୍କୁ ପ୍ରେରଣା ମିଳେ ବୋଲି ପ୍ରକାଶ କରିଥିଲେ । ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଦେଖି ୨୦୧୯ ମସିହାରେ ଧର୍ମଶାଳାବାସୀ ୫୩ ହଜାରୁ ଊର୍ଦ୍ଧ୍ୱ ଭୋଟରେ ବିଜୁ ଜନତା ଦଳ ପ୍ରାର୍ଥୀ ବିଜୟୀ ହୋଇଥିବା ସ୍ଥଳେ ୨୦୨୪ରେ ପ୍ରାୟ ୭୦ ହଜାରୁ ଊର୍ଦ୍ଧ୍ୱ ବ୍ୟବଧାନରେ ପ୍ରଣବ କୁମାର ବଳବନ୍ତ ରାୟଙ୍କୁ ବିଜୟୀ କରିବେ ବୋଲି ନିଜ ବ୍ୟକ୍ତବ୍ୟରେ କହିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମଶାଳା ପାଇଁ ଯେଉଁସବୁ କାର୍ଯ୍ୟ କରିଛନ୍ତି ତା'ର ହିସାବ ଦେବା ସହିତ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ଶପଥ ନେବାପରେ ପ୍ରଥମେ ବିଜୁଳି ବିଲ୍ ଛାଡ କରିବେ, ମିଶନ ଶକ୍ତି ମା'ମାନଙ୍କୁ ପେନସନ ଦେବେ, ଯେଉଁମାନେ ବିଏସ୍‌କେୱାଇ କାର୍ଡରୁ ବଞ୍ଚିତ ଅଛନ୍ତି ସମସ୍ତେ ବିଏସ୍‌କେୱାଇ କାର୍ଡରେ ସେବା ପାଇପାରିବେ ବୋଲି ସେ କହିଥିଲେ । ଜୁନ ୧ ତାରିଖ ଦିନ ସାଂସଦ ପ୍ରାର୍ଥିନୀ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ । ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତ ରାୟ ନିଜ ବକ୍ତବ୍ୟରେ ବିଜୁ ଜନତା ଦଳର ଗଠନ ଦିନରୁ ଧର୍ମଶାଳାବାସୀ ସର୍ବଦା ବିଜୁ ଜନତା ଦଳରେ ପରିବାର ସଦସ୍ୟ ହୋଇ ରହିଛନ୍ତି ବୋଲି ପ୍ରକାଶ କରିବା ସହିତ ବିରୋଧିମାନେ କହୁଥିବା ପରିବାରବାଦ କଥାକୁ କଡା ଜବାବ ଦେଇ ଧର୍ମଶାଳାବାସୀ ତାଙ୍କ ବାପାଙ୍କୁ ଏବଂ ତାଙ୍କୁ ଯେଉଁ ଭଲ ପାଇବା ଓ ଆଶୀର୍ବାଦ ଦେଇଛନ୍ତି ସେ ସର୍ବଦା ଧର୍ମଶାଳାବାସୀଙ୍କ ପାଖରେ ଚିରଋଣି ଓ ସେବାପାଇଁ ସେ ସମର୍ପିତ ଥିବା ପ୍ରକାଶ କରିଥିଲେ । ସାଂସଦ ପ୍ରାର୍ଥିନୀ ତାଙ୍କ ବକ୍ତବ୍ୟରେ ଯାଜପୁର ଜିଲ୍ଲାରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟର ହିସାବ ରଖିବା ସହିତ ପୁଣିଥରେ ଯାଜପୁରବାସୀଙ୍କର ସେବା କରିବା ପାଇଁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧର୍ମଶାଳା ବ୍ଲକର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତ ରାୟ, ରସୁଲପୁର ବ୍ଲକର ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧର୍ମଶାଳା ବ୍ଲକ ସଭାପତି ଜଳଧର ମହାନ୍ତି, ରସୁଲପୁର ବ୍ଲକ ସଭାପତି ଲୋକନାଥ ପଣ୍ଡା ଓ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

ସେ କହିଛନ୍ତି, ସୁକିନ୍ଦା ଜଗନ୍ନାଥ ମନ୍ଦିର ପାଇଁ ଦେଢ କୋଟି ଟଙ୍କା ସହ ସୁକିନ୍ଦାକୁ ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ, ଦୁଇଟି ରେଲୱେ ଓଭରବ୍ରିଜ ଓ ରେଙ୍ଗାଲି ବାମ କେନାଲ କାର୍ଯ୍ୟକ୍ଷମ ହେବା ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି ରାଜ୍ୟ ସରକାର । ନବୀନ ପଟ୍ଟନାୟକ ସବୁବେଳେ ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇଥାନ୍ତି । ତେଣୁ ଜୁନ ୯ରେ ଷଷ୍ଠ ଥର ପାଇଁ ଶପଥ ନେବା ପରେ ସେହିଦିନ ବିଜୁଳି ବିଲ୍ ଛାଡ, ସମସ୍ତଙ୍କୁ ବିଏସକେୱାଇ କାର୍ଡ ଓ ମିଶନ ଶକ୍ତି ମହିଳାଙ୍କୁ ପେନସନ ଘୋଷଣା କରିବେ ।

ନେତା ଯେମିତି ସେନାପତି ବି ସେମିତି । ଗତଥର ମୁଖ୍ୟମନ୍ତ୍ରୀ ଆସ୍କା ଲୋକସଭା ଆସନରୁ ଜଣେ ଏସଏଚଜି ମା'ଙ୍କୁ ପ୍ରାର୍ଥୀ କରିଥିଲେ । ଏଥର ବବି ବାବୁ ବି ଜଣେ ଏସଏଚଜି ମା'ଙ୍କୁ ଯାଜପୁର ବିଧାନସଭା ଆସନରୁ ପ୍ରାର୍ଥୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯାଜପୁରକୁ ବହୁତ ଭଲ ପାଆନ୍ତି । ତାଙ୍କ ସମ୍ମାନ ରକ୍ଷା କରନ୍ତୁ । ଯାଜପୁରରୁ ଏକ ଲକ୍ଷ ମାର୍ଜିନରେ ଉଭୟ ବିଧାୟକ ଓ ସାଂସଦଙ୍କୁ ଜିତାନ୍ତୁ । ଯାଜପୁରବାସୀଙ୍କୁ ଶନିବାର ଏଭଳି ଅପିଲ କରିଛନ୍ତି ୫-ଟି ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ । ଯାଜପୁର ବିଧାୟକ ପ୍ରାର୍ଥୀଙ୍କୁ ଏତେ ମାର୍ଜିନରେ ଜିତାନ୍ତୁ ଯେପରି ଆସନ୍ତା ନିର୍ବାଚନରେ ବିରୋଧୀ ନାମାଙ୍କନ ଦାଖଲ କରିବାକୁ ଡରିବେ ବୋଲି ସେ ଆହ୍ୱାନ ଦେଇଛନ୍ତି । ମା'ବିରଜା ମନ୍ଦିରର ରୂପାନ୍ତରଣ ହେଉ କି ଯାଜପୁରରେ ମେଡିକାଲ କଲେଜ ସବୁ କିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯାଜପୁର ପ୍ରତି ଥିବା ଭଲପାଇବାର ଉଦାହରଣ । ଯାଜପୁର ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟର ଏକ ନମ୍ବର ଜିଲ୍ଲା ହୋଇପାରିବ ବୋଲି ସେ କହିଛନ୍ତି ।




# ଡ୍ୟୁଟି ବେଳେ ଜଣେ ପୋଲିଂ ଏଜେଣ୍ଟଙ୍କ ମୃତ୍ୟୁ ସହ ଜଣେ ଆହତ

**ଢେଙ୍କାନାଳ/ଭୁବନେଶ୍ୱର, ୨୫/୦୫ ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବାହାଲୁଣ୍ଡା ବୁଥ୍‌ରେ ପୋଲିଂ ଏଜେଣ୍ଟ ଶୁକଦେବ ପଟ୍ଟନାୟକଙ୍କ ମୃତ୍ୟୁ ଘଟିଛି । ହିନ୍ଦୋଳ ବିଧାନସଭା ପାଇଁ ମତଦାନ ଚାଲିଥିଲା ବେଳେ ଅସହ୍ୟ ଖରା ଏବଂ ଗରମ ଯୋଗୁଁ ସେ ପ୍ରଥମେ ଅଚେତ୍ ହୋଇ ପଡ଼ିଥିଲେ । ହିନ୍ଦୋଳ ନୁଆବଗ ପଞ୍ଚାୟତ ବାହାକୁଣ୍ଡା ବୁଥ ନମ୍ବର ୧୩୬ରେ କାର୍ଯ୍ୟରତ ଥିଲେ ଶୁକଦେବ ପଟ୍ଟନାୟକ । ଅଚେତ୍ ହୋଇ ତଳେ ପଡ଼ିବା ପରେ ତାଙ୍କୁ ପ୍ରଥମେ ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ହିନ୍ଦୋଳ ଉପଖଣ୍ଡ ମେଡିକାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ଦେଖାଦେଇଥିଲା ।

ସେହିପରି ଭୁବନେଶ୍ୱର ଲୋକସଭା କ୍ଷେତ୍ର ଅଧୀନ ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିୟୋଜିତ ଥିବା ଜଣେ ପୋଲିଂ କର୍ମଚାରୀ ଅଂଶୁଘାତର ଶିକାର ହୋଇଛନ୍ତି । ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ୧୧୧ ଜୟଦେବ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିପାଟଣା ବ୍ଲକ ମଝିହରା ବୁଥର ଜନୈକ କର୍ମଚାରୀ ଅଂଶୁଘାତର ଶିକାର ହୋଇଛନ୍ତି । ମତଦାନ ଚାଲିଥିବା ସମୟରେ ପ୍ରବଳ ଗୁଳୁଗୁଳି ଯୋଗୁଁ ଫାଷ୍ଟ ପୋଲିଙ୍ଗ ଅଫିସର ହିମାଂଶୁ ଶେଖର ପାଢ଼ୀ ( ୩୩ ) ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କୁ ଅଂଶୁଘାତ କକ୍ଷରେ ରଖାଯାଇ ପ୍ରାଥମିକ ଚିକିତ୍ସା ଜାରି ରହିଛି ।

# ଓଡ଼ିଶାରେ ବହୁମତ ହାସଲ କରିବ ବିଜେପି : ଧର୍ମେନ୍ଦ୍ର





**ଭୁବନେଶ୍ୱର, ୨୫/୦୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ୨୧ଟି ଲୋକସଭା ଆସନରେ ଭାରତୀୟ ଜନତା ପାର୍ଟି (ବିଜେପି) ଜିତିବ । ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେପି ବହୁମତ ହାସଲ କରିବ । ଭୁବନେଶ୍ୱରର ଚନ୍ଦ୍ରଶେଖର ପୁରସ୍ଥିତ ଡିଏଭି ସ୍କୁଲ ମତଦାନ କେନ୍ଦ୍ରରେ ଭୋଟ୍ ଦେଲା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଏହା ପରେ ଭୁବନେଶ୍ୱରରେ ଭୋଟ ଦେଇଛନ୍ତି ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ । ସେ ନୟାପଲ୍ଲୀ ଏନ-୧ ୟୁପି ସ୍କୁଲର ୧୧୮ ନମ୍ବର ବୁଥ୍‌ରେ ପହଞ୍ଚି ଭୋଟ ଦେଇଛନ୍ତି । ଲମ୍ବା ଲାଇନରେ ଛିଡ଼ା ହୋଇ ଅପରାଜିତା ଷଡ଼ଙ୍ଗୀ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଅପରାଜିତାଙ୍କ ସହ ବୁଥରେ ବିଜେପି ଉତ୍ତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଗଣତନ୍ତ୍ରର ମହାଉତ୍ସବରେ ସାମିଲ ହୋଇ ଖୁସି ଅନୁଭବ କରୁଛି । ଭୋଟ ଦେବା ପାଇଁ ମୋତେ ସୌଭାଗ୍ୟ ମିଳିଛି । ଭୁବନେଶ୍ୱର ଉତ୍ତର ବିଧାନସଭା ଆସନରେ ମୁଁ ଭୋଟ ଦେଇଛି । ଲୋକସଭା ପାଇଁ ଅପରାଜିତା ଷଡ଼ଙ୍ଗୀ ଓ ବିଧାନସଭା ପାଇଁ ପ୍ରିୟଦର୍ଶୀ ମିଶ୍ରଙ୍କ ସପକ୍ଷରେ ଭୋଟ ଦେବାର ସୌଭାଗ୍ୟ ପାଇଛି । ଏହି ନିର୍ବାଚନରେ ଲୋକ ପରିବର୍ତ୍ତନ ଚାହିଁଛନ୍ତି । ମୋର ବିଶ୍ୱାସ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଲୋକେ ଭୋଟ ଦେଇଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସକାଳୁ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ତାଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ଜନତା ନିଜ ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଅପିଲ କରିଥିଲେ । ଏହାସହ କେନ୍ଦ୍ରରେ ମୋଦି ସରକାର ହେବା ସହ ରାଜ୍ୟରେ ମଧ୍ୟ ବିଜେପି ସରକାର ଗଠନ କରିବ ବୋଲି ସେ କହିଥିଲେ ।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ସାଇବର ଅପରାଧରେ ୭,୦୬୧ କୋଟି କ୍ଷତି: ଦିନକୁ ୭୦୦୦ ଅଭିଯୋଗ

**ନୂଆଦିଲ୍ଲୀ, ୨୫/୦୫**



ସାଇବର ଅପରାଧ ଦେଶ ପାଇଁ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦିନକୁ ହାରାହାରି ୭ ହଜାର ଅଭିଯୋଗ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ୍‌ରେ ପଞ୍ଜୀକୃତ ହେଉଛି । କାମ୍ବୋଡ଼ିଆ, ମ୍ୟାମାର ଓ ଲାଓସ୍ ଭଳି ଦେଶରୁ ସାଇବର ଅପରାଧୀମାନେ ଭାରତୀୟଙ୍କୁ ଟାର୍ଗେଟ୍ କରୁଛନ୍ତି । ସାଇବର ଅପରାଧରେ ଭାରତୀୟମାନେ ଚଳିତ ବର୍ଷର ପ୍ରଥମ ଚାରି ମାସରେ ୭,୦୬୧ କୋଟି ଟଙ୍କା ହରାଇଛନ୍ତି ବୋଲି ଭାରତୀୟ ସାଇବର ଅପରାଧ ସଂଯୋଜନା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । କେନ୍ଦ୍ରର ସିଇଓ ରାଜେଶ କୁମାର କହିଛନ୍ତି ଯେ ସାଇବର ଅପରାଧ ଲାଗି ବ୍ୟବହାର ହେଉଥିବା ୱେବ୍ ଆପ୍ଲିକେସନ୍‌ଗୁଡ଼ିକରେ ମାଣ୍ଡାରିନ୍ (ଚୀନ୍‌ର ଭାଷା) ବ୍ୟବହାର କରାଯାଇଛି । ତେଣୁ ଏଭଳି ଠକେଇଗୁଡ଼ିକ ପଛରେ ଚୀନ୍‌ର ହାତ ଥିବା ସନ୍ଦେହ କରାଯାଉଛି । ମାତ୍ର ବ୍ୟାପକ ଭାବେ ଦେଖିଲେ ୪୪,୦୦୦ ଚୀନ୍ ନାଗରିକ ମଧ୍ୟ ସାଇବର୍ ଅପରାଧର ଶିକାର ହୋଇଛନ୍ତି । ତେଣୁ ସାଇବର ଅପରାଧୀଙ୍କ ବିଶ୍ୱସ୍ତରରେ ଏକ ବଡ଼ ନେଟ୍‌ୱର୍କ ରହିଛି ବୋଲି କୁହାଯାଇପାରିବ । ମିଳିଥିବା ତଥ୍ୟ ଅନୁସାରେ ୨୦୧୯ରେ ସାଇବର ଅପରାଧ ସମ୍ପର୍କିତ ୨୦,୦୪୯ ଅଭିଯୋଗ ଆସିଥିଲା । ୨୦୨୦ରେ ସେହି ସଂଖ୍ୟା ୨,୫୭,୦୦୦, ୨୦୨୧ରେ ୪,୫୨,୦୦୦, ୨୦୨୨ରେ ୯,୬୬,୦୦୦ ଓ ୨୦୨୩ରେ ୧.୫୬ ନିୟୁତ ଅଭିଯୋଗ ଆସିଥିଲା । ୨୦୨୪ରେ ଏପ୍ରିଲ୍ ୩୦ ସୁଦ୍ଧା ୭,୪୦,୦୦୦ ସାଇବରଅପରାଧ ଅଭିଯୋଗ ପଞ୍ଜୀକୃତ ହୋଇଛି । ଭାରତୀୟମାନେ ଶିକାର ହେଉଥିବା ଠକେଇଗୁଡ଼ିକ ମଧ୍ୟରେ ରହିଛି ଡିଜିଟାଲ୍ ଗିରଫ ମାମଲା । ଏଥିରେ ଅପରାଧୀମାନେ ଲୋକମାନଙ୍କୁ ଡ୍ରଗ୍‌ସ କାରବାର ସହ ଲିପ୍ତ ଥିବା ମିଛ ଅଭିଯୋଗ ଆଣି ତାଙ୍କ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କୁ ସେକଥା ଜଣାଇ ଦେଉଛନ୍ତି । ନକଲି ପୁଲିସ ଅଧିକାରୀ ସାଜି ଭିଡିଓକଲ୍ ମାଧ୍ୟମରେ ଗିରଫ କରିବା ନାଟକ କରୁଛନ୍ତି । କିଛି ଲୋକ ଭୟଭୀତ ହୋଇ ସେମାନେ ମାଗୁଥିବା ପାଣ୍ଠି ଦେଇ ମାମଲା ରଫାଦଫା କରୁଛନ୍ତି । ଆଉ ଏକ ପ୍ରକାର ଠକେଇ ହେଉଛି ଟ୍ରେଡିଂ ସ୍କାମ୍ । ଏଥିରେ ଲୋକମାନଙ୍କୁ ନିବେଶ ଉପରେ ମୋଟା ଅଙ୍କର ଲାଭ ଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଲୁଟ୍ କରାଯାଉଛି । ସେହିପରି ନିବେଶ ସ୍କାମ୍ ରହିଛି, ଯେଉଁଥିରେ ଲୋକପ୍ରିୟ କମ୍ପାନିର ପ୍ରତିନିଧି ଭାବେ ଲୋକଙ୍କୁ ନିବେଶ ନାଁରେ ଭୁଆଁ ବୁଲାଇବାକୁ ଚେଷ୍ଟା କରାଯାଉଛି । ରୋମାନ୍ସ ଓ ଡେଟିଂ ନାଁରେ ମଧ୍ୟ ଠକେଇ ହେଉଛି । ଡିଜିଟାଲ୍ ଗିରଫ ସ୍କାମ୍‌ରେ ଭାରତୀୟମାନେ ୧୨୦.୩୦ କୋଟି ଟଙ୍କା ହରାଇଥିବା ବେଳେ ଟ୍ରେଡିଂ ସ୍କାମ୍‌ରେ ୧୪୨୦.୪୮ କୋଟି ଟଙ୍କା, ନିବେଶ ସ୍କାମ୍‌ରେ ୨୨.୫୮ କୋଟି ଟଙ୍କା ଏବଂ ରୋମାନ୍ସ ଓ ଡେଟିଂ ସ୍କାମ୍‌ରେ ଲୋକମାନେ ୧୩.୨୩ କୋଟି ଟଙ୍କା ହରାଇଛନ୍ତି । ସାଇବର ଅପରାଧର ମୁକାବିଲା କରିବା ଲାଗି ଭାରତୀୟ ଏଜେନ୍ସିଗୁଡ଼ିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୩,୨୫,୦୦୦ ମ୍ୟୁଲ୍ ଖାତା ବନ୍ଦ କରିଥିବା ବେଳେ ୩,୦୦୦ରୁ ଅଧିକ ୟୁଆରଏଲ୍, ୫,୩୦,୦୦୦ ସିମ୍ କାର୍ଡ, ୮୦,୮୪୮ ଆଇଏମ୍‌ଇଆଇ ନମ୍ବର ଓ ୫୯୫ ଆପ୍‌କୁ ଅଚଳ କରିଛନ୍ତି ।

# ଭୟାବହ ଅଗ୍ନିକାଣ୍ଡରେ ୧୭ରୁ ଊର୍ଦ୍ଧ୍ୱ ଦୋକାନ ଜଳି ପାଉଁଶ

**ବଲାଙ୍ଗୀର, ୨୫/୦୫ ନ୍ୟୁଜ ବ୍ୟୁରୋ**

ଟିଟିଲାଗଡରେ ଭୟାବହ ଅଗ୍ନିକାଣ୍ଡ । ହୁତୁ ହୁତୁ ହୋଇ ଜଳିଗଲା ୧୭ରୁ ଊର୍ଦ୍ଧ୍ୱ ଦୋକାନ । ସୂଚନା ଅନୁସାରେ ଶନିବାର ଭୋର ସମୟରେ ଟିଟିଲାଗଡ଼ ହାଟପଦା ରେଲୱେ ଓଭର ବ୍ରିଜ ଠାରେ ଅଗ୍ନିକାଣ୍ଡ ଘଟିଛି । ଏହି ଘଟଣାରେ ୧୭ରୁ ଊର୍ଦ୍ଧ୍ୱ ଦୋକାନ ଆଖି ପିଛୁଳାକେ ନିଆଁ ଲାଗି ଜଳି ପୋଡ଼ି ପାଉଁଶ ହୋଇଯାଇଛି । ସେପଟେ ଅଗ୍ନିଶମ ବିଭାଗର ତିନୋଟି ଗାଡ଼ି ପହଞ୍ଚି ଏଠି ନିଆଁକୁ ଆୟତ୍ତ କରିବାର ପ୍ରୟାସ ଜାରି ରଖିଥିଲା । ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରି ଜଳି ନଷ୍ଟ ହୋଇଥିବାର ସୂଚନା ମିଳିଛି । ତେବେ ଘଟଣା ସ୍ଥଳରେ ଟିଟିଲାଗଡ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ତଦାରଖ କରୁଛନ୍ତି । ତେବେ ଏହି ଓଭରବ୍ରିଜ୍ ତଳେ କିଛି ଉଠା ଦୋକାନ ସହ ଛୋଟ ବଡ଼ ଖୁଚୁରା ଓ ଥୋକ ବିକ୍ରେତାଙ୍କ ଦୋକାନ ଥିଲା । କପଡା, ଚପଲ, ଷ୍ଟେସନାରୀ, ପନିପରିବା ତେଜରାତି ଭଳି ଦୋକାନ ଏଠି ଥିବା ବେଳେ ଏହି ଅଗ୍ନିକାଣ୍ଡରେ ସବୁ ଦୋକାନ ଓ ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡିନଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ଅଭିଯୋଗ ହେଉଛି । ସେପଟେ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀମାନେ ଅଗ୍ନିକାଣ୍ଡର କାରଣ ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି ଏବଂ ଏଥିରେ ସେମାନଙ୍କ ଦୋକାନ ତଥା ଘର ଜଳି ପୋଡ଼ି ନଷ୍ଟ ହୋଇଥିବାରୁ ସରକାରୀ ସାହାଯ୍ୟ ସେମାନେ ଦାବି କରିଛନ୍ତି ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜ୍ୟରେ ସରିଲା ହାତୀ ଗଣନା : କ୍ୟାମେରାରେ କଏଦ ହେଲା କୌତୁହଳ ଦୃଶ୍ୟ

**ଭୁବନେଶ୍ୱର, ୨୫/୦୫ ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ସରିଲା ହାତୀ ଗଣନା । ଗଣନା ବେଳେ ଜଙ୍ଗଲ ମଧ୍ୟରେ କ୍ୟାମେରାରେ କଏଦ ହେଲା ହାତୀ ପଲଙ୍କ ଦୃଶ୍ୟ । ୩ ଦିନ ଧରି ଏହି ଗଣନା କାର୍ଯ୍ୟ କରାଯାଇଥିବା ବେଳେ ବିଭିନ୍ନ ସମୟରେ ହାତୀଙ୍କ କୌତୁହଳ ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ହାତୀଙ୍କ ଉପସ୍ଥିତ ଥିବା ରାଜ୍ୟର ୪୬ଟି ଡିଭିଜନ୍‌ରେ ଗଣନା କରାଯାଇଥିଲା । ଏଥିପାଇଁ ଜଙ୍ଗଲରେ ୧ ହଜାର ୧୩୬ଟି ମଞ୍ଚା ନିର୍ମାଣ କରାଯାଇଥିଲା । ଏହା ସହ ବାରାକ, ୱାଚ ଟାୱାର ସମେତ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଥିବା ଉଚ୍ଚା ସ୍ଥାନକୁ ଗଣନା କାର୍ଯ୍ୟ ସମୟରେ ବ୍ୟବହାର କରାଯାଇଥିଲା । ତେବେ ଏହି ଗଣନା ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୨୪ ତାରିଖରେଶେଷ ହୋଇଥିଲା । ବନ୍ୟପ୍ରାଣୀ ପିସିସିଏଫଙ୍କ ସୂଚନା ମୁତାବକ, ହାତୀ ଗଣନା ଶେଷ ହୋଇଛି । ଏହି ସମୟରେ ଜଙ୍ଗଲ ମଧ୍ୟରେ ହାତୀଙ୍କ କୌତୁହଳ ଦୃଶ୍ୟ ମଧ୍ୟ କଏଦ ହୋଇଛି । ଦୁଇଟି ମଧ୍ୟ ବୟସ୍କ ହାତୀ ଏକ ଗାଡ଼ିଆରେ ଜଳ କ୍ରୀଡା କରୁଥିବାର ଦେଖିବାକୁ ମିଳିଥିଲା । ଅନ୍ୟପଟେ ଆଉ ଏକ ହାତୀ ପଲ ଗାଁଠାରୁ ଅଳ୍ପ କିଛି ଦୂରରେ ଥିବା ଜଙ୍ଗଲରେ ରହିଥିବାର ଦେଖିବାକୁ ମିଳିଛି । ପ୍ରଥମ ଦିନ ଠାରୁ ଆରମ୍ଭ କରି ତୃତୀୟ ଦିନ ପର୍ଯ୍ୟନ୍ତ ଜଙ୍ଗଲ ମଧ୍ୟରେ ହାତୀ ପଲମାନଙ୍କର ଚିତ୍ର ଭଲ ଭାବରେ ଜଣାପଡୁଥିଲା । ଅନେକ ସମୟରେ ସେମାନେ ଜଙ୍ଗଲରେ ଏକତ୍ରିତ ରହୁଥିବାର ନଜରକୁ ଆସୁଥିଲା । ସୂଚନା ଅନୁଯାୟୀ, ଶେଷ ଥର ପାଇଁ ରାଜ୍ୟରେ ୨୦୧୭ ମସିହା ମେ'ମାସରୁ ଜୁଲାଇ ମାସ ମଧ୍ୟରେ ହାତୀ ଗଣନା କରାଯାଇଥିଲା । ଏହାପର ଠାରୁ ହାତୀ ଗଣନା ଆଉ ହୋଇ ନାହିଁ । ୨୦୧୫ ଗଣନା ସମୟରେ ରାଜ୍ୟରେ ୧ ହଜାର ୯୫୪ ଟି ହାତୀ ରହିଥିବା ବେଳେ ୨୦୧୭ ମସିହାରେ ତାହା ବୃଦ୍ଧି ପାଇ ୧ ହଜାର ୯୭୬ରେ ପହଞ୍ଚିଥିଲା । ସେହି ସମୟର ସର୍ବମୋଟ ୨୨ଟି ହାତୀ ବୃଦ୍ଧି ଘଟିଥିଲା । ରାଜ୍ୟର ୪୩ଟି ବନ୍ୟପ୍ରାଣୀ ଡିଭିଜନରେ ଏହି ହାତୀ ଗଣନା କରାଯାଇଥିଲା । ଏହା ସହ ହାତୀ ଗଣନା ସମେତ କଳରାପତରିଆ ବାଘର ମଧ୍ୟ ଗଣନା ଆରମ୍ଭ ହୋଇଛି । ୪୦ ଦିନ ଧରି ଏହି ଗଣନା କରାଯିବ । ଏଥିରେ ଟ୍ରାପ୍ କ୍ୟାମେରା ବ୍ୟବହାର କରାଯାଉଛି । ଏଥିପାଇଁ ରାଜ୍ୟରେ ଥିବା ୫୧ ଟି ଡିଭିଜନ୍‌ରେ ୩ ହଜାର ୩୧୨ଟି କ୍ୟାମେରା ଲଗାଯାଇଛି । ବ୍ୟାଘ୍ର ଅଭୟାରଣ୍ୟ ଭିତରେ କଳରାପତରିଆଙ୍କ ଯାଞ୍ଚ କରିବାକୁ ପ୍ରତି ଦୁଇ ବର୍ଗ କିଲୋମିଟର ବ୍ୟବଧାନରେ କ୍ୟାମେରା ବ୍ୟବସ୍ଥା କରାଯାଇଛି । ଅନ୍ୟାନ୍ୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଗୁଡ଼ିକରେ ୨୫ ବର୍ଗ କିଲୋମିଟରରେ ୫ ଯୋଡ଼ା ଟ୍ରାପ୍ କ୍ୟାମେରା ବ୍ୟବହାର କରାଯାଇଛି । ୨୦୨୩ ସେପ୍ଟେମ୍ବର ୧୫ ତାରିଖରୁ ଜାନୁଆରୀ ୩୧ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ ବାଘ ଗଣନା ପାଇଁ ଲଗାଯାଇଥିବା ଟ୍ରାପ୍ କ୍ୟାମେରାରେ ରହିଥିବା ଚିତ୍ର ଗୁଡ଼ିକୁ ରେଫରେନ୍ସ ଭାବେ ବ୍ୟବହାର କରାଯାଉଛି ।